

ଶ୍ରଦ୍ଧା ସ୍ବରଣିକାଙ୍କୁ ସ୍କୁଲ୍ ଚେସ୍ ଟାଇଟଲ୍

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-27 ◆MONDAY ◆21 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୭ ◆ସୋମବାର ◆୨୧ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସିରିଆରେ ସାମ୍ପ୍ରଦାୟିକ ଦଙ୍ଗା; ୧୦୦୦ ମୃତ



■ ଦମାସକସ୍, ୨୦।୭ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ସିରିଆର ଦ୍ରୁଜ ବହୁଳ କ୍ଷେତ୍ର ସ୍ୱେଦାରେ ସାମ୍ପ୍ରଦାୟିକ ଦଙ୍ଗା ଉଗ୍ରରୂପ ଧାରଣ କରିଛି। ଗତ ଏକ ସପ୍ତାହ ମଧ୍ୟରେ ହୋଇଥିବା ହିଂସାକାଣ୍ଡରେ ଏପର୍ଯ୍ୟନ୍ତ ଏକହଜାର ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ବ୍ରିଟେନ ସ୍ଥିତ ସିରିଆର ଆବଜରଭେଟରୀ ଫର ହ୍ୟୁମାନ ରାଇଟ୍ସ କହିଛି। ଏହି ଅଞ୍ଚଳରେ ମେସିନଗନ ଓ ମୋର୍ଟାର ଗୁଳିଗୋଳାର ଶବ୍ଦ ଶୁଣିବାକୁ ମିଳିଛି। ଅସ୍ତ୍ରବିରତି ଲାଗୁ କରିବାରେ ସରକାର ବିଫଳ ହୋଇଛନ୍ତି। ଦ୍ରୁଜ ସମ୍ପ୍ରଦାୟ ଓ ବେଦୁଇନ୍ ଜନଜାତି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା। ସିରିଆର ଦକ୍ଷିଣ ଭାଗରେ ସୁରକ୍ଷାବାହିନୀ ନିୟୋଜିତ କରାଯାଇଥିଲେ ମଧ୍ୟ ହିଂସା ରୋକିବାରେ ସଫଳ ହୋଇନାହାନ୍ତି। ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ସରକାର ସୈନ୍ୟ ପଠାଇଥିଲେ। ତେବେ ଦ୍ରୁଜ୍ ଯୋଦ୍ଧାମାନେଙ୍କ ସହିତ ସେନାର ସଂଘର୍ଷ ହୋଇଥିଲା। ଶନିବାର ଦ୍ରୁଜ୍ ଓ ବେଦୁଇନ୍ ପୁଣି ମୁହାଁମୁହିଁ ହୋଇଥିଲେ। ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ସିରିଆ ସରକାର ଦାବି କରିଛନ୍ତି।

## ବିଧାନସଭାରେ ଗେମ୍ ଖେଳିଲେ ମହାରାଷ୍ଟ୍ର କୃଷିମନ୍ତ୍ରୀ



### ଦିନକୁ ରାଜ୍ୟରେ ୮ ଚାଷୀ କରୁଛନ୍ତି ଆତ୍ମହତ୍ୟା: ବିରୋଧୀ

### ତିନି ମାସରେ ୭୫୦ ଚାଷୀଙ୍କ ଆତ୍ମହତ୍ୟା; ସରକାର ଶୋଇଛନ୍ତି

■ ମୁମ୍ବାଇ, ୨୦।୭ (ଏଜେନ୍ସି): ମହାରାଷ୍ଟ୍ର ବିଧାନସଭାରେ ବସି କୃଷିମନ୍ତ୍ରୀ ମାଣିକରାଓ କୋକାଟେ ମୋବାଇଲରେ ଗେମ୍ ଖେଳୁଥିବାର ଦେଖାଯାଉଛି। ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ବିରୋଧୀ ମନ୍ତ୍ରୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ରାଜ୍ୟରେ ଦିନକୁ ୮ ଚାଷୀ ଆତ୍ମହତ୍ୟା କରୁଥିବା ବେଳେ କୃଷିମନ୍ତ୍ରୀ ବେସ୍ ଗେମ୍ ଖେଳିବା ଲଜ୍ଜାଜନକ ବୋଲି କହିଛନ୍ତି। ବିରୋଧୀ କୃଷିମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ରବିବାର ସଂସଦ ଭବନରେ ଅନୁଷ୍ଠିତ ସର୍ବଦଳୀୟ ବୈଠକ ପରେ ଏନ୍‌ସିପି (ଏସ୍‌ପି) ସାଂସଦ ସୁପ୍ରିୟା ସୁଲେ କହିଥିଲେ ଯେ କୃଷିମନ୍ତ୍ରୀ ତୁରନ୍ତ ପଦରୁ ଇସ୍ତଫା ଦେବା ଉଚିତ। ସେ ଇସ୍ତଫା ନ ଦେଲେ ମୁଖ୍ୟମନ୍ତ୍ରୀ ତାଙ୍କୁ ବାହାର କରିବା ଆବଶ୍ୟକ। ରାଜ୍ୟରେ ଗତ ତିନି ମାସରେ ପ୍ରାୟ ୭୫୦ ଚାଷୀ ଆତ୍ମହତ୍ୟା କଲେଣି। ଏଭଳି ଜରୁରୀ ସମୟରେ ଚାଷୀଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା ପରିବର୍ତ୍ତେ କୃଷିମନ୍ତ୍ରୀ ବିଧାନସଭାରେ ▶ପୃଷ୍ଠା-୭

# ବଲଙ୍ଗା ପୀଡ଼ିତା ସଙ୍କଟାପନ୍ନ

### ୭୫% ଦଗ୍ଧ; ଦିଲ୍ଲୀ ଏମ୍ସର ବୁଲେଟିନ୍ ଜାରି

### ସ୍ୱତନ୍ତ୍ର ଏୟାର ଆମ୍ବୁଲାନ୍ସରେ ଏୟାରଲିଫ୍ଟ

### ଆଇସିୟୁରେ ଅକ୍ସିଜେନ୍ ସପୋର୍ଟରେ ପୀଡ଼ିତା



■ ଭୁବନେଶ୍ୱର, ୨୦।୭ (ସମିସ): ଦୁର୍ବୃତ୍ତଙ୍କ ପାଶବିକ ଅତ୍ୟାଚାରର ଶିକାର ହୋଇ ଜଳି ଯାଇଥିବା ବଲଙ୍ଗା ଥାନା ଅଞ୍ଚଳର ୧୫ବର୍ଷୀୟା ପୀଡ଼ିତାଙ୍କୁ ଆଜି ଏୟାରଲିଫ୍ଟ କରାଯାଇଛି। ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସରୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

ପୀଡ଼ିତାଙ୍କୁ ଗତକାଲି ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ଆଜି ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। ହେଲେ ଉନ୍ନତ ଚିକିତ୍ସା ପାଇଁ ତାଙ୍କ ପରିବାର ସହ ଆଲୋଚନା ପରେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ପୀଡ଼ିତାଙ୍କୁ ସ୍ଥାନାନ୍ତର ପାଇଁ କମିସନରେଟ ପୁଲିସ ପକ୍ଷରୁ ଭୁବନେଶ୍ୱର ଏମ୍ସରୁ ବିଜୁ ପଟ୍ଟନାୟକ ବିମାନବନ୍ଦର ପର୍ଯ୍ୟନ୍ତ ଗ୍ରୀନ କରିଡର୍ ବ୍ୟବସ୍ଥା କରିଥିଲା। ଗୋଟିଏ ପାଖ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ଏମ୍ସରୁ ଆମ୍ବୁଲାନ୍ସ ବାହାରିବା ପରେ ଖଣ୍ଡଗିରି, ଫାୟାରଷ୍ଟେସନ୍, ଓୟୁଏଟି, ଗଙ୍ଗନଗର, ସୁର୍ କମ୍ପାନୀ ଛକ ଦେଇ ଏୟାରପୋର୍ଟ ନିଆଯାଇଥିଲା। ଦିନ ପ୍ରାୟ ସାଢ଼େ ୧୨ଟାରେ ବାହାରିଥିବା ଏସ୍କର୍ଟ ୧୨ଟା ୪୧ରେ ଏୟାରପୋର୍ଟରେ ପହଞ୍ଚିଥିଲା। ପୀଡ଼ିତାଙ୍କୁ ମାତ୍ର ୧୧ ମିନିଟରେ ବିମାନବନ୍ଦରର ପହଞ୍ଚା ଯାଇଥିଲା। ତାଙ୍କୁ ଚିକିତ୍ସା କରୁଥିବା ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗର ଅତିରିକ୍ତ ପ୍ରଫେସର ଡାକ୍ତର ସଞ୍ଜୟ ଗିରିଙ୍କ ସମେତ ଏକ ଡାକ୍ତରୀ ଟିମ୍ ପୀଡ଼ିତାଙ୍କ ସହ ଏମ୍ସରୁ ବିମାନବନ୍ଦର ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଦିଲ୍ଲୀ ଇନ୍ଦ୍ରପ୍ରସ୍ଥ ଆପୋଲୋର ସ୍ୱତନ୍ତ୍ର ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପୀଡ଼ିତାଙ୍କ ସହ ତାଙ୍କ ପରିବାରର ସଦସ୍ୟ ମଧ୍ୟ ଦିଲ୍ଲୀ ଏମ୍ସ ଯାଇଛନ୍ତି। ଗ୍ରୀନ କରିଡର ଓ ଟ୍ରାଫିକ ପରିଚାଳନା ପାଇଁ କମିସନରେଟ୍ ପୁଲିସ୍ ପକ୍ଷରୁ ୭୯ ଟ୍ରାଫିକ୍ କନେଷ୍ଟବଲ, ୨ ପ୍ଲାଟୁନ୍ ପୁଲିସ ଫୋର୍ସ ଓ ଏସ୍କର୍ଟ ପାର୍ଟି ମୁତୟନ ହୋଇଥିଲେ।

ସେପଟେ, ପୀଡ଼ିତା ଦିଲ୍ଲୀ ଏମ୍ସରେ ପହଞ୍ଚିବା ପରେ ଡାକ୍ତରଖାନା ପକ୍ଷରୁ ଆଜି ସଂଧ୍ୟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବୁଲେଟିନ୍ ଜାରି ହୋଇଛି। ରବିବାର ଅପରାହ୍ଣ ୪ଟା ୨୦ରେ ଦିଲ୍ଲୀ ଏମ୍ସରେ ପହଞ୍ଚିଛନ୍ତି। ତାଙ୍କୁ ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବ୍ଲକ୍‌ର ବର୍ଣ୍ଣ ଆଇସିୟୁରେ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରର ୭୫ପ୍ରତିଶତ ଜଳିଯାଇଥିବା ବେଳେ ସେ ଆଇସିୟୁରେ ଅକ୍ସିଜେନ୍ ସପୋର୍ଟରେ ରହିଛନ୍ତି ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ପୀଡ଼ିତା ବିପିଏସ୍ ୫ ଆଇସିୟୁ ବେଡ୍ ନଂ-୧୨ରେ ଚିକିତ୍ସିତ ହେଉଥିବା ବେଳେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଚିକିତ୍ସା ତଦାରଖ କରୁଥିବା ବୁଲେଟିନରେ କୁହାଯାଇଛି।

### ଆଜିଠୁ ସଂସଦର ମୌସୁମୀ ଅଧିବେଶନ

## ଓଡ଼ିଶା, ବିହାର, ପହଲଗାମ ପ୍ରସଙ୍ଗରେ ତାତିବ ଗୃହ



### ଜଷ୍ଟିସ ବର୍ମାଙ୍କ ବିରୋଧରେ ଆସିବ ମହାଭିଯୋଗ ପ୍ରସ୍ତାବ

### ସମସ୍ତ ଆଲୋଚନା ପାଇଁ ପ୍ରସ୍ତୁତ: ମନ୍ତ୍ରୀ

■ ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି): ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଥିବା ସଂସଦର ମୌସୁମୀ ଅଧିବେଶନ ଓଡ଼ିଶା, ବିହାର, ପହଲଗାମ ଏବଂ ଅପରେସନ ସିନ୍ଦୂର ପ୍ରସଙ୍ଗରେ ସରଗରମ ହେବାର ସମ୍ଭାବନା ରହିଛି। ଆଜି ଅନୁଷ୍ଠିତ ସର୍ବଦଳୀୟ ବୈଠକରୁ ଏଭଳି ଆଭାସ ମିଳିଛି। ସରକାର ଏହିସବୁ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି। ଏହି ଅଧିବେଶନରେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ବର୍ମାଙ୍କୁ ବହିଷ୍କାର କରିବା ଲାଗି ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ମଧ୍ୟ ଆଗତ କରାଯିବ।

ସଂସଦର ବର୍ଷାକାଳୀନ ଅଧିବେଶନ ଅବ୍ୟବହିତ ପୂର୍ବରୁ ଆଜି ସରକାରଙ୍କ ପକ୍ଷରୁ ସର୍ବଦଳୀୟ ବୈଠକ ଡକାଯାଇଥିଲା। ବୈଠକରେ ବିରୋଧୀ ଦଳମାନେ ଅନ୍ୟାନ୍ୟ ପ୍ରସଙ୍ଗ ସମେତ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଏଥିରେ ସରକାରୀ ଗୁଇନ୍ଦାର ବିଫଳତା, ଅପରେସନ ସିନ୍ଦୂର ବେଳେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି କରାଇଥିବା ନେଇ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଦାବି ତଥା ବିହାରରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ବିବାଦ କଥା ଉଠାଇଥିଲେ। ଓଡ଼ିଶାରେ ନାରୀ ନିର୍ଯାତନା କଥା ବି ଉଠିଥିଲା। ବିଜେଡି ସାଂସଦ ସସ୍ମିତ ପାତ୍ର କହିଥିଲେ ଯେ ଓଡ଼ିଶାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟର ଏଭଳି ପରିସ୍ଥିତି ପାଇଁ କେନ୍ଦ୍ର ନିଜ ଉପରୁ ଦାୟିତ୍ୱ ଖସାଇପାରିବ ନାହିଁ। ଗୋପାଳପୁରରେ ଛାତ୍ରୀଙ୍କୁ ଦୁଷ୍କର୍ମ, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ▶ପୃଷ୍ଠା-୭

## ଡିଏଫ୍‌ଓ ନା ଜମିଦାର୍ !

### ପତ୍ନୀ, ପୁଅଝିଅ ଓ ନିଜ ନାମରେ ୧୧୫ ପ୍ଲଟ୍



### ତାରକା ହୋଟେଲ ପରି ବହୁତଳ କୋଠା ବି ରହିଛି

### ଜଙ୍ଗଲୀ ବାବୁଙ୍କ ଘରେ ମିନି ଅସ୍ତ୍ରାଗାର

■ ଭୁବନେଶ୍ୱର/କେନ୍ଦୁଝର/ଓଡ଼ଗାଁ, ୨୦।୭ (ସମିସ): ଜମିଦାର ଡିଏଫ୍‌ଓଙ୍କ ଅଚଳାଚଳ ସମ୍ପତ୍ତି ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି ଭିଜିଲାନ୍ସ ଟିମ୍। ଏପରିକି ବାବୁଙ୍କ ସମ୍ପତ୍ତିକୁ ଆକଳନ କରିବା ଭିଜିଲାନ୍ସ ପକ୍ଷେ କଷ୍ଟକର ହୋଇପଡ଼ିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର କେନ୍ଦୁପତ୍ର ଡିଭିଜନ୍ ଡିଏଫ୍‌ଓ ନିତ୍ୟାନନ୍ଦ ନାୟକଙ୍କ ଘରେ ଆଜି ଭିଜିଲାନ୍ସ ଟିମ୍ ଚଢ଼ଉ କରିବା ପରେ ଏଭଳି ସମ୍ପତ୍ତି ଠାବ ହୋଇଛି। ବାବୁଙ୍କ ପରିବାର ଏବଂ ତାଙ୍କ ନାମରେ ୧୧୫ଟି ପ୍ଲଟ୍ ରହିଛି। ଯାହାକି ଭିଜିଲାନ୍ସ ଇତିହାସରେ ସରକାରୀ ବାବୁଙ୍କ ସର୍ବାଧିକ ପ୍ଲଟ୍। ଭିଜିଲାନ୍ସ ଜାଲରେ ପଡ଼ିଥିବା କୌଣସି ସରକାରୀ କର୍ମଚାରୀଙ୍କ ନାମରେ ଏତେ ସଂଖ୍ୟକ ପ୍ଲଟ କେବେ ଠାବ କରାଯାଇ ନାହିଁ ବୋଲି କୁହାଯାଉଛି।

ଆଜି ଡିଏଫ୍‌ଓ ନିତ୍ୟାନନ୍ଦଙ୍କ ପୈତୃକ ବାସଭବନ ସମେତ ୭ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା। ବନ୍ତଲ ଥାନା ମଦନମୋହନ ପାଟଣାରେ ଗାଁ ଘର, ଜଗନ୍ନାଥ ପୁରରେ ଶଶୁର ଘର,କେଉଁଝରରେ ଡିଏଫ୍‌ଙ୍କ ଅଫିସ୍, କେଉଁଝରର ସରକାରୀ କ୍ୱାର୍ଟର୍ସ, ନୟାଗଡ଼ରେ କୋମଣ୍ଡା ସ୍ଥିତ ତାଙ୍କ ପୁଅଙ୍କ ଆବାସିକ ଘର ଓ କୋମଣ୍ଡା ସ୍ଥିତ ପିଏଚସିରେ ଥିବା ତାଙ୍କ ପୁଅଙ୍କ ଚ୍ୟାମ୍ବରରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା। ଚଢ଼ଉରେ ୩ଜଣ ଡିଏସ୍‌ପି, ୧୦ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ। ନିତ୍ୟାନନ୍ଦଙ୍କ ନାମରେ କଳାଧନ ଅର୍ଜନର ଅଭିଯୋଗ ଆସିବା ପରେ ▶ପୃଷ୍ଠା-୭

## କଲେଜରେ ଅଧ୍ୟାପିକାଙ୍କୁ ଯୌନ ନିର୍ଯାତନା

### ଅଧ୍ୟକ୍ଷଙ୍କ ବିରୋଧରେ ସାଂଘାତିକ ଅଭିଯୋଗ

### ଡିଜିଙ୍କୁ ଚିଠି ଲେଖିଲେ ପୀଡ଼ିତା ଅଧ୍ୟାପିକା

ଭୁବନେଶ୍ୱର, ୨୦।୭(ସମିସ): ନିର୍ଯାତନା ନିଆଁରେ ଏବେ ସାରା ଓଡ଼ିଶା ଜଳୁଛି। ବାଲେଶ୍ୱରରେ ଜଣେ ଛାତ୍ରୀ ଅଧ୍ୟାପକଙ୍କ ନିର୍ଯାତନା ଶିକାର ହୋଇ ଆତ୍ମଦାହ କରିଛନ୍ତି। ବଲଙ୍ଗାରେ ଆଉ ଜଣେ ଯୁବତୀଙ୍କୁ ନିଆଁରେ ପୋଡ଼ି ମାରିଦେବାକୁ ଉଦ୍ୟମ ହୋଇଛି ଓ ପୀଡ଼ିତା ଏବେ ଦିଲ୍ଲୀ ଏମ୍ସରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏହି ସମୟରେ କଟକ ଜିଲ୍ଲାର ଆଠଗଡ଼ ଅଞ୍ଚଳର ଏକ କଲେଜରୁ ଆସିଛି ଆଉ ଏକ ସାଂଘାତିକ ଅଭିଯୋଗ। ଜଣେ ଅଧ୍ୟାପିକା ନିଜ କଲେଜ ଅଧ୍ୟକ୍ଷଙ୍କ ବିରୋଧରେ ଡ଼ିଜିଙ୍କ ନିକଟରେ ଏପରି ଫେରାଦ ହୋଇଛନ୍ତି। ଅଧ୍ୟକ୍ଷ ଜଣକ ସମ୍ପୃକ୍ତ ଅଧ୍ୟାପିକାଙ୍କୁ ବାରମ୍ବାର ଛୁଇଁବାକୁ ଉଦ୍ୟମ କରିବା ସହ ତାଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ପୁଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରିଥିବା ସୂଚନା ମିଳିଛି। ପୁଲିସ ଡ଼ିଜିଙ୍କ ନିକଟରେ ହୋଇଥିବା ଅଭିଯୋଗ ଅନୁସାରେ ▶ପୃଷ୍ଠା-୭

### ସ୍ୱତନ୍ତ୍ର ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଓ ପରୀକ୍ଷା ବାତିଲ୍

## ସନ୍ଦେହରେ ବୋର୍ଡ କର୍ତ୍ତୃପକ୍ଷଙ୍କ ଭୂମିକା

- ପ୍ରଘଟ ପ୍ରଶ୍ନପତ୍ର ଠିକ୍ ବୋଲି କେମିତି ଜାଣିଲା ବୋର୍ଡ
- ପରୀକ୍ଷା ପୂର୍ବ ରାତିରୁ ଖୋଲାଯାଇଛି କି ପ୍ରଶ୍ନ ପ୍ୟାକେଟ୍
- କେନ୍ଦ୍ରକୁ ଆସି ହଟହଟା ହେଲେ ୭୫ ହଜାର ପରୀକ୍ଷାର୍ଥୀ
- ୧୪୦୦ ଫି' ସତ୍ତ୍ୱେ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ରହୁନି
- ପ୍ରଶ୍ନପତ୍ର ବିଭ୍ରାଟ ନେଇ ମୁହଁ ଖୋଲୁନାହାନ୍ତି ବରିଷ୍ଠ ଅଧିକାରୀ
- ଆଜି କଟକ ବୋର୍ଡ କାର୍ଯ୍ୟାଳୟ ଘେରଉ କରିବ ବିସିଜେଡି

■ ଭୁବନେଶ୍ୱର, ୨୦।୭ (ସମିସ): ଭାଇରାଲ୍ ହେଲା ପ୍ରଶ୍ନପତ୍ର। ରାତିଅଧିଆ ବାତିଲ୍ ହେଲା ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)। ହେଲେ ଭାଇରାଲ୍ ହୋଇଥିବା ପ୍ରଶ୍ନପତ୍ର ଓଟିଇଟି ପ୍ରଶ୍ନପତ୍ର ସହ ସମାନ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) କର୍ତ୍ତୃପକ୍ଷ କିପରି ଜାଣିଲେ ଓ ପରୀକ୍ଷା ବାତିଲ୍ କଲେ ସେନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରବିବାର ସକାଳ ୯ଟାରେ ପରୀକ୍ଷା ଆରମ୍ଭ ହେବାର ଥିଲା। ନିୟମ ଅନୁସାରେ ପରୀକ୍ଷାର ୧୫ ମିନିଟ୍ ପୂର୍ବରୁ ସିଲ୍ ହୋଇ ରହିଥିବା ପ୍ରଶ୍ନପତ୍ର ପରୀକ୍ଷାର୍ଥୀଙ୍କ ଉପସ୍ଥିତିରେ ଖୋଲାଯାଇଥା'ନ୍ତା। ଏହାପରେ ଯାଇ ପ୍ରଘଟ୍ ହୋଇଥିବା ପ୍ରଶ୍ନପତ୍ର ସହ ପରୀକ୍ଷାର୍ଥୀଙ୍କୁ ବଣ୍ଟାଯାଇଥିବା ପ୍ରଶ୍ନ ମେଳ ଖାଉଛି ନା ନାହିଁ ସ୍ପଷ୍ଟ ହୋଇଥା'ନ୍ତା। କିନ୍ତୁ ପୂର୍ବ ରାତିରୁ ତରବରିଆ ଭାବେ ପରୀକ୍ଷାକୁ ବାତିଲ୍ କରାଯାଇଥିବାରୁ ପ୍ରଶ୍ନପତ୍ର ପ୍ରଘଟରେ ବୋର୍ଡ କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ସ୍ୱତଃ ସନ୍ଦେହ ସୃଷ୍ଟି ହୋଇଛି। ମୁଦ୍ରଣ ସ୍ଥଳରୁ କିମ୍ବା କୌଣସି ଏକ ସ୍ଥାନରୁ ପ୍ରଶ୍ନପତ୍ର ପ୍ରଘଟ କରାଯାଇଛି ଏବଂ ପରୀକ୍ଷା ପୂର୍ବରୁ ଏହା ଅନ୍ୟମାନଙ୍କ ନଜରକୁ ଆସିଯିବାରୁ ସମ୍ଭାବ୍ୟ ▶ପୃଷ୍ଠା-୭

### ଚୋରି ଟଙ୍କା ଭାଗ ବଣ୍ଟାକୁ ନେଇ ଭରତପୁରରେ ହତ୍ୟା

## ଭଞ୍ଜନଗରରୁ ଧରାପଡ଼ିଲା ବନ୍ଧୁ ହତ୍ୟାକାରୀ



### ପଡ଼ୋଶୀଙ୍କ ବାଇକ୍ ଚୋରି କରି ଫେରାର ହୋଇଥିଲା

### ଦୁଇ ଗାଡ଼ି, ରକ୍ତ ଭିଜା ଡ୍ରେସ୍ ଜବତ

■ ଭୁବନେଶ୍ୱର, ୨୦।୭ (ସମିସ): ଚୋରି ଟଙ୍କା ଭାଗ ବଣ୍ଟାରୁ ସାଙ୍ଗକୁ ହତ୍ୟା ଘଟଣାରେ ପୁଲିସକୁ ସଫଳତା ମିଳିଛି। ଘଟଣାର ଦିନକ ପରେ ହତ୍ୟା ଅଭିଯୁକ୍ତକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବେଲଗୁଣ୍ଠା ଥାନା ଜି ନୂଆଗାଁ ଅଞ୍ଚଳର ନରହରି ନାଏକ (୨୪)। ପୁଲିସ ସୂଚନା ଅନୁସାରେ, ବୁଗୁଡ଼ା ଥାନା ମୋଟବାଡ଼ି ଅଞ୍ଚଳର କୈଳାସ ନାୟକ ତାଙ୍କ ମାଆଙ୍କ ସହିତ ଭରତପୁର ସୋମନାଥ ବସ୍ତିରେ ଭଡ଼ାରେ ରହିବା ସହିତ ରଙ୍ଗ ମିସ୍ତ୍ରି ଭାବେ କାମ କରୁଥିଲେ। କିଛିଦିନ ହେବ କୈଳାସର ସାଙ୍ଗ ନରହରି ମଧ୍ୟ ତାଙ୍କ ଘରେ ଆସି ରହୁଥିଲା। ଉଭୟ ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରିବା ସହ ବିକ୍ରି କରୁଥିଲେ। ସେଥିରୁ ମିଳୁଥିବା ଟଙ୍କାକୁ ଉଭୟଙ୍କ ମଧ୍ୟରେ ବାଣ୍ଟି ନେଉଥିଲେ। ଉଭୟଙ୍କ ନାମରେ ଭୁବନେଶ୍ୱର ଓ ଗଞ୍ଜାମ ପୁଲିସ ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ମଧ୍ୟ ରହିଛି।

ଗତ ଗୁରୁବାର ସନ୍ଧ୍ୟାରେ ଖାଦ୍ୟ ତିଆରିକୁ ନେଇ କୈଳାସ ଓ ତାଙ୍କ ମାଆ ବେବିନାଙ୍କ ମଧ୍ୟରେ ବଚସା ହୋଇଥିଲା। ବେବିନା ରାଗିଯାଇ ଘର ଠାରୁ କିଛି ଦୂରରେ ଥିବା ସମ୍ପର୍କୀୟଙ୍କ ଘରକୁ ପଳାଇଥିଲେ। କିନ୍ତୁ କୈଳାସ ଓ ନରହରି ସୋମନାଥ ବସ୍ତି ସ୍ଥିତ ଘରେ ରହିଥିଲେ। ରାତିରେ କୈଳାସ ଓ ନରହରି ମିଶି ଘରେ ମଦ୍ୟପାନ କରିବା ସହିତ ଖିଆପିଆ କରିଥିଲେ। ବିଳମ୍ବିତ ରାତିରେ ଚୋରା ବାଇକ୍ ବିକ୍ରିରୁ ମିଳିଥିବା ଟଙ୍କା ଭାଗ ବଣ୍ଟାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ▶ପୃଷ୍ଠା-୭

### ଅନ୍ଧାର ରାତି, ଅସୁରକ୍ଷିତ ଯାତ୍ରା

## ମହିଳା କାଉଡ଼ିଆଙ୍କୁ ମହାଦେବ ଭରସା

### ରାସ୍ତାରେ ନାହିଁ ଆଲୁଅ, ଗଡୁ ନାହିଁ ପିସିଆର୍, ପାଦେପାଦେ ଅଘଟଣ ଭୟ



■ ଭୁବନେଶ୍ୱର, ୨୦।୭ (ସମିସ): ହିନ୍ଦୁ ଧର୍ମରେ ଶ୍ରାବଣ ମାସକୁ ସବୁଠାରୁ ପବିତ୍ର ମାସ ଭାବରେ ବିବେଚନା କରାଯାଏ। ଏହି ମାସରେ କାଉଡ଼ିଆମାନେ ଭଗବାନ ଶିବଙ୍କ ଉପରେ ଜଳାଭିଷେକ ନିମନ୍ତେ କାଉଡ଼ି ଯାତ୍ରା କରିଥାଆନ୍ତି। ବିଗତ ବର୍ଷମାନଙ୍କରେ କାଉଡ଼ି ଯାତ୍ରାରେ ଯାଉଥିବା ମହିଳାମାନେ ସୁରକ୍ଷିତ ଭାବରେ ମହାଦେବଙ୍କ ଉପରେ ଜଳାର୍ପଣ କରି ଆସିଛନ୍ତି। ମାତ୍ର ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ମହିଳା ହିଂସା, ଦୁଷ୍କର୍ମ, ଗଣଦୁଷ୍କର୍ମ ବଢ଼ି ଚାଲିଥିବାବେଳେ ରାସ୍ତାରେ ପାଣିଭାର ନେଇ ଯାଉଥିବା ମହିଳା କାଉଡ଼ିଆମାନଙ୍କ ମନରେ ସୃଷ୍ଟି ହୋଇଛି ଭୟ। ଗତ କିଛି ମାସରେ ଘଟିଥିବା ଘଟଣାକ୍ରମକୁ ଦେଖିଲେ ମହିଳା କାଉଡ଼ିଆମାନେ ଭୟଙ୍କର ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ରାସ୍ତାରେ ଆଲୋକ ଓ ପାଟ୍ରୋଲିଂର ଅଭାବ ପାଦେପାଦେ ଅଘଟଣ ଘଟିବାର ଆଶଙ୍କା ସୃଷ୍ଟି କରିଛି। ଅସୁରକ୍ଷିତ ସଡ଼କରେ ଅନ୍ଧାର ରାତିରେ ସେମାନେ କେବଳ ମହାଦେବଙ୍କୁ ସ୍ମରଣ କରି ଚାଲିଛନ୍ତି।

ଗୋପାଳପୁର ଗଣ ଦୁଷ୍କର୍ମ ମାମଲା, ବାଲେଶ୍ୱର ଏଫ୍‌ଏମ କଲେଜ୍ ଛାତ୍ରୀ ଆତ୍ମହତ୍ୟା ଏବଂ ବଲଙ୍ଗାରେ ନାବାଳିକାଙ୍କୁ ପୋଡ଼ିଦେବା ଘଟଣା ରାଜ୍ୟରେ ମହିଳା ହିଂସା କେଉଁ ସ୍ଥିତିରେ ଅଛି ତାହା ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ। ଗତ କିଛିମାସ ମଧ୍ୟରେ ରାଜ୍ୟରେ ବଳାତ୍କାର ଓ ଗଣ ବଳାତ୍କାର ସୀମା ଟପିଛି। ଏପରି ଅବସ୍ଥାରେ ଅନ୍ଧାର ରାତିରେ ମହିଳା କାଉଡ଼ିଆମାନଙ୍କ ପ୍ରତି ଯେ କୌଣସି ମୁହୂର୍ତ୍ତରେ ଅଘଟଣକୁ ଏଡ଼ାଇ ▶ପୃଷ୍ଠା-୭

## ପତ୍ନୀଙ୍କୁ ଭୁଲିଗଲେ ଶିବରାଜ



**ନୂଆଦିଲ୍ଲୀ,୨୦।୭(ଏଜେନ୍ସି):** ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରକୃଷି ମନ୍ତ୍ରୀ ଶିବରାଜ ସିଂଙ୍କୁ ନେଇ ଏକ ମଜାଦାର ଘଟଣା ସାମ୍ନାକୁ ଆସିଛି । ବିମାନ ଧରିବାକୁ ଯାଇ ତରବରରେ ସେ ପତ୍ନୀ ସାଧନା ସିଂଙ୍କୁ ସାଥିରେ ନେବାକୁ ଭୁଲିଯାଇଥିଲେ । ସେ ସାଧନାଙ୍କୁ ଛାଡି ୨୨ଟି ଗାଡିର କାରକେଡ ସହ ଜୁନାଗଡରୁ ରାଜକୋଟ ଅଭିମୁଖେ ଚାଲିଯାଇଥିଲେ । ପିନଟ (ବାଦାମ) ରିସର୍ଚ୍ଚ ସେଣ୍ଟରରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ରାଜକୋଟ୍ ବାହାରି ଥିଲେ । କିନ୍ତୁ ଏକ କିମି ଯିବା ପରେ ସାଧନାଙ୍କୁ ସାଥିରେ ଆଣି ନ ଥିବା କଥା ସେ ହୃଦୟଙ୍ଗମ କରିଥିଲେ । ଏହାପରେ ସେ ତୁରନ୍ତ ୟୁଟର୍ଣ୍ଣ ନେଇଥିଲେ ଓ ୱେଟିଂ ରୁମ୍‌ରେ ବସିଥିବା ପତ୍ନୀଙ୍କୁ ସାଥିରେ ଆଣି ପୁଣି ରାଜକୋଟ ଅଭିମୁଖେ ଯାତ୍ରା କରିଥିଲେ । ଶିବରାଜଙ୍କ ଏହି ଭୁଲାପଣକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି ।

## 'ଡନ୍'ର ନିର୍ଦ୍ଦେଶକ ଚନ୍ଦ୍ରବାରୋଟ୍‌ଙ୍କ ପରଲୋକ



**ନୂଆଦିଲ୍ଲୀ,୨୦।୭(ଏଜେନ୍ସି):** ବର୍ଷୀୟାନ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ଚନ୍ଦ୍ର ବାରୋଟ ରବିବାର ପରଲୋକ ଗମନ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ହୋଇଥିଲା । ସେ ମିଲେନିୟମ ଷ୍ଟାର ଅମିତାଭ ବଚନଙ୍କ ଅନ୍ୟତମ ସୁପର ହିଟ୍ ସିନେମା 'ଡନ୍' ସିନେମାର ନିର୍ଦ୍ଦେଶନା ଦେଇଥିଲେ । ଡନ୍ ୧୯୭୮ରେ ମୁକ୍ତିଲାଭ କରିଥିଲା ଓ ବକ୍ସ ଅଫିସ୍‌ରେ ଭଲ ବ୍ୟବସାୟ କରିଥିଲା । ମୃତ୍ୟୁବେଳକୁ ତାଙ୍କ ପାଖରେ ପତ୍ନୀ ଦୀପା ବାରୋଟ ଉପସ୍ଥିତ ଥିଲେ । ଜଣାଶୁଣା ନିର୍ଦ୍ଦେଶକ ଫରହାନ ଅଖତାର ଏହି ସିନେମାକୁ ଦ୍ୱିତୀୟଥର ପାଇଁ ଶାହରୁଖ ଖାନ୍‌ଙ୍କୁ ନେଇ ବନାଇଥିଲେ ଓ ଏହା ମଧ୍ୟ ହିଟ୍ ହୋଇଥିଲା । ସେ ବେଙ୍ଗଲି ସିନେମା ଆଶ୍ରିତ (୧୯୮୯), ପ୍ୟାର ଭରା ଦିଲ୍ (୧୯୯୧) ଭଳି ସିନେମାର ନିର୍ଦ୍ଦେଶନା ଦେଇଥିଲେ । ଫରାହାନ ଅଖତାର ଏବେ ଡନ୍ ସିନେମାର ତୃତୀୟ ସିକ୍ୱେଲ ବନାଇବାକୁ ଯାଉଛନ୍ତି । ଏଥିରେ ସେ ରଣବୀର ସିଂ ଓ କିର୍ତ୍ତୀ ସାନନଙ୍କୁ ମୁଖ୍ୟ ଚରିତ୍ରରେ ନେଇଛନ୍ତି ।

## ସେନାକୁ ମିଳିବ ଆପାଚେ ହେଲିକପ୍ଟର



**ନୂଆଦିଲ୍ଲୀ,୨୦।୭(ଏଜେନ୍ସି):** ପନ୍ଦର ମାସ ବିଳମ୍ବ ପରେ ଭାରତୀୟ ବାୟୁସେନାକୁ ମିଳିବାକୁ ଯାଉଛି ଏଏଚ୍-୬୪ଇ ଆଟାକ ଆପେଚେ ଚପ୍ପର ତଥା ହେଲିକପ୍ଟର । ଏହା ମଙ୍ଗଳବାର ଭାରତୀୟ ସେନାରେ ଆନୁଷ୍ଠାନିକ ଭାବେ ସାମିଲ ହେବ । ଅପରେସନ ସିନ୍ଦୂରକୁ ଦୃଷ୍ଟିରେ ରଖି ଭାରତୀୟ ସେନା ଏଥିସହ ପଶ୍ଚିମ ସୀମାରେ ନିଜର ସ୍ଥିତିକୁ ଆହୁରି ମଜଭୁତ କରିବ । ୨୦୨୦ରେ ଭାରତ ୬ଟି ଆପାଚେ ଆଟାକ ହେଲିକପ୍ଟର ପାଇଁ ୬୦୦ ମିଲିଅନ ଆମରେକୀୟ ଡଲାର ତଥା ୫, ୧୭୨ କୋଟି ଟଙ୍କାରେ ଆମେରିକା ସହ ଚୁକ୍ତି କରିଥିଲା । ୨୦୨୪ ଜୁନ୍‌ରେ ଏହି ହେଲିକପ୍ଟର ଭାରତକୁ ମିଳିବାର ଥିଲା । କିନ୍ତୁ ଯୋଗାଣ ଶୃଙ୍ଖଳାରେ ବାଧା ଓ କେତୋଟି ବୈଷୟିକ ତ୍ରୁଟି କାରଣରୁ ଏହା ମିଳିବାରେ ବିଳମ୍ବ ହୋଇଥିଲା । ଦୁଇଟି ପର୍ଯ୍ୟାୟରେ ୩ଟି ଲେଖାଏ ହେଲିକପ୍ଟର ଭାରତ ଆସିବ । ଦ୍ୱିତୀୟ ପର୍ଯ୍ୟାୟରେ ବାକି ୩ଟି ହେଲିକପ୍ଟର ଚଳିତବର୍ଷ ଶେଷ ଆଡକୁ ଭାରତ ଆସିବ ।

## ସାଉଦି ଆରବର ସ୍ଲିପିଙ୍ଗ ପ୍ରିନ୍ସଙ୍କ ପରଲୋକ

**ରିୟାଦ,୨୦।୭(ଏଜେନ୍ସି):** ସାଉଦି ଆରବ ରାଜକୁମାର ଅଲ ବଲିଦ୍ ବିନ ଖାଲିଦ୍ ବିନ ତଲାଲ ଅଲ ସାଉଦଙ୍କ ପରଲୋକ ହୋଇଛି । ଗତ ୨୦ ବର୍ଷ ହେବ ସେ କୋମାରେ ରହିଥିଲେ । ସେ ସ୍ଲିପିଙ୍ଗ ପ୍ରିନ୍ସ ଅର୍ଥାତ ଶୋଇଥିବା ରାଜକୁମାର ରୂପେ ଜଣାଶୁଣା ଥିଲେ । ସେ ସାଉଦି ଆରବ ରାଜ



**୨୦ ବର୍ଷ ହେବ କୋମାରେ ଥିଲେ**

ପରିବାରର ବରିଷ୍ଠ ସଦସ୍ୟ ପ୍ରିନ୍ସ ଖଲିଦ ବିନ ତଲାଲଙ୍କ ପୁଅ ଓ ଆରବପତି ପ୍ରିନ୍ସ ଅଲ ବଲିଦ ବିନ ତଲାଲଙ୍କ ଭଣଜା ଥିଲେ । ସେ ୧୯୯୦ରେ ଜନ୍ମଗ୍ରହଣ କରିଥିଲେ । କିନ୍ତୁ ୨୦୦୫ରେ ଲଣ୍ଡନରେ ଏକ ମିଲିଟାରୀ ଟ୍ରେନିଂ ଅବସରରେ ସେ ଭୟଙ୍କର ସଡକ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲେ । ଏଥିରେ ସେ ମସ୍ତିଷ୍କ ଆଘାତର ସମ୍ମୁଖୀନ ହୋଇଥିଲେ ଓ ଇଣ୍ଟରନାଲ ବ୍ଲିଡିଂ ହେବାରୁ ସେ କୋମାକୁ ଚାଲିଯାଇଥିଲେ । କିନ୍ତୁ ତାଙ୍କ ପରିବାର ହାର ମାନି ନ ଥିଲେ ଓ ତାଙ୍କ ଚିକିତ୍ସା ଜାରି ରଖିଥିଲେ । ଆମେରିକା ଓ ସ୍ପେନର ଡାକ୍ତରମାନେ ତାଙ୍କୁ ଚିକିତ୍ସା କରୁଥିଲେ । ଶେଷରେ ତାଙ୍କୁ ଡାକ୍ତର ଅଚେତ ଘୋଷଣା କରିଥିଲେ ।

## ଇଏମ୍‌ଆଇ ପାଇଁ ପରିବାରର ୫ ସଦସ୍ୟଙ୍କ ଆତ୍ମହତ୍ୟା

**ଅହମଦାବାଦ୍,୨୦।୭(ଏଜେନ୍ସି):** ଗୁଜରାଟ ଅହମଦାବାଦ୍ ଜିଲ୍ଲାର ବଗୋଦରା ଗାଁରୁ ଶନିବାର ବିଚଳିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି । ଋଣଭାର ଏବଂ ଇଏମଆଇ ନ ଦେଇ ପାରି ଗୋଟିଏ ପରିବାର ୫ ଜଣ ସଦସ୍ୟ ଆତ୍ମହତ୍ୟା କରିଛନ୍ତି । ପତି, ପତ୍ନୀଙ୍କ ସମେତ ୩ ଜଣ ପିଲା ବିଷ ପିଇ ଜୀବନ ହାରିଛନ୍ତି । ବିପୁଲ ବାଘେଲା (୩୨) ଓ ପତ୍ନୀ ସୋନଲ (୨୬)ଙ୍କ ସମେତ ବଡ଼ ଝିଅ ସିମରନ (୧୧), ପୁଅ ମୟୂର (୮) ଓ ସାନ ଝିଅ ପ୍ରିନ୍ସ (୫) ରାତିରେ ବିଷ ପିଇଥିଲେ । ସକାଳୁ କେହି ଘର ବାହାରକୁ ଆସି ନ ଥିଲେ । ଫଳରେ ପଡ଼ୋଶୀଙ୍କ ସନ୍ଦେହ ହୋଇଥିଲା । ଯାଞ୍ଚ୍ ପରେ ସମସ୍ତେ ମୃତ ବୋଲି ଜଣାପଡିଥିଲା । ବିପୁଲ ଅଟୋ ଚଳାଉଥିଲେ । ସୂଚନା ମିଳିବା ପରେ ଘଟଣାସ୍ଥଳକୁ ପୁଲିସ ଆସିଥିଲା ।

## ଜାହାଜରେ ନିଆଁ; ସମୁଦ୍ରକୁ ଡେଇଁ ୫ ମୃତ, ୧୩୦ ନିଖୋଜ

**ଜାକାର୍ତ୍ତା,୨୦।୭(ଏଜେନ୍ସି):** ଇଣ୍ଡୋନେସିଆର ଉତ୍ତର ସୁଲାବେସୀ ପ୍ରାନ୍ତରେ ରବିବାର ଦ୍ୱିପହରରେ ଏକ ଯାତ୍ରୀବାହି ଜାହଜରେ ନିଆଁ ଲାଗି ଯାଇଛି । ଏହା ଦେଖିବା ପରେ ଜୀବନ ବିକଳରେ ସମୁଦ୍ରକୁ ଡେଇଁ ୫ ଜଣ ପ୍ରାମ ହରାଇଛନ୍ତି । ଜାହାଜରେ ୨୮୦ ଯାତ୍ରୀ ଥିଲେ । ୧୫୦ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି । ଏହି ଦୁର୍ଘଟଣାର ଭିଡିଓ ଭାଇରାଲ ହୋଇଛି । ଜୀବନ ବଞ୍ଚାଇବାକୁ ଯାତ୍ରୀ ଜାହାଜରୁ ସମୁଦ୍ରକୁ ଡେଇଁବାକୁ ପଛାଇ ନ ଥିଲେ । ଆହୁରି ୧୩୦ ଜଣ ଯାତ୍ରୀଙ୍କୁ ଖୋଜା ଚାଲିଛି । କେଏମ ବାର୍ସିଲୋନା ୫ ନାମକ ଏହି ଜାହାଜ ତାଲୋଦ ଦୀପରୁ ମନାଡୋ ବନ୍ଦରକୁ ଯାଉଥିଲା । କିନ୍ତୁ ଅପରାହ୍ନ ୧.୩୦ରେ ଜାହଜାର ନିଆଁ ଲାଗିଥିଲା ଓ ଚାହୁଁ ଚାହୁଁ ନିଆଁ ସାରା ଜାହଜକୁ ବ୍ୟାପୀ ଯାଇଥିଲା । ନିଆଁ ଲାଗିବାର କାରଣ ସମ୍ପର୍କରେ ଏପର୍ଯ୍ୟନ୍ତ କିଛି ଜଣାପଡିନାହିଁ ଓ ଏ ନେଇ ଯାଞ୍ଚ ଆରମ୍ଭ କରାଯାଇଛି । ୫ଜଣଙ୍କ ମୃତଦେଡ ଉଦ୍ଧାର କରାଯାଇଛି । ଏଥିରେ ଜଣେ ଗର୍ଭବତୀ ମହିଳା ସାମିଲ ରହିଛନ୍ତି ।

## ୨୦ ଟଙ୍କା ପାଇଁ ମା'କୁ ମାରିଦେଲା ପୁଅ

**ନୁହ,୨୦।୭(ଏଜେନ୍ସି):** ମାତ୍ର ୨୦ ଟଙ୍କା ପାଇଁ ଜଣେ ପୁଅ ତା'ର ମାଆକୁ ହତ୍ୟା କରିଛି । ହରିୟାଣା ନୂହରେ ଏଭଳି ଘଟଣା ଘଟିଛି । ଜଣେ ନିଶାଶକ୍ତ ଯୁବକ ଏହି କାଣ୍ଡ ଘଟାଇଛି । ଶନିବାର ରାତିରେ ସେ ମାଙ୍କୁ ୨୦ ଟଙ୍କା ମାଗିଥିଲା । କିନ୍ତୁ ସକାଳେ ଦେବେ ବୋଲି ମା କହିଥିଲେ । କିନ୍ତୁ ମହିଳା ଜଣକ ସକାଳେ ଟଙ୍କା ଦେଇ ନ ଦେଇ ପରେ ଦେବେ ବୋଲି କହିଥିଲେ । ଫଳରେ କ୍ରୋଧରେ ଜାମସେଦ ତାଙ୍କୁ ତଳେ ପକାଇ ଏକ କୁରାଢୀରେ ହାଣିବା ସହ ବେକ କାଟି ଦେଇଥିଲା । ଅତ୍ୟଧିକ ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ହିଁ ମହିଳାଙ୍କ ମୃତ୍ୟୁ ହୋଇଥିଲା । ଏହାପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲା । ମୃତ ମହିଳା ହେଉଛନ୍ତି ଜୟସିଂହପୁରର ରେଜିଆ । ବଡ଼ ପୁଅ ଘଟଣା ସମ୍ପର୍କରେ ପୁଲିସକୁ ସୂଚନା ଦେଇଥିଲେ । ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ଅଭିଯାନ ଆରମ୍ଭ କରିଛି । ଅଭିଯୁକ୍ତ ୩ ଭାଇଙ୍କ ମଧ୍ୟରୁ ସବୁଠାରୁ ସାନ । ଜାମସେଦ ବିବାହ କରିଥିଲା । ତା ପତ୍ନୀ ୫ ବର୍ଷ ହେବ ବାପଘରେ ରହୁଥିଲେ । ଦୁହିଁଙ୍କ ମଧ୍ୟରେ ସମ୍ପର୍କ ଭଲ ନଥିବାରୁ ସେ ନିଶା ସେବନ କରୁଥିଲା ।

# 'ହିଟ୍ ଆଣ୍ଡ ରନ୍'ର ଦେଶ ପାଲଟିଛି ଭାରତ

## ବର୍ଷକୁ ଯାଉଛି ୨୨ ହଜାରରୁ ଅଧିକ ଜୀବନ

**ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି):**

ସଡ଼କ ଦୁର୍ଘଟଣା ଭାରତୀୟ ଅର୍ଥବ୍ୟବସ୍ଥାର ମେରୁଦଣ୍ଡକୁ ଭାଙ୍ଗି ଦେଉଛି । ଅନେକ ପରିବାରକୁ ସର୍ବସ୍ୱାନ୍ତ କରିଦେଉଛି । ପିଲାଙ୍କୁ ଅନାଥ ହେବାକୁ ଛାଡ଼ି ଦେଉଛି । ଦେଶରେ ସଡ଼କ ଦୁର୍ଘଟଣା କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ି ଚାଲିଛି । ଏହି କ୍ଷେତ୍ରରେ ଭାରତ ବିଶ୍ୱରେ ଅପକୀର୍ତ୍ତି ଅର୍ଜନ କରିଛି । ସଡ଼କ ଦୁର୍ଘଟଣାରେ ଭାରତରେ ସର୍ବାଧିକ ଜୀବନ ଯାଉଛି । ଏହାକୁ ରୋକିବାକୁ ଆଇନ ଅଛି, କିନ୍ତୁ ଲାଭ ମିଳୁନି । ଯେଉଁ ଉଦ୍ଦେଶ୍ୟ ନେଇ ନୂଆ ଟ୍ରାଫିକ ନିୟମ ଅଣାଯାଇଥିଲା ତାହା ମଧ୍ୟ ଫଳବତୀ ହୋଇପାରିଲା ନାହିଁ । କିଛି ରାଜ୍ୟ ସରକାର ଏହାକୁ ଲାଗୁ ମଧ୍ୟ କରିନାହାନ୍ତି । ଆଉ ଯିଏ କାର୍ଯ୍ୟକାରୀ କରିଛନ୍ତି ସିଏ ଜୋରିମାନା ରାଶିକୁ କମାଇ ଆଇନକୁ ଦୁର୍ବଳ କରିଦେଇଛନ୍ତି । ଦେଶରେ ସଡ଼କ ଦୁର୍ଘଟଣାର ଅଧିକାଂଶ ମାମଲା ହିଟ୍ ଆଣ୍ଡ ରନ୍‌ର ରହିଛି । ଡ୍ରାଇଭର ଲୋକଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଉଛି । ପୀଡ଼ିତ ବଞ୍ଚିଛି କି ମରିଛି ତାହା ମଧ୍ୟ ଦେଖୁନାହାନ୍ତି । ଉଚିତ ସମୟରେ ଚିକିତ୍ସା ନ ପାଇ ଅନେକ ଲୋକଙ୍କ ଜୀବନ ଚାଲି ଯାଉଛି । ଯେତେ ଆଇନ ଆସିଲେ ବି ସବୁ ବିଫଳ ହେଇ ଯାଉଛି । ନୂଆ ଟ୍ରାଫିକ ନିୟମରେ ଡ୍ରାଇଭର ଦୁର୍ଘଟଣା ଘଟାଇ ଫେରିଗଲେ କଡ଼ା ଦଣ୍ଡର ବ୍ୟବସ୍ଥା ଥିବାବେଳେ ଏହାକୁ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ନାହିଁ । ବର୍ଷକୁ ଏଭଳି ଦୁର୍ଘଟଣାରେ ୨୨ ହଜାର ଜୀବନ ଯାଉଥିବାବେଳେ ସଡ଼କ ସୁରକ୍ଷାକୁ ନେଇ ସରକାର କେତେ ସମ୍ବେଦନଶୀଳ ତାହା ଏଥିରୁ ଜଣାପଡୁଛି ।

**୨୦୨୨ରେ ଯାଇଥିଲା ୩୦,୪୦୦ ଜୀବନ**

**ଦୋଷୀଙ୍କୁ ମିଳୁନି ଦଣ୍ଡ; ପୁଲିସ ବେଫିକର୍**

**ନ୍ୟାୟରୁ ବଞ୍ଚିତ ହେଉଛନ୍ତି ପୀଡ଼ିତ ପରିବାର**



ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ ଅନୁଯାୟୀ ୨୦୨୨ରେ ହିଟ୍ ଆଣ୍ଡ ରନ୍ ମାମଲାରେ ୩୦, ୪୦୦ ଲୋକ ଜୀବନ ହରାଇଛନ୍ତି । ଏହା ୨୦୨୧ ତୁଳନାରେ ୧୭ ପ୍ରତିଶତ ଅଧିକ । ୨୦୨୨ରେ ଦେଶରେ ସଡ଼କ ଦୁର୍ଘଟଣାରେ ୧.୬୮ ଲକ୍ଷ ଲୋକଙ୍କ ଜୀବନ ଯାଇଥିଲା । ତେବେ ଦୁଃଖର ବିଷୟ ଏହି କି ଯେ ହିଟ୍ ଆଣ୍ଡ ରନ୍ ମାମଲାର ତଦନ୍ତ ବି ଠିକ୍‌ରେ ହେଉନାହିଁ । ପୁଲିସ ଏହାକୁ ଗୁରୁତର ସହ ନେଉନାହିଁ । ଫଳରେ ହିଟ୍ ଆଣ୍ଡ ରନ୍ ମାମଲା ପଛରେ ଥିବା ଉଦ୍ଦେଶ୍ୟ ବି ଜଣାପଡୁ ନାହିଁ । ଅପରାଧି ଖସି ପୁଣି ଆଉ କୋଉଠି ଦୁର୍ଘଟଣା ଘଟାଇ ମୁକ୍ତ ହୋଇ ବୁଲୁଛି । ପୀଡ଼ିତଙ୍କୁ ନ୍ୟାୟ ମିଳୁନି । ସତେ ଯେମିତି ଏମାନଙ୍କୁ ନ୍ୟାୟ ଦେବାରେ ଆଇନ ଅନ୍ଧ ପାଲଟି ଯାଇଛି । କିଛି ଦିନ ତଳେ ବିଶ୍ୱର ସବୁଠୁ ବୟସ୍କ ମାରାଥନର ଫୌଜା ସିଂହ ମଧ୍ୟ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇ ଥିଲେ । କିନ୍ତୁ ଚାପ ଯୋଗୁଁ ପୁଲିସ ଏହି ହିଟ୍ ଆଣ୍ଡ ରନ୍ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲା । ତେବେ ୨୦୦୯ ମେ' ୫ରେ ଏପରି ଏକ ଘଟଣା ଘଟିଥିଲା ଉତ୍ତର ପ୍ରଦେଶ ବିଜନୌରରେ । ବରଯାତ୍ରୀରେ ଯାଉଥିବା ଅକ୍ଷୟ କୁମାର ସିଂହଙ୍କୁ ଏକ ଟ୍ରକ୍ ଧକ୍କା ଦେଇ ପଳାଇ ଥିଲା । ଏଥିରେ ତାଙ୍କର ଏବଂ ଅନ୍ୟ ଜଣେ ବରଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା । ଡ୍ରାଇଭର କିଛି ନ ଦେଖି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା । ଅକ୍ଷୟଙ୍କ ମୁହଁ ଚାପି ହୋଇ ଯାଇଥିଲା । ପୁଅ ପିନ୍ଧିଥିବା ସାର୍ଟରୁ ବାପା ରାକେଶ ସିଂହ ତାଙ୍କୁ ଚିହ୍ନଟ କରିଥିଲେ । ସବୁ ଘଟଣା ପରି ଏଥିରେ ମଧ୍ୟ ପୁଲିସ ଏତଲା ରୁଜୁ କରି ବସି ଯାଇଥିଲା । ନ୍ୟାୟ ପାଇଁ ସଂଘର୍ଷ କରିଥିଲେ ବି ନ୍ୟାୟ ମିଳି ନ ଥିଲା । ପୁଲିସର ନିଷ୍କ୍ରିୟତା ଦେଖିବା ପରେ ପିଏସ୍‌ୟୁରେ କାମ କରୁଥିବା ରାକେଶ ନିଜେ ଦୋଷୀକୁ ଧରିବା ପାଇଁ ବାହାରି ପଡ଼ିଲେ । ଏଥିରେ ସେ ସଫଳ ହୋଇଥିଲେ ମଧ୍ୟ ନ୍ୟାୟ ବ୍ୟବସ୍ଥା ତାଙ୍କୁ ବିଫଳ କରିଦେଲା । ସେ ପ୍ରଥମେ ଉକ୍ତ ଟ୍ରକରେ ବେଆଇନ ଭାବେ ଖଣି ଖନନ କରି ସାମଗ୍ରୀକୁ ଓଭରଲୋଡ କରି ନିଆଯାଉଥିବା ଜାଣିବାକୁ ପାଇଥିଲେ । ପରେ ୧୫ ଦିନ ଭିତରେ ଡ୍ରାଇଭରକୁ ଧରିଥିଲେ । ସେ ସେହି ଟ୍ରକର ମାଲିକ ଥିଲା । ରାକେଶ ସବୁ ପ୍ରମାଣ ପୁଲିସକୁ ଦେଇଥିଲେ । ମାତ୍ର ଅଭିଯୁକ୍ତ ଜାମିନ ପାଇ ଯାଇଥିଲା ଏବଂ ୨୦୧୨ରେ ସେହି ଡ୍ରାଇଭର ମଦି ପିଇ ମରିଯିବା ପରେ ମାମଲାକୁ ବନ୍ଦ କରିଦିଆଯାଇଥିଲା । ପରେ ଶ୍ରୀ ସିଂହ ନିଜ ଚାକିରି ଛାଡ଼ି ଜଣେ ସାମାଜିକ କର୍ମୀ ଭାବେ ସଡ଼କ ସୁରକ୍ଷା ପାଇଁ କାର୍ଯ୍ୟ କରୁଛନ୍ତି । ଏବେ ତାଙ୍କୁ ୬୨ ବର୍ଷ ।

■ ମହାରାଷ୍ଟ୍ର ରାଜନୀତି ସରଗରମ

## ଫଡ୍‌ନାଭୀସଙ୍କୁ ଭେଟିଲେ ଆଦିତ୍ୟ ଠାକରେ

**ମୁମ୍ବାଇ, ୨୦।୭ (ଏଜେନ୍ସି):** ଉଦ୍ଧବ ଗୋଷ୍ଠୀର ଶିବସେନାକୁ ନେଇ ମହାରାଷ୍ଟ୍ର ରାଜନୀତି ସରଗରମ ହୋଇ ଉଠିଛି । ଏହି ଗୋଷ୍ଠୀ ପୁଣିଥରେ ବିଜେପି ମେଣ୍ଟରେ ସାମିଲ ହେବ ବୋଲି ଚର୍ଚ୍ଚା ହେଉଛି । ମୁଖ୍ୟମନ୍ତ୍ରୀଙ୍କ ଅଫର ପାଇବାର ଦିନକ ପରେ ଉଦ୍ଧବ ଠାକରେ ଏବଂ ତାଙ୍କ ପୁଅ ଆଦିତ୍ୟ ଠାକରେ ତାଙ୍କୁ ଭେଟିବାକୁ ଯାଇଥିଲେ । ବିଧାନ ପରିଷଦ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଉଭୟେ ୨୦ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିଥିଲେ । ଏହାର ଦିନକ ପରେ ଶନିବାର ସନ୍ଧ୍ୟାରେ ଉଦ୍ଧବଙ୍କ ପୁଅ ଆଦିତ୍ୟ ପୁଣି ଫଡନାଭୀସଙ୍କୁ ଭେଟିଛନ୍ତି । ମୁମ୍ବାଇର ସୋଫିଟେଲ ହୋଟେଲରେ ଉଭୟେ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଆଲୋଚନା କରିଥିବା ରିପୋର୍ଟ ଆସିଛି । ଅଲଗା ଅଲଗା କାର୍ଯ୍ୟକ୍ରମ ପାଇଁ ଦୁହେଁ ଏହି ହୋଟେଲକୁ ଯାଇଥିଲେ ବୋଲି କୁହାଯାଉଛି । ମାତ୍ର ଏହି ସାକ୍ଷାତ ଆଲୋଚନା ବିଜେପି-ଶିବେସନା ମଧ୍ୟରେ ମେଣ୍ଟ ଚର୍ଚ୍ଚାକୁ ଅଧିକ ଖୋରାକ ଯୋଗାଉଛି । ମରାଠୀକୁ ନେଇ ରାଜ୍ୟ ରାଜନୀତି ଜୋର ଧରିଥିବାବେଳେ ଦୁଇ ପୁରୁଣା ବନ୍ଧୁ ଦଳ ଫାଟକୁ ଭୁଲି ପୁଣି ଏକାଠି ହେବେ ବୋଲି କୁହାଯାଉଛି । ତେବେ ଉଭୟ ନେତା କୌଣସି ବୈଠକ ହୋଇ ନ ଥିବା କହିଛନ୍ତି ।



ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ଏକ କାର୍ଯ୍ୟକ୍ରମ ପାଇଁ ମୁଖ୍ୟମନ୍ତ୍ରୀ ହୋଟେଲରେ ଥିଲେ, କିନ୍ତୁ ଆଦିତ୍ୟଙ୍କୁ ସେ ଭେଟି ନ ଥିଲେ । ଏହି ସମୟରେ ଆଦିତ୍ୟ ତାଙ୍କ ବନ୍ଧୁମାନଙ୍କ ସହ ହୋଟେଲରେ ଉପସ୍ଥିତ ଥିଲେ । ଏହା ପୂର୍ବରୁ ୧୬ ତାରିଖରେ ଫଡନାଭିସ ପୁରୁଣା ସହଯୋଗୀ ଉଦ୍ଧବଙ୍କୁ ତାଙ୍କ ସାମିଲ ହେବା ପାଇଁ ଆମନ୍ତ୍ରଣ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଜେପି ତାଙ୍କ ସହ ବିରୋଧୀ ଦଳରେ ସାମିଲ ହେବାର ସମ୍ଭାବନା ନାହିଁ, କିନ୍ତୁ ସେ କ୍ଷମତାସୀନ ପକ୍ଷକୁ ଆସିପାରିବେ । ସୂଚନାଯୋଗ୍ୟ ଯେ ଦିଶା ସାଲିଆନଙ୍କ ମୃତ୍ୟୁକୁ ନେଇ ତାଙ୍କ ପିତା ସିଧାସଲଖ ଆଦିତ୍ୟ ଠାକରେଙ୍କୁ ଦୋଷ ଦେଇଛନ୍ତି । ଝିଅକୁ ଦୁଷ୍କର୍ମ କରି ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି । ଏହାକୁ ନେଇ ସେ ହାଇକୋର୍ଟରେ ମାମଲା ଦାଏର କରିଥିବାବେଳେ କ୍ଷମତାସୀନ ମେଣ୍ଟ ସହ ଉଦ୍ଧବ ଗୋଷ୍ଠୀ ଶିବସେନାର ଘନିଷ୍ଠତା ବଢ଼ିବ ଭିନ୍ନ କିଛି ଦିଗକୁ ଇଙ୍ଗିତ କରୁଛି ।

ଆମେରିକାରେ ଭାରତୀୟ ବଂଶୋଦ୍ଭବ ଡାକ୍ତରଙ୍କ କଳା ସାମ୍ରାଜ୍ୟ

## ଔଷଧ ବଦଳରେ ସେକ୍ସ!

**ୱାଶିଂଟନ, ୨୦।୭ (ଏଜେନ୍ସି):** ଆମେରିକା ନ୍ୟୁଜର୍ସିରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି । ଏହାକୁ ନେଇ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି । ଜଣେ ଡାକ୍ତର ଚିକିତ୍ସା କରିବା ବାହାନାରେ କଳା ସାମ୍ରାଜ୍ୟ ଚଳାଇ ଥିଲେ । ଶକ୍ତିଶାଳୀ ପେନ୍ କିଲର ବଦଳରେ ଶାରୀରୀକ ସମ୍ପର୍କ ରଖୁଥିଲେ । କ୍ଲିନିକକୁ ଔଷଧ କେନ୍ଦ୍ର କରି ରଖିଥିଲେ । ଏହି ଡାକ୍ତରଙ୍କ ଠିକଣାରୁ ୩୧ ହଜାର ଜାଲ୍ ପ୍ରେସକ୍ରିପସନ୍ ଜବତ କରାଯାଇଛି । ଆମେରିକାର ଫେଡାରାଲ ପ୍ରୋସିକ୍ୟୁଟର ଏଭଳି ବେଆଇନ କାର୍ଯ୍ୟ କରୁଥିବା ଭାରତୀୟ ବଂଶୋଦ୍ଭବ ଡାକ୍ତର ରିତେଶ କାଲରାଙ୍କ ବିରୋଧରେ ମାମଲା ଚାଲିଛି । ସେ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଠକିଥିବା ଅଭିଯୋଗ ହୋଇଛି । ସିକାସସ୍ ସହରର ଏହି ଚିକିତ୍ସକ ଫେୟାର ଲନ୍‌ରେ ପ୍ରାକ୍ଟିସ କରୁଥିଲେ । ସେ ନିଜ ମେଡିକାଲ ଅଫିସକୁ ଔଷଧ କେନ୍ଦ୍ର ଭାବେ ପରିଣତ କରି ବିନା ଆବଶ୍ୟକତାରେ ହଜାର ହଜାର ହାଇ-ଡୋଜ୍ ଓପିଓଡିସ, ଅକ୍ସିକୋଡନ ଏବଂ ପ୍ରୋମେଥାଜାଇନ ଭଳି ଔଷଧ ଲେଖୁଥିଲେ । ଆମେରିକା ଆଟର୍ଣ୍ଣି ଏଲିନା ହବା କହିଛନ୍ତି ଯେ ଏହି ଡାକ୍ତର ନିଜ ପେଶାକୁ ବ୍ୟବହାର କରି ନ୍ୟୁଜର୍ସିର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଠକୁ ଥିଲେ । ନିଜ ପଦବୀକୁ ନିଶାସକ୍ତ କରିବାକୁ ଏବଂ ଦୁର୍ବଳ ରୋଗୀଙ୍କୁ ଯୌନ ସମ୍ପର୍କ ରଖିବା ପାଇଁ ଉତ୍ପୀଡ଼ନ ଦେଉଥିଲେ ।



**୩୧ ହଜାର ଜାଲ୍ ପ୍ରେସକ୍ରିପ୍‌ସନ**

୨୦୧୯ ଜାନୁଆରୀରୁ ୨୦୨୫ ଫେବୃଆରୀ ମଧ୍ୟରେ ସେ ପ୍ରାୟ ୩୧ ହଜାର ଅକ୍ସିକୋଡନ ପ୍ରେସ୍‌କ୍ରିପ୍‌ସନ ଲେଖିଥିଲେ । ସେ ବେଳେବେଳେ ଦିନକୁ ୫୦ରୁ ଅଧିକ ଏଭଳି ପ୍ରେସ୍‌କ୍ରିପ୍‌ସନ ଲେଖିଥିଲେ । ବେଆଇନ ଔଷଧ ଲେଖିବା ସହିତ ସେ ପରାମର୍ଶ ଦେବା ଏବଂ କାଉନସେଲିଂ ପାଇଁ ଅଧିକ ଦେୟ ନେଉଥିଲେ । ଏହି ମାମଲାରେ କାଲରାଙ୍କୁ ଗିରଫ କରାଯାଇଥିଲା । ତେବେ ଲକ୍ଷେ ଡଲାରର ବଣ୍ଡରେ ନ୍ୟୁୱାର୍କ ମାଜିଷ୍ଟ୍ରେଟ ଜଜ୍ ତାଙ୍କୁ ମୁକ୍ତ କରିଛନ୍ତି । ତାଙ୍କୁ ମେଡିକାଲ ପ୍ରାକ୍ଟିସ ନ କରିବାକୁ କୁହାଯାଇଛି । ଅନ୍ୟପଟେ କାଲରାଙ୍କ ଓକିଲ ସମସ୍ତ ଅଭିଯୋଗକୁ ଖାରଜ କରିଦେଇଛନ୍ତି । ସରକାରଙ୍କ ପ୍ରେସ୍ ବିଜ୍ଞପ୍ତି 'ସୁପରମାର୍କେଟ ଟାବଲୋଏଡ' ଭଳି ବୋଲି କହିଛନ୍ତି ।

# ନିଶା ର୍‌ୟାକେଟ ଚଳାଉଥିଲେ ଡାକ୍ତର, ଜିମ୍ ଟ୍ରେନର୍

**ଭୋପାଳ, ୨୦।୭ (ଏଜେନ୍ସି):**

ମଧ୍ୟପ୍ରଦେଶ ଭୋପାଳରୁ ଏକ ବଡ଼ ଡ୍ରଗ୍ ର୍‌ୟାକେଟର ପର୍ଦ୍ଦାଫାସ ହୋଇଛି । ଏହି କାରବାର ଜିମ୍ କ୍ଲିନିକ ଏବଂ ମହାବିଦ୍ୟାଳୟ ପରିସରରେ ଚାଲିଥିଲା । ଏହି ମାମଲାରେ ଦୁଇ ପ୍ରମୁଖ ନିଶା ଚାଲାଣକାରୀ ସୈଫୁଦ୍ଦିନ ଏବଂ ଆସୁ ଓରଫ ଶାହରୁଖକୁ କ୍ରାଇମବ୍ରାଞ୍ଚ ଗିରଫ କରିଛି । ଜଣେ ଡାକ୍ତର ଏବଂ ଜଣେ ଜିମ୍ ଟ୍ରେନର ଏହି କାରବାରର ମୁଖ୍ୟ କାର୍ଟେଦାର ଥିଲେ । ମାନସିକ ସ୍ୱାସ୍ଥ୍ୟର ଚିକିତ୍ସା ପାଇଁ ଏହି ଡାକ୍ତର ମେଫାଡ୍ରୋନ (ଏମଡି) ଡ୍ରଗ ଲେଖୁଥିଲେ । ସେହିପରି ଜିମ୍ ଟ୍ରେନର ମେଦ ହ୍ରାସ ପାଇଁ ମେଫାଡ୍ରୋନ ନେବାକୁ କହୁଥିଲେ । ଏହି କାରବାରରେ ଯୁବତୀ ଏବଂ ମହିଳାଙ୍କୁ ଢାଲ କରାଯାଉଥିଲା । ସେମାନେ ଡ୍ରଗ ନେଇ ସ୍ଲିମ ହୋଇଥିବା ଏବଂ ମନୋବଳ ବୃଦ୍ଧି କରୁଥିବା କହୁଥିଲେ । ଦୁଇ ଅଭିଯୁକ୍ତ କେବଳ ଡ୍ରଗ୍ ବିକୁ ନ ଥିଲେ, ଏଥିପାଇଁ ଏକ ବ୍ୟବସ୍ଥା ମଧ୍ୟ ଗଢ଼ିଥିଲେ ।

ପୁଲିସ ସୂଚନା ଅନୁଯାୟୀ ନିଶା କାରବାର ବୃଦ୍ଧି କରିବା ପାଇଁ ଉଭୟ ଅଭିଯୁକ୍ତ ଡାକ୍ତର, ଜିମ ଟ୍ରେନର ଏବଂ ପାର୍ଟି ପ୍ରମୋଟରଙ୍କ ସହାୟତା ନେଇ ଯୁବଗୋଷ୍ଠୀଙ୍କୁ ଏହି ଅନ୍ଧକାର ମଧ୍ୟକୁ ଠେଲି ଦେଉଥିଲେ । ଏଥିପାଇଁ ଫିଟ୍‌ନେସ ଏବଂ ମାନସିକ ସ୍ୱାସ୍ଥ୍ୟକୁ ଦ୍ୱାହି ଦେଉଥିଲେ । ଆଉ ଏହି ଡ୍ରଗ ଥରେ ନେବା ପରେ ସେମାନେ ଏହି ଯନ୍ତାରୁ ବାହାରି ପାରୁ ନ ଥିଲେ । ଦୁଇ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୧୫.୧୪ ଗ୍ରାମ ଏମଡି ଗୁଣ୍ଡ, ଗୋଟିଏ ସ୍କୁଟି

**ଓଜନ ହ୍ରାସ, ମାନସିକ ଚିକିତ୍ସା ଆଳରେ ବିକୁଥିଲେ ଡ୍ରଗ୍ସ**

**ଗଢ଼ିଥିଲେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା**

ଏବଂ ଫୋନ ଜବତ କରିଛି । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏପରି ଏକ ବ୍ୟବସ୍ଥା ତିଆରି କରାଯାଇଥିଲା ଯେଉଁଥିରେ ଓଜନ ହ୍ରାସ, ଶକ୍ତି ବୃଦ୍ଧି, ମାନସିକ ସ୍ଥିତିକୁ ଭଲ ରଖିବାକୁ ନିଶା ଦିଆଯାଉଥିଲା । ଏଥିପାଇଁ ପ୍ରେସକ୍ରିପସନ୍ ମଧ୍ୟ ଲେଖା ଯାଉଥିଲା । ନିଜ ଚେହେରାକୁ ନେଇ ଚିନ୍ତିତ ଥିବା ଯୁବ ଗୋଷ୍ଠୀଙ୍କୁ ଏହି ନିଶା କାରବାରୀ ନିଶାଣ କରୁଥିଲେ । ଜିମ୍ ମାଧ୍ୟମରେ ନିଶା ଦ୍ରବ୍ୟ ବିକୁଥିଲେ । ଠକ ଡାକ୍ତରଙ୍କୁ ଏହି ର୍‌ୟାକେଟରେ ସାମିଲ କରି ଅବସାଦଗ୍ରସ୍ତ ଏବଂ ଚିଡ଼ଚିଡା ରୋଗରେ ପୀଡ଼ିତଙ୍କ ପାଇଁ ପ୍ରେସକ୍ରିପସନ୍ ଲେଖାଉ ଥିଲେ । ପରେ ନିଶା ଦେଇ ଯୁବତୀଙ୍କୁ ଯୌନ ଉତ୍ପୀଡ଼ନ ଦିଆଯାଉଥିଲା ଏବଂ ଅପରାଧ ମଧ୍ୟକୁ ଠେଲି ଦିଆଯାଉଥିଲା ବୋଲି ଜଣେ ପୁଲିସ ଅଧିକାରୀ କହିଛନ୍ତି ।

ଅଭିଯୁକ୍ତମାନେ ଭୋପାଳର ବଡ଼ ପାର୍ଟିକୁ ମଧ୍ୟ ଡ୍ରଗ୍ସ ଯୋଗାଉ ଥିଲେ । ଝିଅଙ୍କୁ ବ୍ୟବହାର କରି ହନିଟ୍ରାପ କରୁଥିଲେ । ଏଭଳି ଝିଅଙ୍କୁ ମାଗଣାରେ ଡ୍ରଗ୍ସ ଦେଇ ଅନ୍ୟମାନଙ୍କୁ ସାମିଲ କରାଇବାକୁ କହୁଥିଲେ । ନୂଆ ଝିଅ ସାମିଲ ହେବା ପରେ ମାଗଣାରେ ଡ୍ରଗ୍ସ ଦେଉଥିଲେ । ଚେନ୍ ମାର୍କେଟିଂ ମାଧ୍ୟମରେ ଯୁବ ପିଢିକୁ ସାମିଲ କରୁଥିଲେ । ଏହି ବ୍ୟବସ୍ଥାରେ ଜିମ୍, ଥେରାପି କ୍ଲିନିକ, ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଏବଂ ନାଇଟ କ୍ଲବ ଗୁଡିକୁ ସାମିଲ କରିଥିଲେ । ଏମାନେ ମଧ୍ୟବିତ୍ତ ପରିବାରର ପିଲା, କଲେଜ ଛାତ୍ରଛାତ୍ରୀଙ୍କୁ ପ୍ରଭାବିତ କରୁଥିଲେ । ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଗୋବିନ୍ଦପୁରାର ସବ୍‌ଜି ମଣ୍ଡି ଟିନ୍ ସିଡ ଅଞ୍ଚଳରୁ ଏହି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ।

# ବାର୍‌ହା ମାଂସ ଜବତ: ୧୧ ଗିରଫ




ଚିତ୍ରକୋଣ୍ଡା,୨୦ ।୭ (ସମିସ): ସ୍ୱାଭିମାନ ଅଞ୍ଚଳ ରାଲେଗଡ଼ା ପଞ୍ଚାୟତର ସାରକୁବନ୍ଧ ଗାଁ ନିକଟରୁ ଚିତ୍ରକୋଣ୍ଡା ବନ ବିଭାଗ ପାଖାପାଖି ୪୩ କେଜି ବାର୍‌ହା ମାଂସ ଜବତ କରିବା ସହ ୧୧ ଶିକାରୀଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ପୁଲିସ୍ ଦୁଇଟି ଜୀବନ୍ତ ବାର୍‌ହା ସହ ଜାଲ, ମାରଣାସ୍ତ୍ର, ୯ ଟି ବାଇକ୍, ଗୋଟିଏ ଟ୍ରାକ୍ଟର୍ ଜବତ କରିଛି । ଅଭିଯୁକ୍ତମାନେ ହେଲେ, ବାଲକ୍ରିଷ୍ଣା ଉଦ୍ଧୁ, କାମେଶ ଉଦ୍ଧୁ, ସନ୍ତୋଷ ବାର୍ବୋସ, ରାମବାବୁ ବାର୍ବୋସ୍, ନାଗରାଜୁ ବର୍ବୋସ, ନଗେଶ କୁମୁଡ଼ା, ବାଳନା କୁମୁଡୁ, କ୍ରିଷ୍ଣା ରାଓ ପୋଟରାଜୁ, ମାଟିଲିଙ୍ଗମ୍ ବାର୍ବଡ, ସନ୍ୟାସୀ ରାଓ ବାର୍ବସ, ଶ୍ରୀନୁବାବୁ ଖିଲ । ଆସନ୍ତାକାଲି ସମସ୍ତଙ୍କୁ କୋର୍ଟରେ ହାଜର କରାଯିବ ବୋଲି ବନପାଳ ନିରଞ୍ଜନ ସାରକା ସୂଚନା ଦେଇଛନ୍ତି । ଅପରପକ୍ଷେ, ସ୍ୱାସ୍ଥ୍ୟ ପରୀକ୍ଷା ପରେ ଦୁଇ ବାର୍‌ହା ଶାବକଙ୍କୁ ଜଙ୍ଗଲରେ ଛଡ଼ାଯିବ ବୋଲି ବନପାଳ କହିଛନ୍ତି ।

### ଦୁଇ ବାର୍‌ହା ଛୁଆ ଉଦ୍ଧାର

କିଛି ଶିକାରୀ ବାର୍‌ହା ଶିକାର କରିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ ବିଭାଗ ସାରକୁବନ୍ଧ ଗାଁରେ ଚଢ଼ଉ କରିଥିଲା । ବନଖଣ୍ଡ ଅଧିକାରୀ ସାଇକିରଣଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି ଚଢ଼ଉରେ ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକ, ବନପାଳ ନିରଞ୍ଜନ ସାରକା, ରାଜେଶ କୁମାର ସେଠି, ବନପାଳ, ସଞ୍ଜୟ କୁମାର ପରିଡ଼ା, ଗାର୍ଡ, ୱାଇଲ୍ଡ ଲାଇଫ୍ ପାରାସ୍କ୍ୱାଡ୍‌ର କର୍ମଚାରୀମାନେ ସାମିଲ ଥିଲେ ।

# ଟୋଲ୍‌ଗେଟ୍ ଉପରକୁ ମାଡ଼ିଗଲା କାର୍

ବୈଶିଙ୍ଗା/ବେତନଟୀ, ୨୦।୭ (ସମିସ): ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲ ଗେଟ୍‌ରେ ରବିବାର ଭୋର୍‌ରେ ଏକ ବଡ଼ ଅଘଟଣ ଘଟିଛି । ଏକ ଦ୍ରୁତଗାମୀ କାର୍ ଭାରସାମ୍ୟ ହରାଇ ଟୋଲ୍ ଗେଟ୍‌ର ୩ ନମ୍ବର ବୁଥ୍ ଉପରକୁ ମାଡ଼ିଯିବାରୁ ଜଣଙ୍କର ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି ।



### ପ୍ରାକ୍ତନ ଅଧ୍ୟାପକଙ୍କ ମୃତ୍ୟୁ



ମୃତକ ହେଲେ, ବାରିପଦା ଶ୍ରୀମା' ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ରାଜଦୀପ ପଟ୍ଟନାୟକ । ସେ ବିଜେଡି ନେତ୍ରୀ ଛବି ମାହାଲିଙ୍କ ସ୍ୱାମୀ । ସେହିପରି, ଆହତ ଜଣଙ୍କ ହେଲେ ଅଜୟ ନାଏକ । ଉଭୟ ଏକ କାର୍ (ଓଡି -୧୧ଏମ -୬୭୧୬)ରେ ବାରିପଦା ଆସୁଥିବା ବେଳେ ଏହି ଅଘଟଣ ଘଟିଥିଲା । ଦୁର୍ଘଟଣା ପରେ ଟୋଲଗେଟ୍ କର୍ମଚାରୀ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସରେ ପ୍ରଥମେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ସେଠାରୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ରାଜଦୀପଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା ।

ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି କ୍ରେନ୍ ସହାୟତାରେ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରି ମାମଲା ରୁଜୁ କରିଛି । ରାଜଦୀପଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ପରେ ଶୋଭାଯାତ୍ରାରେ ମରଶରୀରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

# ଆଉ କେତେ ଅଘଟଣ ପରେ ଚେତିବେ ସରକାର

- ବଢ଼ିଚାଲିଛି ଦୁଷ୍କର୍ମ, ହତ୍ୟା, ଲୁଟ୍‌ପାଟ୍
- ପୁଲିସ ଏବଂ ପ୍ରଶାସନକୁ ଅପରାଧୀଙ୍କ ଭୟନାହିଁ
- ପୁଲିସ ଉପରୁ ଲୋକଙ୍କ ଭରସା ବି ତୁଟିଗଲାଣି

ଭୁବନେଶ୍ୱର, ୨୦।୭ (ସମିସ): ରାଜ୍ୟରେ ଏବେ ମହିଳା ଅସୁରକ୍ଷିତ ହୋଇପଡ଼ିଛନ୍ତି । ଅପରାଧୀଙ୍କ ନା ପୁଲିସକୁ ଭୟ ଅଛି ନା ପ୍ରଶାସନକୁ । ମନଇଚ୍ଛା ଯାହା ଚାହୁଁଛନ୍ତି, ସେୟା କରୁଛନ୍ତି । କାହାକୁ ହତ୍ୟା କରୁଛନ୍ତି ତ ଆଉ କାହାକୁ ଜୀବନ୍ତ ପୋଡ଼ି ଦେଉଛନ୍ତି । ବିନା ଭୟରେ ଦୁଷ୍କର୍ମ କରିବାକୁ ବି ପଛାଉ ନାହାନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଭଳି ଜଘନ୍ୟ କାଣ୍ଡ ଘଟାଇବା ପରେ ସେମାନେ ଅତି ସହଜରେ ଚମ୍ପଟ ମାରୁଛନ୍ତି । ଅଧିକାଂଶ ମାମଲାରେ ନା ପୁଲିସ ସେମାନଙ୍କୁ ଗିରଫ କରିପାରୁଛି ନା ପୀଡ଼ିତଙ୍କୁ ନ୍ୟାୟ ଦେଇପାରୁଛି । ପ୍ରଶାସନ କେବଳ ମୃତବ୍ୟକ୍ତିଙ୍କୁ କ୍ଷତିପୂରଣ ଦେଇ ବସିପଡୁଛି । ଫଳରେ ରାଜ୍ୟରେ ପୁଣି ସମଧରଣର ଆଉ ଏକ ଘଟଣା ଘଟୁଛି । ଗତ କିଛି ମାସ ହେବ, ରାଜ୍ୟରେ ଘଟୁଥିବା କେତେକ ଅପରାଧ ଉପରେ ନଜର ପକାଇଲେ, ଏହା ସ୍ପଷ୍ଟ ହେଉଛି ।

ଗୋପାଳପୁର ଗଣଦୁଷ୍କର୍ମ ଘଟଣାଠାରୁ ଆରମ୍ଭ କରି ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଏବଂ ଗତକାଲିର 'ବଳଙ୍ଗା' ଘଟଣାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷର ନିଆଁ ଜଳୁଛି । ରାଜ୍ୟରେ ଘଟୁଥିବା ଏକାଧିକ ଘଟଣା ଜାତୀୟ ମାନବିକ ଅଧିକାର ଆୟୋଗ, ମହିଳା ଆୟୋଗଙ୍କୁ ବିବ୍ରତ କରିପକାଇଲାଣି । ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ବି କ୍ଷୁବ୍ଧ । ରାଜ୍ୟବାସୀ ବି ଅଣନିଃଶ୍ୱାସୀ ହୋଇପଡ଼ିଲେଣି । ହେଲେ, ପ୍ରଶାସନ ପକ୍ଷରୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଆଉ ଏଭଳି କେତେ ଅଘଟଣ ଘଟିଲେ, ସରକାର ଚେତିବେ ବୋଲି ଏବେ ପ୍ରଶ୍ନ ଉଠିଲାଣି ।

ଗତ ଜୁନ୍ ୧୬ ତାରିଖରେ ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କ ଗଣଦୁଷ୍କର୍ମ କରାଯାଇଥିଲା । ଗଣଦୁଷ୍କର୍ମ ଘଟଣାରେ ପୁଲିସ ମୋଟ ୧୦ ଜଣଙ୍କୁ ଗିରଫ କରିଛି । ୧୦ଜଣଙ୍କ ମଧ୍ୟରେ ୬ଜଣ ନାବାଳକେ ଅଛନ୍ତି । ସେହିପରି ରାୟଗଡ଼ା ଜିଲ୍ଲାରେ ଜୁଲାଇ ୧୨ତାରିଖରେ ପ୍ରେମୀଯୁଗଳଙ୍କୁ ଲଙ୍ଗଳ ପକାଇ ହଳ ବୁଲାଇଥିଲେ । ଜୁଲାଇ ୧୩ ତାରିଖରେ କୋରାପୁଟରେ କଙ୍ଗାରୁ କୋର୍ଟ ଦେଖିବାକୁ ମିଳିଥିଲା । ପ୍ରେମ କରିବାରୁ ଗାଁ ଦାଣ୍ଡରେ ବଳଦ କରି ହଳ ବୁଲାଇଲେ ଗ୍ରାମବାସୀ । ପ୍ରେମୀଯୁଗଳଙ୍କ ବେକରେ ଜୁଆଳି ପଡ଼ିଥିବା ଦେଖିବାକୁ ମିଳିଥିଲା । ଜୁନ୍ ୨୩ରେ ଗଞ୍ଜାମ ଧରାକୋଟ ଖାରିଗୁମ୍ମା ଗାଁରେ ଗୋ-ତସ୍କରୀ ଅଭିଯୋଗ ଆଣି ଟଙ୍କା ଲୋଭରେ ଦୁଇ ଦଳିତଙ୍କୁ ପିଟିଲେ ଲୋକେ । ଗାଁ ଦାଣ୍ଡରେ ଲଣ୍ଡା କରି ପାଟିରେ ଘାସ ଦେଇ ଆଣ୍ଠେଇଲେ ଏପରିକି, ନର୍ଦ୍ଦମା ପାଣି ବି ପିଇବାକୁ ବାଧ କଲେ । ସେହିପରି, ଜୁନ୍ ୩୦ ତାରିଖରେ ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ବିଜେପି କର୍ପୋରେଟର୍ ଏବଂ ଅନ୍ୟ ସହଯୋଗୀମାନେ ଆକ୍ରମଣ କରିଥିଲେ । ଗତ ଶନିବାରରେ ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ନପାଇବାରୁ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ଦେଇଥିଲେ । ଗତକାଲି ପୁଣି ବଳଙ୍ଗା ଥାନା ଅଞ୍ଚଳରେ ଜଣେ ଯୁକ୍ତ ଦୁଇ ଛାତ୍ରୀଙ୍କୁ ଦୁର୍ବୃତ୍ତ ଅପହରଣ କରିନେଇ କିରାସିନି ଢାଳି ନିଆଁ ଲଗାଇ ଦେଇଥିଲେ । ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ପୁଲିସ ପ୍ରତି ଅପରାଧୀଙ୍କ ଭୟ ନଥିବା ସ୍ପଷ୍ଟ ରୂପେ ବାରି ହୋଇପଡୁଛି ।

## ପରକୀୟା ପ୍ରୀତି ନେଲା ଦୁଇ ଜୀବନ

# ସ୍ତ୍ରୀକୁ ହତ୍ୟା କରି ନଦୀରେ ଫିଙ୍ଗିଦେଲା

ବଣାଇଁ/ରାଉରକେଲା, ୨୦।୭ (ସମିସ): ବୁଲାଇବା ବାହାନାରେ ସ୍ତ୍ରୀକୁ ସାଥିରେ ନେଲା । ସେଠାରେ ହତ୍ୟା କରିବା ପରେ ଅଖାରେ ବାନ୍ଧି ଶବକୁ ନଦୀରେ ଫିଙ୍ଗିଦେଲା । ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ଥାନା ପଙ୍କଡିହି ତଥା ଜଡ଼ା ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି । ହତ୍ୟାର ଶିକାର ମହିଳାଜଣଙ୍କ ହେଲେ, ଜୟନ୍ତୀ କୁଜୁର । ଆଜି ସଂଧ୍ୟାରେ ରାଜଗାଙ୍ଗପୁର ନିକଟସ୍ଥ କାନ୍ସବାହାଲ ନିକଟରୁ ଏକ ଅଖାବସ୍ତା ଭିତରୁ ଜୟନ୍ତୀଙ୍କ ଶବକୁ ପୁଲିସ୍ ଜବତ କରିବା ପରେ ବ୍ୟବଚ୍ଛେଦ ପାଇଁ ପଠାଇଛି । ଜୟନ୍ତୀଙ୍କୁ ଗତକାଲି ହତ୍ୟା କରିବା ପରେ ସ୍ୱାମୀ ଲକ୍ଷ୍ମଣ ଓରାମ ଆଜି ଥାନାରେ ଆତ୍ମସମର୍ପଣ କରିଥିଲା । ପୁଲିସ୍ ତାକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ପରପୁରୁଷ ସହ ସ୍ତ୍ରୀର ଅନୈତିକ ସଂପର୍କ ଥିବା ସନ୍ଦେହ କରି ଲକ୍ଷ୍ମଣ ଏପରି ନାରକୀୟ କାଣ୍ଡ ଘଟାଇଥିବା ପୁଲିସ୍ ଆଗରେ ସ୍ୱୀକାର କରିଛି ।

ସୂଚନାନୁଯାୟୀ, ଜୟନ୍ତୀ ଜଣେ ଅଙ୍ଗନବାଡ଼ି କର୍ମୀ । ସେ ପଙ୍କଡ଼ିହି ପଞ୍ଚାୟତ ଅଧୀନ ଜଡା ଅଙ୍ଗନବାଡ଼ିରେ କାର୍ଯ୍ୟରତ । ଗତକାଲି ଅଙ୍ଗନବାଡ଼ିରୁ ଜୟନ୍ତୀ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ । ଏହାକୁ ନେଇ ନାନା ଚର୍ଚ୍ଚା ହୋଇଥିଲା । ହେଲେ ଆଜି ଲକ୍ଷ୍ମଣ ଗୁରୁଣ୍ଡିଆ ଥାନାରେ ଆତ୍ମସମର୍ପଣ କରି ସତ ଓଗାଳିଥିଲା । ଜୟନ୍ତୀଙ୍କୁ ହତ୍ୟା କରି ବ୍ରାହ୍ମଣୀ ନଦୀରେ ଫୋପାଡ଼ି ଦେଇଥିବା ନେଇ ଥାନାରେ ସ୍ୱୀକାର କରିଥିଲା । ହେଲେ, କେଉଁଠାରେ ମୃତଦେହ ଫୋପାଡ଼ିଥିଲା; ସେନେଇ ଭିନ୍ନଭିନ୍ନ କଥା କହିବା ଯୋଗୁଁ ଆଜି ଦିନତମାମ ପୁଲିସ୍ ନାକେଦମ ହୋଇଥିଲା । ଶେଷରେ ଆଜି ସନ୍ଧ୍ୟାରେ ରାଜଗାଙ୍ଗପୁର ନିକଟସ୍ଥ କାନ୍ସବାହାଲ ନିକଟରୁ ଏକ ଅଖା ଭିତରୁ ଜୟନ୍ତୀଙ୍କ ଶବ ଜବତ କରିଥିଲା । ଅଭିଯୁକ୍ତ ଲକ୍ଷ୍ମଣ ବାରମ୍ବାର ବିଭ୍ରାନ୍ତିକର ତଥ୍ୟ ଦେବାରୁ ପୁଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ହଇରାଣ ହୋଇଥିଲା ।

୨୦୧୯ ମସିହାରେ ଜଡ଼ା ଗ୍ରାମର ଲକ୍ଷ୍ମଣଙ୍କୁ ସୁନ୍ଦରଗଡ଼ କିଞ୍ଜିରିକେଲା ଗ୍ରାମର ଜୟନ୍ତୀ ବିବାହ କରିଥିଲେ । ଜୟନ୍ତୀଙ୍କ ଅନ୍ୟ ଜଣେ ପୁରୁଷ ବନ୍ଧୁ ରହିଥିବା ଜାଣିବା ପରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଦୀର୍ଘ ଦିନ ଧରି କଳହ ଲାଗି ରହିଥିଲା । ଏପରିକି, ଉଭୟଙ୍କ ମଧ୍ୟରେ ଝଗଡ଼ା କାରଣରୁ ଜୟନ୍ତୀ ନିଜ ବାପା ଘରକୁ ମଧ୍ୟ ଚାଲିଯାଇଥିଲେ । ପରେ ଲକ୍ଷ୍ମଣ ବୁଝାସୁଝା କରି ପୁଣି ଜୟନ୍ତୀଙ୍କୁ ଡାକି ଆଣିବା ପରେ ହତ୍ୟା ଷଡ଼ଯନ୍ତ୍ର ରଚିଥିବା ପୁଲିସ ନିକଟରେ କହିଛି । ଅଭିଯୁକ୍ତକୁ ସାଥିରେ ନେଇ ପୁଲିସ ଏବେ ଶବ ଉଦ୍ଧାର କରିଥିଲା । ଆସନ୍ତାକାଲି ମୃତା ମହିଳାଙ୍କ ଶବ ପରିବାରଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ହେବା ସହ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି ।

# ବୁଝିଲେନି ସ୍ୱାମୀ; ଜୀବନ ହାରିଲେ ସ୍ତ୍ରୀ

## ଜ୍ୱାଇଁ ଘର ଆଗରେ ଶବକୁ ଥୋଇ ଚାଲିଆସିଲେ ବାପା

ଭବାନୀପାଟଣା/ବାଲିଗୁଡ଼ା, ୨୦।୭ (ସମିସ): ବାହାଘର ବେଳେ ଖୋଲା ଆଖିରେ କେତେ କ'ଣ ଅସୁମାରି ସ୍ୱପ୍ନ ଦେଖିଥିଲେ । ଭଲରେ କେମିତି ସଂସାର ଗାଡ଼ି ଚାଲିବ, ସେଥିପାଇଁ ମନେମନେ ଠାକୁରଙ୍କୁ କୋଟି ଗୁହାରି କରିଥିଲେ । ନୂଆବୋହୂ ହୋଇ ପାଦ ଥାପିବା ପରେ ସ୍ୱାମୀ ଓ ଶ୍ୱଶୁରଘର ଲୋକଙ୍କ ମନ ନେଇ ଚଳିବାକୁ ବି ଖୁବ୍ ଚେଷ୍ଟା କରିଥିଲେ । କିନ୍ତୁ ବାହାଘରର କିଛି ମାସ ପରେ ପରଯୁବତୀ ସହ ସ୍ୱାମୀର ସଂପର୍କ ଥିବା ଜାଣିବା ପରେ ତାଙ୍କର ସବୁ ସ୍ୱପ୍ନ ତାଙ୍କର ଚୂରମାର୍ ହୋଇଗଲା । ତଥାପି ସଂପର୍କ ସୁଧାରିବାକୁ ବହୁ ଚେଷ୍ଟା କଲେ, କିନ୍ତୁ ପାରିଲେନି । ସ୍ୱାମୀ ତ ଯାହା ନିର୍ଯାତନା ଦେଉଥିଲେ, ଶେଷରେ ତାଙ୍କ ପ୍ରେମିକା ବି ଛାଡ଼ିଲାନି । ନିର୍ଯାତନା ସହ ଗାଳିଗୁଲଜ ଦେଲା । ଏଥିରେ ଅତିଷ୍ଠ ହୋଇ ବେକରେ ଶାଢ଼ି ଲଗାଇ ଝୁଲିପଡ଼ିଲେ । କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଟାଉନ୍ ଥାନା ଅଧୀନ ଧୋବାପଡ଼ାରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି । ସ୍ୱାମୀ ଓ ପ୍ରେମିକାଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ଜଣେ ମହିଳା ନିଜ ବାପଘରେ ଆତ୍ମହତ୍ୟା କରିଛନ୍ତି । ମୃତ ମହିଳା ହେଲେ, ଭବାନୀପାଟଣା ଧୋବାପଡ଼ାର ଜିତେନ୍ଦ୍ର ସେଠୀଙ୍କ ଝିଅ ସ୍ନେହଲତା ସେଠୀ । ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହାସହ ପୁଲିସ୍ ଶବ ପାଖରୁ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି । ସେଥିରେ ସେ ତାଙ୍କ ମୃତ୍ୟୁ ପାଇଁ ସ୍ୱାମୀ ଓ ପ୍ରେମିକାକୁ ଦାୟୀ କରିଛନ୍ତି । ଅପରପକ୍ଷେ, ବ୍ୟବଚ୍ଛେଦ ହୋଇଆସିବା ପରେ ସ୍ନେହଲତାଙ୍କ ଶବକୁ ତାଙ୍କ ବାପା ଏକ ଗାଡ଼ିରେ ତାଙ୍କ ଶଶୁରଘର କନ୍ଧମାଳ ଜିଲ୍ଲାର ରେବିଙ୍ଗିଆ ଗ୍ରାମକୁ ନେଇ ଯାଇଛନ୍ତି । କିନ୍ତୁ ଶ୍ୱଶୁରଘର ଆଗରେ ତାଲା ପଡ଼ିଥିବାରୁ ସେ ତାଙ୍କ ଦାଣ୍ଡଦୁଆରେ ସ୍ନେହଲତାଙ୍କ ଜରିଗୁଡ଼ା ଶବକୁ ଥୋଇ ପଳାଇଛନ୍ତି ।



ସୂଚନାନୁଯାୟୀ, ସ୍ନେହଲତା ୨୦୨୩ ମସିହାରେ କନ୍ଧମାଳ ବାଲିଗୁଡ଼ା ଥାନା ଅଞ୍ଚଳର ଶ୍ୟାମକୁମାର ବେହେରାଙ୍କୁ ବିବାହ କରିଥିଲେ । ତେବେ ଶ୍ୟାମକୁମାରଙ୍କ ଅନ୍ୟ ଝିଅ ସହ ସମ୍ପର୍କ ଥିବା ଜାଣିବା ପରେ ସ୍ନେହଲତା ବାପଘର ଭବାନୀପାଟଣାକୁ ପଳାଇ ଆସିଥିଲେ । ଶନିବାର ଶ୍ୟାମ କୁମାରଙ୍କ ପ୍ରେମିକା ମୋନାଲିସା ଆଚାର୍ଯ୍ୟ ଫୋନ୍‌ରେ ସ୍ନେହଲତାଙ୍କୁ ଗାଳିଗୁଲଜ କରିଥିଲେ । ପରେ ସ୍ନେହଲତା ବେକରେ ଶାଢ଼ି ଦେଇ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଭବାନୀପାଟଣା ଟାଉନ ଥାନାରେ ଅଭିଯୋଗ ହୋଇଛି ।

## କଦଳୀ ବେରେଣୀରେ କଙ୍ଗାରୁ କୋର୍ଟ !

# ୪ ବର୍ଷ ହେଲା ବୃଦ୍ଧ ଦମ୍ପତିଙ୍କୁ ସାମାଜିକ ବାସନ୍ଦ

ଅନୁଗୋଳ,୨୦।୭ (ସମିସ): ଅନୁଗୋଳ ଜିଲ୍ଲା ପୁରୁଣାକୋଟ ଥାନା କଦଳୀବେରେଣୀ ଗାଁରେ ଏକ ବୃଦ୍ଧ ଦମ୍ପତିଙ୍କୁ ସାମାଜିକ ବାସନ୍ଦ କରି ଦୀର୍ଘବର୍ଷ ଧରି ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି । ଏପରି ଆକ୍ରୋଶର ଶିକାର ହୋଇଥିବା ଦମ୍ପତି ହେଲେ, ଗାଁର ଗୋବିନ୍ଦ ଚନ୍ଦ୍ର ସାହୁ (୭୫) ଓ ତାଙ୍କ ସ୍ତ୍ରୀ ସୁମିତ୍ରା ସାହୁ (୬୭) । ସପ୍ତାହେ କି ମାସେ ନୁହେଁ, ୪ ବର୍ଷ ହେଲା ଗ୍ରାମବାସୀମାନେ ସେମାନଙ୍କ ନିଆଁପାଣି ବନ୍ଦ କରିଦେଇଥିବାରୁ ସେମାନେ ବଡ଼ କଷ୍ଟରେ ଚଳୁଛନ୍ତି । ଏପରିକି, ସେମାନଙ୍କ ସହ ଯିଏ କଥାବାର୍ତ୍ତା କରିବ, ତାକୁ ୫ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି ଗାଁର ସଭାପତି ଓ ସଂପାଦକ କଡ଼ା ନିର୍ଦ୍ଦେଶ ଦେଇଥିବାରୁ ଭୟରେ କେହି ତାଙ୍କ ସହ ମିଶୁନାହାନ୍ତି । ଏ ସଂପର୍କରେ ଗୋବିନ୍ଦ ବାରମ୍ବାର ପୁରୁଣାକୋଟ ଥାନାରେ ଅଭିଯୋଗ କରିଛନ୍ତି । କିନ୍ତୁ କୌଣସି ଥାନା ଅଧିକାରୀ ତାଙ୍କ କଥାକୁ ଗୁରୁତ୍ୱ ଦେଇନାହାନ୍ତି । ଅପରପକ୍ଷେ, ଥାନାବାବୁ ଗାଁକୁ ଗଲେ, ସଭାପତି ଓ ସମ୍ପାଦକ ସେମାନଙ୍କୁ କଥାରେ ଚୁପ୍ କରାଇଦିଅନ୍ତି ବୋଲି ସେ କହିଛନ୍ତି । ତେବେ ଥାନାକୁ ବାରମ୍ବାର ଯାଇ ନିରାଶ ହେବା ପରେ ଏହି ଦମ୍ପତି କିଛି ଦିନ ତଳେ ଅନୁଗୋଳ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ପରେ ଥାନା ଅଧିକାରୀ ଗାଁକୁ ଯାଇ ଘଟଣାର ତଦନ୍ତ କରିବା ସହ ସମ୍ପାଦକଙ୍କୁ ବୁଝାସୁଝା କରି ଆସିଥିବା ଜଣାପଡ଼ିଛି ।

ସୂଚନାନୁଯାୟୀ, ଗୋବିନ୍ଦଙ୍କ ପରିବାରର ଜମିବାଡ଼ି ସଂକ୍ରାନ୍ତରେ ଅନୁଗୋଳ ସିଭିଲ କୋର୍ଟରେ ମାମଲା ବିଚାରାଧୀନ ରହିଛି । ୨୦୨୧ ଫେବୃଆରୀ ୨୧ ତାରିଖ ବିଳମ୍ବିତ ରାତିରେ ଗାଁ ସଭାପତି ପ୍ରଶାନ୍ତ ପ୍ରଧାନ ଓ ସମ୍ପାଦକ ରାଧାନାଥ ସାହୁଙ୍କ ତତ୍ତ୍ୱାବଧାନରେ ଗାଁରେ ଏକ ବୈଠକ ବସିଥିଲା । ଜମି ଭାଗ କାହିଁକି ଦେଉନାହଁ ବୋଲି ବୈଠକରେ ସଭାପତି ଓ ସମ୍ପାଦକ ପଚାରିଥିଲେ । ମାମଲା କୋର୍ଟରେ ବିଚାରାଧୀନ ଥିବାରୁ କୋର୍ଟ ବିଚାର କରିବା ପରେ ଯାହା ହେବ ବୋଲି ଦମ୍ପତି କହିଥିଲେ । ଗୋବିନ୍ଦଙ୍କ ପାଟିରୁ ଏତିକି କଥା ଶୁଣି ସଭାପତି, ସମ୍ପାଦକ ତାଙ୍କୁ ଗାଁରୁ ବାସନ୍ଦ କରିଦେଇଥିଲେ । ତାଙ୍କ ପରିବାର ସହ ଯିଏ କଥାବାର୍ତ୍ତା ହେବ, ୫ ହଜାର ଟଙ୍କା ଜରିମାନା ଦେବ ବୋଲି ଆଦେଶ ଦେଇଥିଲେ । ସେହିଦିନଠାରୁ ଏହି ବୃଦ୍ଧ ଦମ୍ପତି ଏକାକୀ ଦିନ କାଟୁଛନ୍ତି ।

ଏ ନେଇ ସେମାନେ ବାରମ୍ବାର ପୁରୁଣାକୋଟ ଥାନା ଦ୍ୱାରସ୍ଥ ହୋଇଛନ୍ତି । ପୁଲିସ ମଧ୍ୟ ଗାଁକୁ ଯାଇ ପଚରାଉଚରା କରିଛି । କିନ୍ତୁ ପ୍ରତିଥର ପୁଲିସକୁ ବୁଝାସୁଝା କରି ସଭାପତି, ସମ୍ପାଦକ ଫେରାଇ ଦିଅନ୍ତି । ପୁଲିସଠାରୁ ନ୍ୟାୟ ନ ପାଇ ଦମ୍ପତି ଏସପିଙ୍କୁ ଅଭିଯୋଗ କରିଥିଲେ । ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଥାନା ଅଧିକାରୀ ସନ୍ତୋଷ ଜେନା ଗୁରୁବାର ପୁଣି ଗାଁକୁ ଯାଇ ସଭାପତି ଓ ସମ୍ପାଦକଙ୍କୁ ପଚରାଉଚରା କରିଛନ୍ତି । ଏଥର ମଧ୍ୟ ସଭାପତି ଓ ସମ୍ପାଦକ ପୁଲିସକୁ ସମାନ ଉତ୍ତର ଦେଇ ଫେରାଇ ଦେଇଥିବା ଜଣାପଡ଼ିଛି ।

ଉଲ୍ଲେଖଯୋଗ୍ୟ, କିଛି ମାସ ତଳେ ସେହି ଗାଁର ଜଣେ ଗରିବ ବ୍ୟକ୍ତି ଓ ତାଙ୍କ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା । ପରିବାରଲୋକେ ଏ ନେଇ ଗାଁ କମିଟିରେ ଦରଖାସ୍ତ କରିଥିଲେ । ଏନେଇ ଗାଁ ବୈଠକ ଡକାଯାଇ ୬୦ ବର୍ଷୀୟ ସେହି ବ୍ୟକ୍ତିଙ୍କୁ ଆଣ୍ଠୁମାଡ଼ି ବସାଯିବା ସହ ୫ହଜାର ଟଙ୍କା ଜରିମାନା ଦେଲେ ଗାଁରେ ମିଶିବୁ ବୋଲି ସଭାପତି ନିର୍ଦ୍ଦେଶ ଦେଇଥିଲେ । ଆଉ ତା' ପରଦିନ ବ୍ୟକ୍ତିଜଣଙ୍କ ଲୋକଲଜ୍ଜାରେ ଆତ୍ମହତ୍ୟା କରିଦେଇଥିଲେ ବୋଲି ସୂଚନା ମିଳିଛି ।

# ବନ୍ୟାପାଣିରେ ଭାସି ବୋଲବମ୍ ଭକ୍ତ ମୃତ



ରାଜକନିକା,୨୦।୭ (ସମିସ): ରାଜକନିକା ଥାନା ଅନ୍ତର୍ଗତ ବରାଡ଼ିଆ ପଞ୍ଚାୟତର ମଧୁପଡ଼ା ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି । ମହାଦେବଙ୍କୁ ଜଳାଭିଷେକ ପାଇଁ ପାଣି ଉଠାଉଥିବା ବେଳେ ଜଣେ ବୋଲବମ୍ ଭକ୍ତ ବନ୍ୟାଜଳରେ ଭାସି ପ୍ରାଣ ହରାଇଛନ୍ତି । ସେ ହେଲେ, ମଧୁପଡ଼ା ଗ୍ରାମର ସୁଦର୍ଶନ ମଲିକଙ୍କ ପୁଅ ଆଲୋକ ମଲିକ (୧୬) । ରବିବାର ଗାଁ ପିଲାଙ୍କ ସହ ମିଶି ସେ ଆଖଣ୍ଡଳମଣିଙ୍କୁ ଜଳାଭିଷେକ କରିବାକୁ ବାହାରିଥିଲେ । ମଧ୍ୟାହ୍ନରେ ସେ ମନ୍ତପଡ଼ା ପୋଲ ନିକଟରେ ବିଧିପୂର୍ବକ ପୂଜାପାଠ କରି ପାଣି ଉଠାଇବାକୁ ବୈତରଣୀ କୂଳ ନାଳ ଭିତରକୁ ପଶିଥିଲେ । ନଦୀରେ ବନ୍ୟା କାରଣରୁ ପାଣିର ପ୍ରଖର ସୁଅରେ ଆଲୋକ ଭାସି ଯାଇଥିଲେ । ନିକଟରେ ଥିବା ଅନ୍ୟ ବୋଲବମ୍ ସାଥୀ ତାଙ୍କୁ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରାଜକନିକା ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## 'ବଳଙ୍ଗା' ଘଟଣାକୁ ନେଇ ତେଜିଲା ରାଜନୀତି

# ଉପମୁଖ୍ୟମନ୍ତ୍ରୀଙ୍କୁ ବିଜେପି ମୁଖପାତ୍ରଙ୍କ ନିଶାଣ

ପୁରୀ,୨୦।୭ (ସମିସ): ରାଜ୍ୟରେ ଅରାଜକତାକୁ ନେଇ ଓଡ଼ିଶାବାସୀ ଅତିଷ୍ଠ । କେବଳ ରାଜ୍ୟବାସୀ ନୁହନ୍ତି, ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଲୋକଙ୍କ ସମାଲୋଚନା ଓ ଆକ୍ଷେପର ଶିକାର ବିଜେପି ନେତାମାନେ ମଧ୍ୟ ଅତିଷ୍ଠ । ବାଲେଶ୍ୱର ଏଫ୍ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣାରେ ବିଜେପିର ଛାତ୍ର ସଙ୍ଗଠନ ଏବିଭିପି ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିବାବେଳେ ଦଳର ମୁଖପାତ୍ର ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣାରେ ଉପମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି । ଆମେ (?) କ୍ଷମତାରେ ଥିଲେ ଏପରି ଘଟଣା କେବେ ଘଟି ନ ଥା ।ନ୍ତା ବୋଲି ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ଦାଶ ଉଲ୍ଲେଖ କରି ଖୋଦ୍ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁକଲ୍ୟାଣ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ନିଶାଣ କରିଛନ୍ତି । ଯାହାକୁ ନେଇ ସ୍ଥାନୀୟ ରାଜନୀତି ସରଗରମ ହୋଇଛି ଓ ରାଜ୍ୟ ବିଜେପିରେ କମ୍ପନ ସୃଷ୍ଟି କରିଛି ।

ନିମାପଡ଼ା ନିର୍ବାଚନମଣ୍ଡଳୀ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ସ୍ପଷ୍ଟ ଦିବାଲୋକରେ ଜୀଅନ୍ତା ଜାଳିଦେବାକୁ ଉଦ୍ୟମ ହୋଇଛି । ୩ ଜଣ ଦୁର୍ବୃତ୍ତ ନାବାଳିକାଙ୍କ ଦେହରେ ନିଆଁ ଲଗାଇ ଦେଇଥିବାବେଳେ ସୌଭାଗ୍ୟବଶତଃ ସେ ଜୀବନ ବଞ୍ଚାଇ ପାରିଥିଲେ ହେଁ ଏବେ ବି ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ରହିଛି । ତାଙ୍କ ଶରୀରର ୭୦ରୁ ୭୫ ପ୍ରତିଶତ ପୋଡ଼ି ଯାଇଛି । ଗଞ୍ଜାମ ଗୋପାଳପୁରରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ମାଗି ଶେଷରେ ଜୀବନ ହାରିବା ଘଟଣା ଥମି ନ ଥିବାବେଳେ ଏବେ ପୁରୀ ଜିଲ୍ଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳଙ୍ଗା ଅଞ୍ଚଳରେ ଏହି ଲଜ୍ଜାଜନକ ଘଟଣାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି ଓ ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଆଙ୍କିଛି । ଖୋଦ୍ ଉପମୁଖ୍ୟମନ୍ତ୍ରୀଙ୍କ ଅଞ୍ଚଳରେ ଯଦି ନାବାଳିକାଙ୍କୁ ଜିଅନ୍ତା ଜାଳିଦେବାକୁ ଦୁର୍ବୃତ୍ତ ଭୟ କରୁନାହାନ୍ତି ତେବେ ଆଇନ ଶୃଙ୍ଖଳାର ସ୍ଥିତି କ'ଣ ତାହା ଜଳଜଳ ଦିଶୁଛି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି । ତେବେ ଏଭଳି ସ୍ଥିତିରେ ବିଜେପି ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ଦାଶ ପୁଣି ଉପମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛନ୍ତି ।

### ଆମେ ଥିଲେ ଏପରି ଘଟଣା ଘଟି ନ ଥାନ୍ତା: ସମୀର

ସେ କହିଛନ୍ତି ଯେ ଆମ ଅଞ୍ଚଳରେ ଏମିତି ଅପରାଧ ହୁଏନି । ବଳଙ୍ଗାରେ ଯାହା ଘଟିଲା ସେଥିପାଇଁ ମୋ ମନ କାନ୍ଦୁଛି । ଆମେ ଥିଲେ ଏହିଭଳି ଘଟଣା ଘଟି ନ ଥାନ୍ତା, ଏହି କଥା ବାରମ୍ବାର ମୋ ମନକୁ ଆଘାତ କରୁଛି । ଏ ଅଞ୍ଚଳରେ ଏଭଳି ଘଟଣା କେହି କେବେ ଚିନ୍ତା କରି ନ ଥିବାବେଳେ ଆଜି ତାହା ଘଟିଗଲା । ମୁଁ ୨୦୦୯ ମସିହାରେ ବିଧାୟକ ହେଲି । ଏହା ପୂର୍ବରୁ ଏପରି କେବେ ଘଟଣା ଘଟି ନ ଥିଲା କି ମୋ ସମୟରେ ଏପରି ଘଟଣା ଘଟି ନାହିଁ ବୋଲି ସମୀର ବୁଲେଇବଙ୍କେଇ ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ାଙ୍କୁ କଟାକ୍ଷ କରିଛନ୍ତି । ସମୀର କେବଳ ନିମାପଡ଼ାର ଟାଣୁଆ ନେତା ନୁହନ୍ତି, ରାଜ୍ୟ ବିଜେପିର ମୁଖପାତ୍ର ମଧ୍ୟ । ତେଣୁ ପ୍ରଭାତୀ ପରିଡ଼ାଙ୍କ ପାରିବା ପଣିଆ ଉପରେ ସେ ଉଠାଇଥିବା ପ୍ରଶ୍ନକୁ ସ୍ଥାନୀୟ ରାଜନୈତିକ ବିବାଦର ପରିଣତି ବୋଲି କୁହାଯାଇ ଏଡ଼ାଇ ଦିଆଯାଇ ପାରିବ ନାହିଁ । ପୂର୍ବରୁ ତାଙ୍କ ବିଧାୟକ ସମୟରେ ଦିଆଯାଇଥିବା ଅନୁଦାନରେ ନିର୍ମିତ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ସମୟରେ ସମୀରଙ୍କୁ ଡ଼କା ନ ଯିବା ବିବାଦ ସୃଷ୍ଟି କରିଥିଲା, ଏବେ ବଳଙ୍ଗା ଘଟଣା ଏହି ବିବାଦକୁ ପୂର୍ବତନ ମନ୍ତ୍ରୀଙ୍କର ଏଭଳି ବୟାନ ନିମାପଡ଼ା ଅଞ୍ଚଳରେ ପୁଣି ସମୀର-ପ୍ରଭାତୀ ବିବାଦକୁ ତାଜା କରିଛି ।




# ୫ କିଲୋ ଚାଉଳ ପାଇଁ ଗାଡ଼ିଭଡ଼ା ୧୦୦



ଲାଞ୍ଜିଗଡ଼, ୨୦।୭ (ସମିସ): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି; ହେଲେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍‌ର ଏଭଳି ୧୧ଟି ଗାଁ ଅଛି ଯେଉଁଠି ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଗାଁ ଲୋକଙ୍କ ପାଇଁ ସରକାରୀ ସୁବିଧା ସୁଯୋଗ ସାତ ସପନ ହୋଇ ରହିଛି। ବର୍ଷ ବର୍ଷ ଧରି ଏହି ଆଦିବାସୀ ଗ୍ରାମଗୁଡ଼ିକର ୨୧୫ ପରିବାର ପାହାଡ଼ ଘେରା ଅପହଞ୍ଚ ଅଞ୍ଚଳରେ ବହୁ କଷ୍ଟରେ ଜୀବନ କାଟୁଛନ୍ତି। ସବୁଠୁ ସାଙ୍ଘାତିକ ବିଷୟ ହେଉଛି, ୫ କିଲୋ ମାଗଣା ଚାଉଳ ଆଣିବା ପାଇଁ ଏମାନଙ୍କୁ ୧୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି।

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଗୁଣ୍ଡୁରୀ ପଞ୍ଚାୟତର ଏହି ୧୧ଟି ଗାଁ ହେଉଛି ହାତୀମୁଣ୍ଡା, କାରକଟା, କୋଟେଜୋର, ଅଦଲାଡୁ, ତରଙ୍ଗଲ, ମାଡିବନ୍ଧା, ଗମପେନୁ, ବିଜେପୁର, ସାଡାଙ୍ଗପଦର, ଡମେର ଓ ଦାରବେଙ୍ଗ। ବ୍ଲକ ମୁଖ୍ୟାଳୟଠାରୁ ଏସବୁ ଗାଁର ଦୂରତା ୬୦ କିଲୋମିଟର। ଗୁଣ୍ଡୁରୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ପ୍ରାୟ ୩୦ରୁ ୩୫ କିଲୋମିଟର। ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟକୁ ଏହି ଗାଁଗୁଡ଼ିକଠାରୁ ୧୦/୧୫ କିମି ପଡୁଥିଲା; ହେଲେ ରେଳ ପ୍ରକଳ୍ପ ଲାଗି ଏମାନେ ବିସ୍ଥାପିତ ହେବା ପରେ ଦୂରତା ବଢ଼ିଗଲା। ୧୯୮୪ରେ ରେଳ ପ୍ରକଳ୍ପ ପାଇଁ ସର୍ଭେ ହୋଇଥିଲା। ୧୯୯୪ରେ ରେଳ ପ୍ରକଳ୍ପ ନିର୍ମାଣ ପାଇଁ ଅନୁମତି ମିଳିଲା। ୨୦୦୬ରେ କ୍ଷୟକ୍ଷତି ବାବଦକୁ ଟଙ୍କା ପ୍ରଦାନ କରାଯାଇଥିଲା। ଏହାପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା। ଫଳରେ ଅଧିକାଂଶ ଗାଁକୁ ବିସ୍ଥାପିତ କରାଯାଇଥିଲା। ୨୦୧୭ ମସିହାରେ ପ୍ରକଳ୍ପ କାମ ଶେଷ ହୋଇଥିଲା; ହେଲେ ପ୍ରକଳ୍ପରେ ପାଣି ରହିବା ଫଳରେ ସମସ୍ୟା ବଢ଼ି ଯାଇଛି। ପାହାଡ଼, ନାଳ, ଝରଣା, ଘଞ୍ଚ ଜଙ୍ଗଲ ଓ ଘାଟିର ପାଦଚଲା ରାସ୍ତା ଦେଇ ଲୋକଙ୍କୁ ୩୦ରୁ ୩୫ କିଲୋମିଟର ଯିବାକୁ ପଡୁଛି। ଫଳରେ ବୃଦ୍ଧବୃଦ୍ଧା ଓ ଭିନ୍ନକ୍ଷମ ଲୋକଙ୍କ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବା ସମ୍ଭବ ହୋଇ ନ ଥାଏ। ଏହି ଗାଁଗୁଡ଼ିକୁ ଆମ୍ବୁଲାନ୍ସ ଯିବା ପାଇଁ ମଧ୍ୟ ରାସ୍ତା ନାହିଁ। ଫଳରେ ଗର୍ଭବତୀ, ପ୍ରସୂତି ମହିଳା ଓ ରୋଗୀଙ୍କୁ ନେବା ଆଣିବା କଷ୍ଟକର ହୋଇପଡ଼ିଥିବା ବେଳେ ବହୁସମୟ ଖଟିଆରେ ବୋହି ୫/୧୦କିମି ଦୂର ନେବାକୁ ପଡିଥାଏ। ତେଣୁ ଏହି ଗ୍ରାମବାସୀ ଗୁଣ୍ଡୁରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବାକୁ ହେଲେ ୩୦/୩୫ କିମି ଦୂର ଅଟୋ, ଟ୍ରାକ୍ଟର, ପିକ୍‌ଅପ ଭ୍ୟାନ୍ ଭଡ଼ା କରି ପିଡିଏସ୍ ଚାଉଳ ଆଣିବା ପାଇଁ ନର୍ଲା ବ୍ଲକ ଛତିକୁଡ଼ା, ସଦର ବ୍ଲକ୍ ଦେପୁର, ଇଚ୍ଛାପୁର ଦେଇ ଗୁଣ୍ଡୁରୀ ପଞ୍ଚାୟତକୁ ଯିବାକୁ ପଡ଼ିଥାଏ।

ମାଗଣା ଚାଉଳ ପାଇଁ ୧୦୦ ଟଙ୍କା ଖର୍ଚ୍ଚ ହେଉଥିବା ଏହି ଦୁର୍ଗମ ଅଞ୍ଚଳର ଗାଁ ଲୋକେ କହିଛନ୍ତି। ପଞ୍ଚାୟତ ପକ୍ଷରୁ ହାତୀମୁଣ୍ଡା ଗାଁଠାରେ କ୍ୟାମ୍ପ କରି ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ, ବିଧବାଙ୍କୁ ଗୁଣ୍ଡରି ପିଇଓ ଭତ୍ତା ଦେଉଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଏମାନଙ୍କ ପାଇଁ ବିଦ୍ୟୁତ୍ ସ୍ୱପ୍ନ ପାଲଟିଛି। ଏହି ପଞ୍ଚାୟତର ସୁସପଦର, ବରିଙ୍ଗପଦର, ଦାରବଙ୍ଗ, କାଚାଙ୍ଗଭଟା, ଗମପେନୁ, ବିଜେପୁର, କନ୍ଧ ସୁସପଦର ଗାଁକୁ ବିଜୁଳି ନାହିଁ। ବାରମ୍ବାର ଅଭିଯୋଗ ପରେ ବି ବିଦ୍ୟୁତ୍ ବିଭାଗ କିମ୍ବା ପ୍ରଶାସନ ଶୁଣୁନି ବୋଲି ଲୋକେ ପ୍ରକାଶ କରିଛନ୍ତି। ଏହି ୧୧ଟି ଗ୍ରାମବାସୀ ରାସ୍ତା ନ ଥିବା ଯୋଗୁଁ ବର୍ଷ ବର୍ଷ ଧରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରଲାଞ୍ଜି ଗାଁଠାରୁ କାବାଗେଞ୍ଜୁ, ଶୋଷପଦର, ବରଙ୍ଗପଦର ଦେଇ ମନସ୍ଥରା ଗାଁ ପର୍ଯ୍ୟନ୍ତ ରାସ୍ତା ପାଇଁ ପଞ୍ଚାୟତବାସୀ ପ୍ରସ୍ତାବ ଦେଇଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ ଏହି ୧୧ଟି ଗାଁକୁ ପଞ୍ଚାୟତ ମାତ୍ର ୫ରୁ ୧୫ କିମି ହେବ ବୋଲି ଗ୍ରାମବାସୀ କହିଛନ୍ତି।

### ଯୁବତୀଙ୍କୁ ନିଶା ଦେଇ ହୋଟେଲରେ ଦୁଷ୍କର୍ମ ଅଭିଯୋଗ

## ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଗିରଫ

ଭୁବନେଶ୍ୱର, ୨୦।୭ (ସମିସ): ଏକ ଦୁଷ୍କର୍ମ ମାମଲାରେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କୁ ଆଜି ରାତିରେ ମଞ୍ଚେଶ୍ୱର ଥାନା ପୁଲିସ୍ ଗିରଫ କରିଛି। ଗତ ମାର୍ଚ୍ଚ ୧୮ ତାରିଖରେ ଜଣେ ଯୁବତୀଙ୍କୁ ସେ ଏକ ହୋଟେଲରେ ଦୁଷ୍କର୍ମ କରିଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଛି। ଯୁବତୀଜଣଙ୍କ ଏତଲାରେ ଦର୍ଶାଇଛନ୍ତି, ଉକ୍ତ ଦିନ ସେ ତାଙ୍କର ଅନ୍ୟ କିଛି ସାଙ୍ଗଙ୍କ ସହ ଏକ ହୋଟେଲକୁ ଯାଇଥିଲେ। ସେଠାରେ ଉଦିତଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ତେବେ ଉଦିତ୍ ତାଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ଅଚେତ କରିବା ପରେ ହୋଟେଲର ଏକ ରୁମ୍‌ରେ ଦୁଷ୍କର୍ମ କରିଥିଲେ। ଏପରିକି, ଏ ସଂପର୍କରେ କାହାରିକୁ କିଛି ନକହିବା ପାଇଁ ଧମକ ଦେଇଥିଲେ। ଉଦିତ୍ ଜଣେ ଛାତ୍ରନେତା ହୋଇଥିବାରୁ ତାଙ୍କ ବିରୋଧରେ ଅଭିଯୋଗ କରିବା ପାଇଁ ସାହସ ଜୁଟାଇ ପାରିନଥିଲେ। ଏବେ ନାରୀ ପାଇଁ ନ୍ୟାୟ ଅଭିଯାନ ଚାଲିଥିବାରୁ ସାହସ ଜୁଟାଇ ସେ ଥାନାରେ ଅଭିଯୋଗ କରିଛନ୍ତି ବୋଲି ଏତଲାରେ ଦର୍ଶାଇଛନ୍ତି।

## ୨୩ରୁ ଅତି ପ୍ରବଳ ବର୍ଷା

ଭୁବନେଶ୍ୱର, ୨୦।୭ (ସମିସ): ଆସନ୍ତା ୨୪ ଘେଲକୁ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପରବର୍ତ୍ତୀ ସମୟରେ ସଦୃଶ ଲଘୁଚାପ ଓ ପରେ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବାର ସମ୍ଭାବନା ରହିଛି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ରାଜ୍ୟର ଅଧିକାଂଶ ସ୍ଥାନରେ ଆସନ୍ତା ୨୩ରୁ ୨୬ ପର୍ଯ୍ୟନ୍ତ ବର୍ଷା ହେବ। ଏହି ସମୟରେ ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏମିତି କି ଉତ୍ତର ଓଡ଼ିଶାର କିଛି କିଛି ଜିଲ୍ଲାରେ ଅତ୍ୟନ୍ତ ପ୍ରବଳ (୨୦ସେମି.ରୁ ଅଧିକ) ବର୍ଷା ହୋଇପାରେ। ବର୍ତ୍ତମାନ ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ନାହିଁ। ଏଥିପାଇଁ ରାଜ୍ୟରେ ଏବେ ମୁଖ୍ୟତଃ ଖରାଟିଆ ପାଗ ରହୁଛି। ବାୟୁମଣ୍ଡଳରେ ଜଳୀୟବାଷ୍ପ ଅଧିକ ରହୁଥିବାରୁ କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ମଧ୍ୟ ହେଉଛି। ମାତ୍ର ୨୪ ତାରିଖରେ ଲଘୁଚାପ ଯୋଗୁଁ ୨୨ରୁ ପାଗରେ ପରିବର୍ତ୍ତନ ଆସିବ ଓ ୨୩ରୁ ବର୍ଷା ବଢ଼ିବ। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ସୋମବାର ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଭଲ ବର୍ଷାର ସମ୍ଭାବନା ରହିଛି।

## ଦୁଇ ଭଉଣୀଙ୍କୁ ଆକ୍ରମଣ; ପଡ଼ୋଶୀ ଗିରଫ

ଭୁବନେଶ୍ୱର,୨୦।୭ (ସମିସ): ଦୁଇ ଭଉଣୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଗଣ୍ଡମୁଣ୍ଡା ତାରିଣୀ ବସ୍ତିର ଶଙ୍କର ରାଉତ (୪୪)। ପୁଲିସ ସୂଚନା ଅନୁସାରେ, ଗଣ୍ଡମୁଣ୍ଡା ତାରିଣୀ ବସ୍ତିରେ ରହୁଥିବା ସଞ୍ଜୁଙ୍କ ଭଉଣୀ ଘରେ ଏକା ଥିବାବେଳେ ପଡ଼ୋଶୀ ଶଙ୍କର ନିଶାସକ୍ତ ଅବସ୍ଥାରେ ଆସି ବାରମ୍ବାର ୧୦୦ ଟଙ୍କା ଦାବି କରିଥିଲା। ସଞ୍ଜୁ ଏହାର ପରଦିନ ଘଟଣା ବିଷୟରେ ପଚାରିବା ପାଇଁ ଯାଇଥିବା ବେଳେ ଶଙ୍କର ହିଂସାତ୍ମକ ହୋଇ ଦୁଇ ଭଉଣୀଙ୍କୁ ଗାଳିଗୁଲଜ କରିଥିଲା। ଏକ କାଠ ପଠାରେ ସଞ୍ଜୁଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲା। ସେ ପାଖେଇ ଯିବାରୁ ଗୋଡ଼ରେ ବାଜିଥିଲା। ତାଙ୍କ ଭାଇ ସୁରେଶ ହସ୍ତକ୍ଷେପ କରିବାରୁ ତାଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲା।

## ବଲଙ୍ଗା ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ଧର୍ମେନ୍ଦ୍ର



ଭୁବନେଶ୍ୱର,୨୦।୭ (ସମିସ): ପୁରୀ ଜିଲ୍ଲା ବଲଙ୍ଗା ଅଞ୍ଚଳରେ ଦୁର୍ବୃତ୍ତଙ୍କ ଅତ୍ୟାଚାରର ଶିକାର ହୋଇ ପୋଡ଼ି ଯାଇଥିବା ଯୁବତୀଙ୍କ ପରିବାରଲୋକଙ୍କୁ ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିଲ୍ଲୀ ଏମ୍‌ସରେ ଭେଟିଛନ୍ତି। ଶ୍ରୀ ପ୍ରଧାନ ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ନାବାଳିକାଟିର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏମ୍ସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ନାବାଳିକାଙ୍କ ଆଶୁଆରୋଗ୍ୟ କାମନା କରିବା ସହ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

### ରାଜ୍ୟରେ ଥମୁନି ପରୀକ୍ଷା ବିଭ୍ରାଟ

## ସରକାରଙ୍କ ନିଷ୍କ୍ରିୟତା ଦେଉଛି ପରୋକ୍ଷ ପ୍ରୋତ୍ସାହନ

- ପ୍ରଶ୍ନପତ୍ର ବିକ୍ରି ଶିଳ୍ପରେ ପରିଣତ ହୋଇଥିବା ଅଭିଯୋଗ
- ଦୋଷୀଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର, ୨୦।୭ (ସମିସ): ରାଜ୍ୟରେ ପରୀକ୍ଷା ବିଭ୍ରାଟ ଥମିବାର ନାଁ ନେଉନି। ବିଭିନ୍ନ ନିଯୁକ୍ତି ପରୀକ୍ଷା ସମେତ ବିଇଡି ପ୍ରଶ୍ନପତ୍ର ଏବଂ ଶନିବାର ଓଟିଇଟି ପ୍ରଶ୍ନପତ୍ର ପରୀକ୍ଷା ପୂର୍ବରୁ ପ୍ରଘଟ ହୋଇଛି। ଏକାଧିକ ପରୀକ୍ଷାକୁ ଅନିବାର୍ଯ୍ୟ କାରଣ ଦର୍ଶାଇ ପରୀକ୍ଷାର ଅବ୍ୟବହିତ ପୂର୍ବରୁ ବାତିଲ୍ କରାଯାଉଛି। ପରୀକ୍ଷା ପରିଚାଳନାରେ ନିୟମିତ ଅବ୍ୟବସ୍ଥା ପଦାକୁ ଆସୁଛି। ଏହାକୁ ରୋକିବା ପାଇଁ ସରକାର କଠୋର ପଦକ୍ଷେପ ନେଉନାହାନ୍ତି। ପ୍ରଶ୍ନପତ୍ର ପ୍ରଘଟ ଓ ଅବ୍ୟବସ୍ଥା ପରେ ମଧ୍ୟ ସରକାରଙ୍କ ନିରବତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏପରିକି, ସରକାରୀ ପ୍ରୋତ୍ସାହନରେ ପ୍ରଶ୍ନପତ୍ର ବିକ୍ରି ହେଉଥିବା ଅଭିଯୋଗ ହେଉଛି।

ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ପରିଚାଳିତ ପୁଲିସ୍ ଏସ୍‌ଆଇ ପରୀକ୍ଷାକୁ ଅନିବାର୍ଯ୍ୟ କାରଣ ଦର୍ଶାଇ ବାତିଲ୍ କରାଗଲା। ମାର୍ଚ୍ଚ ୮ ଓ ୯ ତାରିଖରେ ହେବାକୁ ଥିବା ଏହି ପରୀକ୍ଷାକୁ ମାତ୍ର ଦୁଇ ଦିନ ପୂର୍ବରୁ ଅର୍ଥାତ୍ ୬ ତାରିଖରେ ବାତିଲ୍ କରାଗଲା। ପ୍ରରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ୍ ହୋଇଥିବା ଅଭିଯୋଗ ହୋଇଥିଲା। ପରୀକ୍ଷା ଏବେଯାଏଁ ହୋଇ ନଥିବା ବେଳେ କେବେ ହେବ, ସେନେଇ ମଧ୍ୟ କୌଣସି ସୂଚନା ନାହିଁ। ସେହିପରି ଆର୍‌ଆଇ, ଅମିନ ଓ ଏଆର୍‌ଆଇ ପ୍ରିଲିମିନାରୀ ପରୀକ୍ଷା ବେଳେ ବ୍ୟାପକ ଅବ୍ୟବସ୍ଥା ପଦାକୁ ଆସିଥିଲା। ଆପେଆପେ କମ୍ପ୍ୟୁଟର୍ ଚାଲିବା, ସାଇବର୍ କାଫେରେ ପରୀକ୍ଷା ହେବା ଓ ବିଭିନ୍ନ ସ୍ଥାନରେ ପରୀକ୍ଷା ସରିବା ପରେ କିଛି ସ୍ଥାନରେ ପରୀକ୍ଷା ଆରମ୍ଭ ହେବାକୁ ନେଇ ତୁମ୍ବିତୋଫାନ୍ ହୋଇଥିଲା। ଅବ୍ୟବସ୍ଥାକୁ ସରକାର ସ୍ୱୀକାର କରିବା ସହ ସମସ୍ତ ପରୀକ୍ଷାର୍ଥୀଙ୍କୁ ପ୍ରିଲିମିନାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ କରିଛନ୍ତି। ଅଗଷ୍ଟରୁ ମୁଖ୍ୟ ପରୀକ୍ଷା ହେବାକୁ ଯାଉଥିବା ବେଳେ ଅବ୍ୟବସ୍ଥା ସମ୍ପର୍କରେ ତଦନ୍ତ ସରିଲା ନାହିଁ। ସେହିପରି ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ ଟ୍ରାଫିକ୍ ଏସ୍‌ଆଇ ପରୀକ୍ଷାରେ ସିଲାବସ୍ ଅନୁଯାୟୀ ପ୍ରଶ୍ନପତ୍ର ଆସି ନ ଥିବାରୁ ବାତିଲ୍ କରାଯାଇଛି। ଚଳିତ ବର୍ଷ ଇଗ୍ନୋ ବିଇଡି ପ୍ରଶ୍ନପତ୍ର ମଧ୍ୟ ଭାଇରାଲ୍ ହୋଇଛି। ଏହାସହ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପରିଚାଳିତ ଓସିଏସ୍ ଆନ୍ଥ୍ରୋପୋଲୋଜି ପରୀକ୍ଷାରେ ପେପର୍-୧ ବଦଳରେ ପେପର୍-୨ ପ୍ରଶ୍ନପତ୍ର ଆସିବା ପରେ ତାକୁ ବାତିଲ୍ କରାଯାଇଥିଲା।

ରାଜ୍ୟରେ ପରୀକ୍ଷା ଅବ୍ୟବସ୍ଥା ଲାଗି ରହିଥିବାବେଳେ ସରକାରଙ୍କ ନିଷ୍କ୍ରିୟତା ଓ ବ୍ୟବସ୍ଥାକୁ ଦାୟୀ କରିଛନ୍ତି ପରୀକ୍ଷାର୍ଥୀ। ସେମାନଙ୍କ ଅଭିଯୋଗ ହେଲା, ପରୀକ୍ଷାରେ ବିଭ୍ରାଟ ହେବା ପରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଯାହା ଦୁର୍ନୀତିଗ୍ରସ୍ତ ଓ ବିଭ୍ରାଟରେ ଦାୟୀ ଅଧିକାରୀଙ୍କୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛି। ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର ରାଜ୍ୟରେ ପ୍ରଶ୍ନପତ୍ର ବିକ୍ରି ଏକ ଶିଳ୍ପରେ ପରିଣତ ହୋଇଥିବା ଅଭିଯୋଗ କରିଛନ୍ତି। ସେହି ଶିଳ୍ପପତିଙ୍କୁ ସରକାର ସୁରକ୍ଷା ଦେଉଛନ୍ତି। ଏଣୁ ବାରାମ୍ବାର ପ୍ରଶ୍ନପତ୍ର ବିଭ୍ରାଟ ହେଉଛି। ଫଳରେ ଆଶାୟୀମାନେ ସମସ୍ୟାର ସମ୍ମୁଖୀନ ହେବା ସହ ମେଧାବୀମାନେ ପ୍ରତାରିତ ହେଉଛନ୍ତି। ସେହିପରି ଆଶାୟୀ ସୁନୀଲ କୁମାର ମିଶ୍ର କହିଛନ୍ତି ଯେ ପରୀକ୍ଷା ଅବ୍ୟବସ୍ଥା ରୋକିବାକୁ ସରକାର ଦୃଢ଼ ପଦକ୍ଷେପ ନେବାର ଆବଶ୍ୟକ ରହିଛି। ଦୋଷୀଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେଲେ ପରୀକ୍ଷା ବ୍ୟବସ୍ଥିତ ହୋଇପାରିବ।

## ନିଜକୁ ଦୋଷମୁକ୍ତ କରିବା ପାଇଁ ସାଂସଦ ଲୋକଙ୍କୁ ଭ୍ରମିତ କରୁଛନ୍ତି: ଗୌତମବୁଦ୍ଧ

ବାଲେଶ୍ୱର (ଉତ୍ତର) / ଭୋଗରାଇ, ୨୦।୭ (ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଭୋଗରାଇ ମାଟିର ଝିଅ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା ପଛରେ ଅନେକ ରହସ୍ୟ ରହିଛି ଏବଂ ଅନେକ ଷଡ଼ଯନ୍ତ୍ରକାରୀ ମଧ୍ୟ ରହିଛନ୍ତି। ଏହି ରହସ୍ୟ ଉନ୍ମୋଚନ ପାଇଁ ମୁଁ ସରକାରଙ୍କ ନିକଟରେ ଦାବି ରଖିବା ପରେ ବାଲେଶ୍ୱର ସାଂସଦ ବିଚଳିତ ହୋଇ ଗଣମାଧ୍ୟମକୁ କିଛି ଭୁଲ ସୂଚନା ଦେବା ସହ ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରିଛନ୍ତି। ସୌମ୍ୟାଶ୍ରୀ ଥାନାରେ ଏତଲା ଦେଇ ନ ଥିବାରୁ ପୁଲିସ ମାମଲା ରୁଜୁ କରିପାରିଲାନି ବୋଲି ସାଂସଦ ପ୍ରତାପ ଷଡ଼ଙ୍ଗୀ ଓଡ଼ିଶାବାସୀଙ୍କୁ ଡାହା ମିଛ କହିଥିଲେ। ନିଜକୁ କ୍ଲିନଚିଟ୍ ଦେବାକୁ ସେ ଅପପ୍ରୟାସ କରୁଛନ୍ତି ବୋଲି ଆଜି ଦେହୁର୍ଦ୍ଧାସ୍ଥିତ ବିଜେଡି ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି।

ବିଧାୟକ ଶ୍ରୀ ଦାସ ଆହୁରି କହିଛନ୍ତି ଯେ ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କ ମିଛ ଆଶ୍ୱାସନା ଓ ଦାୟିତ୍ୱହୀନତା ଯୋଗୁଁ ଝିଅଟି ଥାନାରେ ଲିଖିତ ଅଭିଯୋଗ କଲେ ବି ପୁଲିସ ମାମଲା ରୁଜୁ କଲା ନାହିଁ। ଶେଷରେ ସବୁଆଡୁ ନିରାଶ ହୋଇ ନିଜକୁ ଜାଳିଦେଲା, ଯାହା ମୃତ୍ୟୁ ପୂର୍ବରୁ ମୃତା ସୌମ୍ୟାଶ୍ରୀ ନିଜେ ଓଡ଼ିଶାର ଏକ ପ୍ରମୁଖ ଟେଲିଭିଜନ ଚ୍ୟାନେଲକୁ ବାଇଟ ଦେଇ ପ୍ରକାଶ କରିଛନ୍ତି। ଏବେ ତାହା ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତେଣୁ ଏହାଠୁ ଆଉ ବଡ଼ ପ୍ରମାଣ କ'ଣ ଥାଇପାରେ। ନିଜ ଦୋଷ ଲୁଚାଇବାକୁ ମିଛ କହି ସମସ୍ତଙ୍କୁ ବିଭ୍ରାନ୍ତ କରିଥିବ ଶ୍ରୀ ଷଡ଼ଙ୍ଗୀ ରାଜନୀତିରୁ କେବେ ସନ୍ୟାସ ନେବେ ବୋଲି ବିଧାୟକ ଶ୍ରୀ ଦାସ ତାଙ୍କୁ ଓଲଟା ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି ଯାହା ଓଡିଶା ପୁଲିସର ଅଧୀନରେ ଅଛି। ତେଣୁ ଏହି ଘଟଣାରେ ଦାୟୀ ଥିବା ପୁଲିସ ଓ ରାଜନେତାଙ୍କ ବିରୋଧରେ ତଦନ୍ତ ନିଶ୍ଚିତ ବାଟବଣା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଘଟଣାର ନ୍ୟାୟିକ ତଦନ୍ତ କରାଗଲେ ନିଶ୍ଚିତ ସତ୍ୟ ପଦାକୁ ଆସିପାରିବ ବୋଲି ଶ୍ରୀ ଦାସ କହିଛନ୍ତି।

## ଆନ୍ଦୋଳନକୁ ଓହ୍ଲାଇବ ଜାତୀୟ ରାଜପଥ କର୍ମଚାରୀ ସଂଘ

ଭୁବନେଶ୍ୱର,୨୦।୭ (ସମିସ): ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାସ୍ତା ଓ ଗୃହ, ଏନ୍.ଏଚ, ଜିପିଏଫ୍, ଜିଇଡି, ମେଚନିକାଲ ଓ ଆରଡିୟୁକ୍ୟୁପି ସଂସ୍ଥାମାନଙ୍କରେ ମୋଟ ୩୩୩୪ ଜଣ ବିଭିନ୍ନ ପଦପଦବୀରେ ନିୟୋଜିତ ରହି କାର୍ଯ୍ୟ କରୁଥିଲେ। ଏମାନଙ୍କ ମଧ୍ୟରୁ ୱାର୍କଚାର୍ଜଡ୍ ଓ ୱାର୍କଚାର୍ଜଡରୁ ନିୟମିତ ହୋଇ ୧୭୩୯ ଜଣ ଚାକିରିରୁ ଅବସର ନେବା ପରେ ଅବଶିଷ୍ଟ ଚାକିରିରେ ଅଛନ୍ତି। ଅବସରପ୍ରାପ୍ତ ୱାର୍କଚାର୍ଜଡ୍ କର୍ମଚାରୀଙ୍କୁ ଡିଏଲ୍‌ଆର୍ ନିଯୁକ୍ତି ସମୟରୁ ୱାର୍କଚାର୍ଜଡ୍ ପର୍ଯ୍ୟନ୍ତ ୧୯୭୨ ପି.ଜି ଆକ୍ଟ ନିୟମ ଆଧାରରେ ଗ୍ରାଚ୍ୟୁଇଟି ପ୍ରଦାନ ନିମନ୍ତେ ପୂର୍ତ୍ତ ସଚିବ ଯନ୍ତ୍ରୀମୁଖ୍ୟଙ୍କୁ ହିସାବ ମାଗିଥିଲେ। ଏ ବାବଦରେ ଯନ୍ତ୍ରୀମୁଖ୍ୟ ହିସାବ କରି ମୋଟ ୧୪୯ କୋଟି ଟଙ୍କା ବ୍ୟୟ ବରାଦ ମଧ୍ୟରୁ ଅବସରପ୍ରାପ୍ତ କର୍ମଚାରୀଙ୍କ ବ୍ୟୟ ବାବଦରେ ନବେ କୋଟି ଟଙ୍କାର ହିସାବ ପୂର୍ତ୍ତ ସଚିବଙ୍କୁ ଗତ ମଇ ମାସରେ ପ୍ରଦାନ କରିଛନ୍ତି। ମହମ୍ମଦ ଜମିଲୁର ରହମନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କର୍ମଚାରୀ ନେତା ସର୍ବଶ୍ରୀ ଅଶୋକ ଚୌଧୁରୀ, ଅରୁଣ ପରିଡା, କମଳା ଦାସ, ରବି ଡାକୁଆ, ସଞ୍ଜୟ ସାମଲ, ନାରାୟଣ ଦାଶ, ସର୍ଦ୍ଦିପ ଗିରି, ନୀଳମଣୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

### ଲକ୍ଷ୍ମୀସାଗର ମୁଖ୍ୟ ତୋରଣ ନିର୍ମାଣ ବିଳମ୍ବ

## କାମ ଆରମ୍ଭ ନହେଲେ ରାଜରାସ୍ତାରେ ଆନ୍ଦୋଳନ




ଭୁବନେଶ୍ୱର, ୨୦।୭ (ସମିସ): ୨୦୧୮ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକାଳ ସମୟରେ ପର୍ଯ୍ୟଟନ ବିଭାଗର ମନ୍ତ୍ରୀ ଦ୍ୱାରା ଲକ୍ଷ୍ମୀସାଗର ଗ୍ରାମର ମୁଖ୍ୟ ତୋରଣର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏନେଇ ୨୦୨୨ ମସିହାରେ ଦୀର୍ଘ ୪ ବର୍ଷ ପରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଗ୍ରାମବାସୀମାନେ ନବ ନିର୍ବାଚିତ କର୍ପୋରେଟର ଭରତ କୁମାର ଲେଙ୍କାଙ୍କ ମାଧ୍ୟମରେ ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କୁ ଅବଗତ କରାଇଥିଲୁ। କେଉଁ କାରଣବଶତଃ କାର୍ଯ୍ୟଟି ଆରମ୍ଭ ହୋଇନାହିଁ ତାହା ପର୍ଯ୍ୟଟନ ବିଭାଗ ସହ କର୍ପୋରେଟର ଓ ବିଧାୟକ ଆଲୋଚନା କରିଥିବାବେଳେ କାର୍ଯ୍ୟଟିର ଟେଣ୍ଡର ରଦ୍ଦ ହୋଇଯାଇଛି ବୋଲି ଜାଣିବାକୁ ପାଇଥିଲେ। ଯାହାଫଳରେ ପର୍ଯ୍ୟଟନ ବିଭାଗ ସହ ଆଲୋଚନା କରି ବିଧାୟକ କାର୍ଯ୍ୟଟିର ନୂତନ ଟେଣ୍ଡର କରାଇଥିଲେ। ଏଭଳିସ୍ଥିତିରେ କାର୍ଯ୍ୟଟିର ଟେଣ୍ଡର ହେବାପରେ ସମ୍ପୃକ୍ତ କାର୍ଯ୍ୟର ଠିକାଦାର, କର୍ପୋରେଟର ଓ ଗ୍ରାମର ଭଦ୍ରବ୍ୟକ୍ତିମାନେ ମୁଖ୍ୟ ତୋରଣ ହେବାକୁ ଥିବା ସ୍ଥାନ ଅନୁଧାନ କଲାପରେ ଜାଣିବାକୁ ପାଇଲେ ଯେ, ସେହି ସ୍ଥାନରେ କିଛି ବୈଷୟିକ ପ୍ରତିବନ୍ଧକ ଯଥା ବିଦ୍ୟୁତ ଖୁଣ୍ଟ ଏବଂ ତାର ଝୁଲି ରହିଥିଲା। ଫଳରେ କାମ କରିବାକୁ ଅସୁବିଧା ହେବାରୁ ବିଦ୍ୟୁତ ବିଭାଗ ସହ ଆଲୋଚନା କରି, ସେଠାରେ ଥିବା ବିଦ୍ୟୁତ ଖୁଣ୍ଟ ଓ ତାରକୁ ହଟାଇବାକୁ ବିଧାୟକ ଶ୍ରୀ ଜେନା କହିଥିଲେ। ଏହାବାଦେ ପ୍ରତିବନ୍ଧକ ହଟାଇବା ଲାଗି ଆବଶ୍ୟକୀୟ ଖର୍ଚ୍ଚ ପର୍ଯ୍ୟଟନ ବିଭାଗ, ବିଦ୍ୟୁତ ବିଭାଗକୁ ପଇଠ ମଧ୍ୟ କରିଥିଲେ। ପରବର୍ତ୍ତୀ ସମୟରେ କାର୍ଯ୍ୟରେ ସମ୍ପୃକ୍ତ ଯନ୍ତ୍ରୀ, ଠିକାଦାର, କର୍ପୋରେଟର ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଭୂମିପୂଜା ସହ କାର୍ଯ୍ୟଟିର ଭିତ୍ତିପ୍ରସ୍ତର ପକାଯାଇଥିଲା। କିନ୍ତୁ କାର୍ଯ୍ୟଟି ଆରମ୍ଭ ହେଉଥିବାବେଳେ ଉଚ୍ଚ ପଦାଧିକାରୀଙ୍କ ନିର୍ଦ୍ଦେଶରେ ସମ୍ପୃକ୍ତ ଯନ୍ତ୍ରୀ କାର୍ଯ୍ୟଟିକୁ ବନ୍ଦ କରିଦେଇଥିଲେ। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। କେଉଁ କାରଣବଶତଃ କାର୍ଯ୍ୟଟିକୁ ବନ୍ଦ କରାଗଲା ଓ ଯଥାଶୀଘ୍ର କାମ ଆରମ୍ଭ କରା ନ ଗଲେ ଆଗାମୀ ଦିନରେ ଗ୍ରାମବାସୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ଲକ୍ଷ୍ମୀସାଗର କମ୍ୟୁନିଟି ସେଣ୍ଟର୍ ଠାରେ ଲକ୍ଷ୍ମୀସାଗର ଗ୍ରାମ୍ୟ କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି।

## ପଲ୍ଲୀସଭାରେ ପୁଲିସର ଆକ୍ରମଣକୁ ନିନ୍ଦା

### ଆଦିବାସୀଙ୍କୁ ଦମନ ପାଇଁ ନୂତନ ପୁଲିସ ଜିଲ୍ଲା ଗଠନ: ମାସା

ବାରିପଦା/ରାଇରଙ୍ଗପୁର, ୨୦।୭ (ସମିସ): ରାଇରଙ୍ଗପୁର ବ୍ଲକ୍ ଅଧୀନ ପୁରୁଣାପାଣି ପଞ୍ଚାୟତ କଣ୍ଟାବଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଇଡ୍‌କୋ ନିମନ୍ତେ ଜମି ଅଧିଗ୍ରହଣ ଓ ରୁଙ୍ଗଟା କମ୍ପାନୀର ପ୍ରସ୍ତାବିତ ଇସ୍ପାତ ଶିଳ୍ପ ପ୍ରତିଷ୍ଠା ନେଇ ଜନମତ ସଂଗ୍ରହ ପାଇଁ ଅନୁଷ୍ଠିତ ଗ୍ରାମସଭାରେ ଆଦିବାସୀଙ୍କୁ ପୁଲିସ ଆକ୍ରମଣ କରିବା ଘଟଣାକୁ ସବୁ ମହଲରେ ନିନ୍ଦା କରାଯାଇଛି। ଏଥିସହ ରାଇରଙ୍ଗପୁରକୁ ନୂତନ ପୁଲିସ ଜିଲ୍ଲା ଘୋଷଣା ଡବଲ ଇଞ୍ଜିନ ସରକାରଙ୍କ ଆଦିବାସୀଙ୍କୁ ଦମନ ଉଦ୍ଦେଶ୍ୟ ବୋଲି 'ମାସା'ର ରାଜ୍ୟ ଅଧକ୍ଷ ସୁକୁଲାଲ ମାରାଣ୍ଡି ଅଭିଯୋଗ କରିଛନ୍ତି। ଶ୍ରୀ ମାରାଣ୍ଡି ରବିବାର ସନ୍ଧ୍ୟାରେ ଆକ୍ରମଣ ଘଟଣାରେ ଜଡ଼ିତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ତତ୍‌ସହିତ ଜନମତରେ ଶିଳ୍ପକୁ ବିରୋଧ କରୁଥିବା ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ସରକାର ଜମି ଅଧିଗ୍ରହଣରୁ ନ ଦୂରେଇଲେ ବ୍ୟାପକ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଜମି ଅଧିଗ୍ରହଣ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ପଲ୍ଲୀସଭାରେ ପ୍ରଶାସନ ପକ୍ଷରୁ ପକ୍ଷପାତିତା କରାଯାଉଥିବା ନେଇ ଶନିବାର ସଂଧ୍ୟାରେ ଉପସ୍ଥିତ ଲୋକେ ଅଭିଯୋଗ କରିଥିଲେ। ସପକ୍ଷବାଦୀଙ୍କ ଦସ୍ତଖତ ସଂଗ୍ରହ କରାଯାଉଥିବା ବେଳେ ବିପକ୍ଷବାଦୀଙ୍କ ଦସ୍ତଖତ ଗ୍ରହଣ କରାନଯାଇ ସଭାସ୍ଥଳରୁ ଜନମତ ସଂଗ୍ରହ ଖାତା ଧରି ରାଇରଙ୍ଗପୁର ବିଡିଓ ଲୁଚି ପଳାଇଥିଲେ। ଏହା ଜଣାପଡ଼ିବା ପରେ କଣ୍ଟାବଣୀ ଗ୍ରାମବାସୀ ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜନମତ ଖାତା ଦେଖାଇବାକୁ ଅଡ଼ି ବସିଥିଲେ ଏବଂ ଫଳାଫଳ ଜଣାଇବାକୁ ଦାବି କରିଥିଲେ। ପରେ ପୁଲିସ ପ୍ରଶାସନ ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ପରିସରରୁ ଗ୍ରାମବାସୀଙ୍କୁ ବାହାରି ଯିବାକୁ କହିଥିଲେ। ମାତ୍ର ଲୋକେ ଫଳାଫଳ ନଜାଣି ସେଠାରୁ ହଟିବାକୁ ରାଜି ହୋଇନଥିଲେ। ଫଳରେ ବ୍ଲକ ପରିସରରୁ ଲାଇଟ୍‌କୁ ବନ୍ଦ କରାଯିବା ସହ ସେଠାରେ ଉପସ୍ଥିତ ଥିବା ମହିଳା, ପୁରୁଷମାନଙ୍କୁ ଜବରଦସ୍ତ ଧକ୍କା ଦେଇ ବାହାର କରିବାକୁ ଉଦ୍ୟମ କରିଥିଲା ପୁଲିସ୍। ପୁରୁଷ ପୁଲିସମାନେ ମହିଳାମାନଙ୍କୁ ଧକ୍କା ଦେବା ସହ ଦୁର୍ବ୍ୟବହାର ମଧ୍ୟ କରିଥିଲେ।

ଏସବୁ ଘଟଣାକୁ ସେଠାରେ ଉପସ୍ଥିତ ଥିବା ଟ୍ରାଇବ ଟିଭିର ପ୍ରତିନିଧି ବାରିଆଲ ହେମ୍ବ୍ରମ ଏସବୁ ଦୃଶ୍ୟ ଉତ୍ତୋଳନ କରୁଥିବା ବେଳେ ରାଇରଙ୍ଗପୁର ଏସ୍‌ଡିପିଓଙ୍କ ଆଦେଶ କ୍ରମେ ତାଙ୍କୁ ଟାର୍ଗେଟ୍ କରାଯାଇଥିଲା। ପୁଲିସ କର୍ମଚାରୀଙ୍କ ଦ୍ୱାରା ମୋବାଇଲ ଛଡ଼ାଇ ନେବାକୁ ଉଦ୍ୟମ କରାଯିବା ସହ ତଳେ ପକାଇ ଲାଠିମାଡ଼ ମରାଯାଇଥିଲା। ଏଥିରେ ତାଙ୍କ ମୁଣ୍ଡ ଫାଟିଯାଇଥିଲା।

ଏହି ଘଟଣାକୁ ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକ ସଂଗଠନ, ମାସା ଆର୍ମି ସଂଗଠନ, ମୟୂରଭଞ୍ଜ ପିଡ଼ ପାରଗାନା ମାହାଲ ସଦସ୍ୟ, ଓଡ଼ିଶା ଆଦିବାସୀ ମୋର୍ଚ୍ଚା ସମେତ ବିଭିନ୍ନ ସଂଗଠନ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ନିନ୍ଦା କରିଛନ୍ତି। ଏହାସହ ଆହତ ବାରିପଦା ପିଆର୍‌ଏମ୍ ମେଡିକାଲରେ ଚିକିତ୍ସିତ ହେଉଥିବା ସାମ୍ବାଦିକ ବାରିଆଲ ହେମ୍ବ୍ରମଙ୍କୁ ଭେଟି ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେମାନେ କହିଛନ୍ତି ଯେ ଶିଳ୍ପ ପ୍ରତିଷ୍ଠା ନେଇ ପ୍ରଶାସନ ପକ୍ଷରୁ ନିରପେକ୍ଷ ଭାବେ ଜନମତ ସଂଗ୍ରହ କରାଯିବା ଉଚିତ। ସର୍ବସମ୍ମୁଖରେ ଶିଳ୍ପପତିଙ୍କ ସପକ୍ଷରେ ଚଞ୍ଚକତା କରାଯିବା ସହିତ ଗ୍ରାମବାସୀଙ୍କ ଉପରେ ଆକ୍ରମଣ କରାଯାଇଥିବା ଘଟଣା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯିବ ବୋଲି ସେମାନେ କହିଥିଲେ। ଏହି ଘଟଣାରେ ପୁଲିସ ପକ୍ଷରୁ ଗ୍ରାମବାସୀଙ୍କ ବିରୋଧରେ ମାମଲା ରୁଜୁ କରାଯିବାକୁ ମଧ୍ୟ ସମସ୍ତେ ନାପସନ୍ଦ କରିଛନ୍ତି।

## ନାବାଳିକାଙ୍କୁ ଜିଅନ୍ତା ଜାଳିଦେବା ଘଟଣା

# ବଳଙ୍ଗା ଥାନା ଘେରିଲା ବିଜେଡି




ବଳଙ୍ଗା, ୨୦।୭ (ସମିସ): ବଳଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଦେହରେ ୩ ଦୁର୍ବୃତ୍ତ ନିଆଁ ଲଗାଇଦେବା ଘଟଣାରେ ଆଜି ବିଜେଡି ବଳଙ୍ଗା ଥାନା ଘେରାଉ କରିଛି। ବିଜେଡିର ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ, ବିଜେଡି ନେତା ପ୍ରଦୀପ ମାଝୀ, ନିମାପଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକ, ସୁବ୍ରତ ଛାଟୋଇ, ରୁଦ୍ରପ୍ରସାଦ ମହାରଥୀ, ଟୁକୁନି ସାହୁ, ଲେଖାଶ୍ରୀ ସାମନ୍ତରାୟ, ରାଜଶ୍ରୀ ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ ବଳଙ୍ଗା ଥାନାକୁ ଘେରାଉ କରିଥିଲେ। କିଛି ବିଜେଡି ନେତା ଓ କର୍ମୀ ଥାନା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିବାରୁ ପୁଲିସ୍ ସହ ସେମାନଙ୍କ ଧସ୍ତାଧସ୍ତି ହୋଇଥିଲା। ପୁଲିସ୍ ଥାନା ଗେଟ୍‌କୁ ତାଲା ପକାଇ ଦେବାରୁ ନେତା ଓ କର୍ମୀମାନେ ଥାନା ବାହାରେ ଧାରଣା ଦେଇଥିଲେ। ପରେ ବିଜେଡି କର୍ମୀମାନେ ବିଜେପି ସରକାରଙ୍କ ବିରୋଧରେ ନାରାବାଜି କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ

- ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ଓ କୁଶପୁତ୍ତଳିକା ଦାହ
- ବିଜେଡି କର୍ମୀ ଓ ପୁଲିସ ମୁହାଁମୁହିଁ

ଇସ୍ତଫା ଦାବି କରି ଥାନା ଆଗରେ ସେମାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

ସୂଚନାନୁଯାୟୀ, କର୍ମୀମାନେ ବଳଙ୍ଗା ବଜାରରୁ ଏକ ରାଲିରେ ଥାନା ନିକଟକୁ ଯାଇଥିଲେ। ଏହି ଅବସରରେ ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଘଟଣାକୁ ୨୪ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ହେଁ ପୁଲିସ୍ ଏ ପର୍ଯ୍ୟନ୍ତ କାହାରିକୁ ଗିରଫ କରିବା ତ ଦୂରର କଥା, ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିପାରିନାହିଁ। ପୁଲିସ୍ ଖାଲି ଅନ୍ଧାରରେ ବାଡ଼ି ବୁଲାଉଛି। ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ ରାଜ୍ୟରେ ବିଜେପି ସରକାରର ଅପାରଗତା ଯୋଗୁଁ ଗତ ୧ ବର୍ଷ ମଧ୍ୟରେ ୩ ହଜାରରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନାର ଶିକାର ହୋଇ ପ୍ରାଣ ହରାଇଲେଣି। ପ୍ରତିଦିନ ନାରୀ ଅତ୍ୟାଚାରର ଶିକାର ହେଉଛି। ବିଜେଡି ନେତା ପ୍ରଦୀପ ମାଝୀ କହିଛନ୍ତି, ବାଲେଶ୍ୱର ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଘଟଣାକୁ ଦିନ କେଇଟା ବିତିନଥିବା ବେଳେ ବଳଙ୍ଗାରେ ଏଭଳି ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ରୂପେ ଦାୟୀ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ପୁଲିସ୍ ଅଭିଯୁକ୍ତମାନଙ୍କୁ ନ ଧରିଲେ, ଭୁବନେଶ୍ୱରରେ ରାଜରାସ୍ତାକୁ ଅଚଳ କରାଯିବ ବୋଲି ଦଳ ଚେତାବନୀ ଦେଇଛି।

ଅପରପକ୍ଷେ, ଏହି ଘଟଣାରେ ବଳଙ୍ଗା ପୁଲିସ ସନ୍ଦେହରେ ୩ ଜଣଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରୁଛି।

## ବଳଙ୍ଗା ଥାନାରେ ପିସିସି ପ୍ରତିନିଧି ଦଳ

ବଳଙ୍ଗା, ୨୦।୭ (ସମିସ): ବଳଙ୍ଗା ନାବାଳିକାକୁ ଜାଳିଦେବା ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଅପରାଧୀଙ୍କ କୌଣସି ସୁରାକ୍ ମିଳି ନଥିବାରୁ କଂଗ୍ରେସ ଉଦ୍‌ବେଗ ପ୍ରକାଶ କରିଛି। ଏହି ପରିପ୍ରେକ୍ଷୀରେ ଆଜି ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ଏକ ପ୍ରତିନିଧି ଦଳ ବଳଙ୍ଗା ଥାନା ପରିଦର୍ଶନ କରି ତଦନ୍ତର ଅଗ୍ରଗତି ସଂପର୍କରେ ପଚାରି ବୁଝିଛନ୍ତି। ଏହାସହ ଅଭିଯୁକ୍ତମାନଙ୍କୁ ଶୀଘ୍ର ଧରିବା ସହ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେ ସଂଖ୍ୟାଲଘୁ ରାଜ୍ୟ ସାଧାରଣ ସମ୍ପାଦକ ସେକ୍ ମେହେବୁବା, ପିପିଲି ବ୍ଲକ୍ କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ମିଶ୍ର ପ୍ରମୁଖ ସାମିଲ ଥିଲେ। ଅପରପକ୍ଷେ, ଖୁବ୍‌ଶୀଘ୍ର ପିସିସି ସଭାପତି ବଳଙ୍ଗା ଆସିବେ ବୋଲି ଶ୍ରୀ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

■ ବିଜେଡି ପ୍ରତିନିଧିଙ୍କୁ ଫେରାଦ ହେଲେ ମହିଳା

## ‘ମୋ ଝିଅ ୪୫ ଦିନ ହେଲା ନିଖୋଜ ଅଛି’

ପୁରୀ, ୨୦।୭(ସମିସ): ବଳଙ୍ଗାରେ ପୁଣି ଜଣେ ମହିଳା ନ୍ୟାୟ ପାଇଁ ଗୁହାରି ହୋଇଛନ୍ତି। ରବିବାର ବିଜେଡି ପ୍ରତିନିଧି ଦଳ ପୀଡ଼ିତା ନାବାଳିକାଙ୍କୁ ଜାଳିଦେବାକୁ ଉଦ୍ୟମ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବଳଙ୍ଗା ଥାନା ଆଗରେ ବିକ୍ଷୋଭ କରିଥିଲେ। ଏହି ସମୟରେ ସମ୍ପୃକ୍ତା ମହିଳା ବିଜେଡି ମହିଳା ପ୍ରତିନିଧିଙ୍କୁ ତାଙ୍କ ଝିଅକୁ ଫେରାଇ ଆଣିବା ଲାଗି ବ୍ୟବସ୍ଥା କରିବା ପାଇଁ ଗୁହାରି କରିଥିଲେ। ୪୫ଦିନ ହେଲାଣି ତାଙ୍କର ୧୭ବର୍ଷୀୟା ଝିଅ କେଉଁଆଡ଼େ ନିଖୋଜ ହୋଇଯାଇଛି। ଏନେଇ ବଳଙ୍ଗା ଥାନାରେ ସେମାନେ ଲିଖିତ ଭାବେ ଜଣାଇଥିଲେ। ପୁଲିସ ଆଶ୍ୱାସନା ଦେଉଥିଲେ ହେଁ ଏ ପର୍ଯ୍ୟନ୍ତ ତାଙ୍କ ଝିଅ ଫେରିନାହିଁ। ପୁଲିସ ତାଙ୍କ କଥା ଶୁଣୁନଥିବା ମହିଳା ଅଭିଯୋଗ କରିଛନ୍ତି।

# ସ୍ଥିତି ସମୀକ୍ଷା କଲେ ପୁଲିସ ଡିଜି

## ପୀଡ଼ିତାଙ୍କ ଘର ଓ ଘଟଣାସ୍ଥଳ ପରିଦର୍ଶନ କଲେ



- ଦୁଃଖୀଶ୍ୟାମଙ୍କ ସମେତ ଅନ୍ୟମାନଙ୍କୁ ପଚାରି ବୁଝିଲେ
- ବଳଙ୍ଗା ଥାନାରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ରୁଦ୍ଧଦ୍ୱାର ବୈଠକ

ବଳଙ୍ଗା/ପୁରୀ, ୨୦।୭(ସମିସ): ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଆଜି ବଳଙ୍ଗା ଗସ୍ତ କରି ପୀଡ଼ିତାଙ୍କ ଘର ଓ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସେଦିନ ପୀଡ଼ିତା କେଉଁ ରାସ୍ତା ଦେଇ ଯାଇଥିଲା, କେଉଁଠାରେ ଏହି ଅଘଟଣ ଘଟିଥିଲା ଏବଂ ନିଆଁ ଲାଗିବା ପରେ ସେ କେଉଁ ରାସ୍ତା ଦେଇ ଯାଇଥିଲା, ତାହାର ଛାନ୍‌ଭିନ୍ କରିଛନ୍ତି।

ନାବାଳିକାକୁ ପ୍ରଥମେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରିଥିବା ଦୁଃଖୀଶ୍ୟାମ ସେନାପତିଙ୍କ ଘରକୁ ମଧ୍ୟ ଡିଜି ଯାଇ ତାଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ପରେ ଡିଜି ପୀଡ଼ିତାଙ୍କ ଘରକୁ ଯାଇଥିଲେ। ସେଠାରେ ତାଙ୍କ ପଡ଼ୋଶୀଙ୍କୁ ମଧ୍ୟ ପଚରାଉଚରା କରିଥିଲେ। କେବଳ ସେତିକି ନୁହେଁ, ବରଂ ତଦନ୍ତ ପ୍ରକ୍ରିୟା କେତେ ବାଟ ଯାଇଛି ଓ ଆଉ କ’ଣ କରାଯିବ ଏବଂ ଅଭିଯୁକ୍ତଙ୍କୁ କିପରି ଧରାଯିବ; ସେ ନେଇ ବଳଙ୍ଗା ଥାନାରେ ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ରୁଦ୍ଧଦ୍ୱାର ବୈଠକ କରିଥିଲେ।

ପରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ପୁଲିସ ଡିଜି ଶ୍ରୀ ଖୁରାନିଆ କହିଥିଲେ, ରବିବାର ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଟିମ୍ ଏବଂ ଏମ୍ସର ଫରେନ୍‌ସିକ୍ ମେଡିସିନ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସେମାନେ ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରିଛନ୍ତି। ପୁଲିସ ପାଖରେ କିଛି ତଥ୍ୟ ପହଞ୍ଚିଛି। ଅଧିକ ତଥ୍ୟ ସଂଗ୍ରହ କରାଯାଉଛି। ତଦନ୍ତ ଏକ ସମ୍ବେଦନଶୀଳ ସ୍ତରରେ ପହଞ୍ଚିଛି। ତେଣୁ ଅଧିକ କିଛି କହିବା ଏବେ ଠିକ୍ ନୁହେଁ। ଯଦି କିଛି ସର୍ବସାଧାରଣରେ କହିବାର ଥିବ, ନିଶ୍ଚିତ ପୁଲିସ ଜଣାଇବ ବୋଲି କହିଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମରେ ଡିଜିପିଙ୍କ ସହ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ପୁରୀ ଏସ୍‌ପି ପିନାକ ମିଶ୍ର, ଅତିକ୍ତ ଏସ୍‌ପି, ପିପିଲି ଡିଏସ୍‌ପି ଓ ପୁରୀ ଜିଲ୍ଲାର ବିଭିନ୍ନ ଥାନାର ଅଧିକାରୀ ଉପସ୍ଥିତ ରହିଥିଲେ।

## ଆଜିଠୁ ସଂସଦର ମୌସୁମୀ ଅଧିବେଶନ

# ଏକାଧିକ ରାଜ୍ୟସ୍ୱାର୍ଥ ପ୍ରସଙ୍ଗ ଉତ୍ଥାପନ କରିବ ବିଜେଡି

ଭୁବନେଶ୍ୱର,୨୦।୭(ସମିସ):ଆସନ୍ତାକାଲିଠାରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଅଧିବେଶନରେ ରାଜ୍ୟସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗକୁ ଦୃଢ଼ ଭାବେ ଉତ୍ଥାପନ କରିବାକୁ ବିଜେଡି ନିଷ୍ପତ୍ତି ନେଇଛି। ବିଶେଷକରି ରାଜ୍ୟରେ ବର୍ତ୍ତମାନ ନାରୀ ଏବଂ ଶିଶୁ ଉତ୍ପୀଡ଼ନ, ନିର୍ଯାତନା ପ୍ରମୁଖ ପ୍ରସଙ୍ଗ ପାଲଟିଥିବା ବେଳେ ଏହାକୁ ବିଜେଡି ମୁଖ୍ୟ ପ୍ରସଙ୍ଗ କରିବ। ଡବଲ ଇଞ୍ଜିନ ସରକାରରେ ରାଜ୍ୟରେ ଦୁଷ୍କର୍ମ ମାମାଲରେ ବୃଦ୍ଧି ରାଜ୍ୟ ପାଇଁ ଲଜ୍ଜା ଆଣୁଥିବା ବେଳେ ଏନେଇ ଦଳ ନିଜ ସ୍ୱରକୁ ଶାଣିତ କରିବ। ଏହାବ୍ୟତୀତ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା, ମହାନଦୀ ଓ ପୋଲାଭରମ୍ ବିବାଦ, ଉପକୂଳ ରାଜପଥ, କୋଇଲା ରାଜଭାଗ ବୃଦ୍ଧି ଦାବି, ରେଳ, ମୋବାଇଲ ଏବଂ ବ୍ୟାଙ୍କିଙ୍ଗ ସୁବିଧା ବୃଦ୍ଧି ସହ ଚାଷୀଙ୍କୁ ମିଳୁଥିବା ଏମ୍‌ଏସ୍‌ପିକୁ ଦୁଇଗୁଣା କରିବାକୁ ଦଳ ଦାବି କରିବ ବୋଲି ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ଡ. ସସ୍ମିତ ପାତ୍ର ସୂଚନା ଦେଇଛନ୍ତି।

ଡ. ପାତ୍ର କହିଛନ୍ତି ଯେ ଆସନ୍ତା ମୌସୁମୀ ଅଧିବେଶନରେ ରାଜ୍ୟରେ ବିଗୁଡୁଥିବା

- ରାଜ୍ୟରେ ମହିଳା ଓ ଶିଶୁଙ୍କ ଉତ୍ପୀଡ଼ନକୁ ପ୍ରମୁଖ ପ୍ରସଙ୍ଗ କରିବ ଦଳ
- କୋଇଲା ରାଜଭାଗ ବୃଦ୍ଧି, ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ଦାବି ଦୋହରାଇବ
- ଉପକୂଳ ରାଜପଥ ସମ୍ପର୍କରେ ସ୍ୱର ଶାଣିତ କରିବେ ଦଳୀୟ ସାଂସଦ

ଆଇନଶୃଙ୍ଖଳା ସ୍ଥିତି ପ୍ରମୁଖ ପ୍ରସଙ୍ଗ ପାଲଟିବ। ବିଜେପି ସରକାରରେ ଆଇନଶୃଙ୍ଖଳା ସ୍ଥିତି ଭୁଶୁଡ଼ି ପଡ଼ିଥିବା ବେଳେ ମହିଳା ଓ ଶିଶୁଙ୍କ ବିରୋଧରେ ଜଘନ୍ୟ ଅପରାଧର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ନିକଟରେ ବାଲେଶ୍ୱରରେ ଜଣେ ଛାତ୍ରୀ ପ୍ରଶାସନ, ସରକାରଙ୍କ ପାଖରୁ ନ୍ୟାୟ ନ ପାଇ ନିଜକୁ ଜାଳିଦେବା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଛାତ୍ରୀଜଣକ ଏବିଭିପିର ସକ୍ରିୟ ସଦସ୍ୟ ହୋଇଥିଲେ ହେଁ ତାଙ୍କୁ କୌଣସି ନ୍ୟାୟ ମିଳିଲା ନାହିଁ। କେବଳ ଏତିକି ନୁହେଁ; ଶୁକ୍ରବାର ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳରେ ଜଣେ ୧୫ ବର୍ଷୀୟ ନାବାଳିକାକୁ ମଧ୍ୟ କେତେକ ଦୁର୍ବୃତ୍ତ କିରୋସିନ ଢାଳି ଜାଳି ଦେବାକୁ ଉଦ୍ୟମ କରିଛନ୍ତି। ୨୦ ଦିନ ପୂର୍ବେ ଗୋପାଳପୁର ବେଳାଭୂମିରେ ମଧ୍ୟ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏସବୁ ଘଟଣା ରାଜ୍ୟର ଗୁରୁତର ଆଇନଶୃଙ୍ଖଳା ସ୍ଥିତିକୁ ଦର୍ଶାଉଛି। ଏସବୁ ପ୍ରସଙ୍ଗକୁ ଦଳ ସଂସଦରେ ଦୃଢ଼ ସ୍ୱରରେ ଉତ୍ଥାପନ କରିବ ବୋଲି ଡ. ପାତ୍ର କହିଛନ୍ତି।

ଏହାବ୍ୟତୀତ ଓଡ଼ିଶା ଦୀର୍ଘ ବର୍ଷ ଧରି କୋଇଲା ରାଜଭାଗ ବୃଦ୍ଧି ଦାବି କରି ଆସୁଛି। ମାତ୍ର କେନ୍ଦ୍ର ସରକାର ଓଡ଼ିଶାର ଏହି ନାଯ୍ୟ ଦାବି ପ୍ରତି ଆଖି ବୁଜି ଦେଇଛନ୍ତି। ସେହିପରି ମହାନଦୀ, ପୋଲାଭରମ୍ ଘଟଣାରେ ଓଡ଼ିଶାର ସ୍ୱାର୍ଥ ଗୁରୁତର ଭାବେ ପ୍ରଭାବିତ ହେବାକୁ ଥିବାବେଳେ ଏନେଇ ବିଜେଡି ଲଗାତାର ଭାବେ ନିଜ ସ୍ୱର ଉତ୍ତୋଳନ କରି ଆସିଛି। ମୌସୁମୀ ଅଧିବେଶନରେ ଦଳର ସାଂସଦ ଏସବୁ ପ୍ରସଙ୍ଗକୁ ନେଇ ଗୃହରେ ନିଜର ପକ୍ଷ ଦୃଢ଼ ଭାବରେ ଉପସ୍ଥାପନ କରିବେ। ସେହିପରି ରାଜ୍ୟରେ ରେଳସେବାଠାରୁ ଆରମ୍ଭ କରି ମୋବାଇଲ ନେଟ୍‌ୱାର୍କ, ବ୍ୟାଙ୍କିଙ୍ଗ ସେବା ପରିସର ବୃଦ୍ଧି ଦାବି ନେଇ ଦଳ ସ୍ୱର ଶାଣିତ କରିବ ବୋଲି ଡ. ପାତ୍ର ସୂଚନା ଦେଇଛନ୍ତି।

## ପ୍ରେମିକାକୁ ଖୁସି କରାଇବାକୁ ମହିଳାଙ୍କୁ ଚୂନ ମାରୁଥିଲା

### ଗିରଫ ହେଲା ଝାଡ଼ଖଣ୍ଡୀ ଧୂର୍ତ୍ତ

ବାରିପଦା, ୨୦।୭ (ସମିସ): ପ୍ରେମିକାକୁ ଖୁସି କରିବା ପାଇଁ ବିବାହିତ ମହିଳାଙ୍କୁ ପ୍ରେମଜାଲରେ ଫସାଇ ଠକୁଥିବା ଝାଡ଼ଖଣ୍ଡର ଜଣେ ଧୂର୍ତ୍ତଙ୍କୁ ଭଞ୍ଜପୁର ପୁଲିସ ଗିରଫ କରିଛି। ସେ ହେଲା, ଝାଡ଼ଖଣ୍ଡର ବାହଡ଼ାଗୋଡ଼ା ଥାନା ଅଧୀନ ମୌଦା ଗ୍ରାମର ଶମ୍ଭୁନାଥ ବେରା ଓରଫ ସିମରନ(୨୭)।

- ବିବାହିତ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ଠକୁଥିଲା ଟଙ୍କା, ଅଳଙ୍କାର
- କାର୍, ବାଇକ୍, ମୋବାଇଲ ସହ ୧୦୭ ଗ୍ରାମ ସୁନା ଜବତ



ଭଞ୍ଜପୁର ଥାନା ଅଞ୍ଚଳର ଜଣେ ବିବାହିତ ମହିଳାଙ୍କ ସହ ସିମରନ ଇନଷ୍ଟାଗ୍ରାମରେ ବନ୍ଧୁତା ସୃଷ୍ଟି କରିଥିଲା। ପରେ ତାଙ୍କ ହ୍ୱାଟ୍ସଆପ ନମ୍ବର ନେଇ ଚାଟିଂ କରି ପ୍ରେମ ଜାଲରେ ଫସାଇଥିଲେ। କିଛି ଦିନର ସମ୍ପର୍କ ପରେ ବିଭିନ୍ନ ବାହାନାରେ ପର୍ଯ୍ୟାୟକ୍ରମେ ଟଙ୍କା ମାଗୁଥିଲା। ମହିଳାଜଣଙ୍କ ଟଙ୍କା ଦେଉଥିବାରୁ ସିମରନ୍‌ର ଲୋଭ ବଢ଼ିଥିଲା। ତେଣୁ ବଡ଼ ହାତ ମାରିବାକୁ ସେ ନୂଆ ଫନ୍ଦି ବାହାର କରିଥିଲା। ମାଆଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା କହି ଚିକିତ୍ସା ପାଇଁ ୧୦ଲକ୍ଷ ଟଙ୍କା ମାଗିଥିଲା। କିନ୍ତୁ ମହିଳାଙ୍କ ପାଖରେ ଏତେ ଟଙ୍କା ନଥିବାରୁ ସେ ତାକୁ ୧୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସୁନାଗହଣା ଦେଇ ଦେଇଥିଲେ। କିନ୍ତୁ ଏହା ପରଠାରୁ ସିମରନ୍ ଆଉ ଧରାଛୁଆଁ ଦେଇନଥିଲା। ମହିଳାଜଣଙ୍କ ବାରମ୍ବାର ଟଙ୍କା ମାଗିବାରୁ ସେ ତାଙ୍କୁ ବ୍ଲାକମେଲ କରିବା ଆରମ୍ଭ କରିଥିଲା। ବାରମ୍ବାର ତାଙ୍କୁ ଯୌନ ନିର୍ଯାତନା ଦେବା ସହ ଏନେଇ କାହାକୁ ଜଣାଇଲେ ପରିବାରଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଶେଷରେ ମହିଳାଜଣଙ୍କ ସାହସ ଜୁଟାଇ ପୁଲିସର ଦ୍ୱାରସ୍ଥ ହୋଇଥିଲେ।

ପୁଲିସ୍ ସୂଚନାନୁଯାୟୀ, ମହିଳାଙ୍କ ପାଖରୁ ନେଇଥିବା ସମସ୍ତ ଗହଣାକୁ ସିମରନ୍ ନିଜ ପ୍ରେମିକା (ବାଙ୍ଗିରିପୋଷିର ଜଣେ ଯୁବତୀ)ଙ୍କୁ ଦେଇଥିଲା। ଉକ୍ତ ଯୁବତୀଙ୍କର ଏକ ବିୟୁଟିପାର୍ଲର୍ ଅଛି। କିଛି ଦିନ ପରେ ଦୁହେଁ ବିବାହ କରିଥା’ନ୍ତେ। ତେବେ, ଯୁବତୀଜଣଙ୍କ ଏହି ଗହଣାକୁ ବଦଳାଇବାକୁ ସୁନା ଦୋକାନକୁ ଯାଇଥିବା ବେଳେ ପୁଲିସ ଖବର ପାଇଥିଲା। ତଦନ୍ତ ପରେ ସବୁ ଘଟଣା ସାମ୍ନାକୁ ଆସିଥିଲା। ତାଙ୍କଠାରୁ ୧୦୭ ଗ୍ରାମ୍ ସୁନା, ୨ଟି ଦାମୀ ସ୍ମାର୍ଟଫୋନ୍, କାର୍, ବାଇକ୍ ଜବତ ହୋଇଛି। ଘଟଣାର ଭଞ୍ଜପୁର ଥାନା ଅଧିକାରୀ ଅଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅଧିକ ତଦନ୍ତ ଜାରି ରହିଛି।

## ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଆରମ୍ଭ

ଭୁବନେଶ୍ୱର, ୨୦।୭(ସମିସ): ଖରିଫ ଧାନ ବିକ୍ରି ପାଇଁ ଗତକାଲି (ଶନିବାର) ଠାରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି। ଆସନ୍ତା ୨୦ ଅଗଷ୍ଟ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ। ଏନେଇ ସମବାୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେପ୍ଟେମ୍ବର ୯ ତାରିଖ ଭିତରେ ଚାଷୀଙ୍କ ତଥ୍ୟ ଯାଞ୍ଚ କରାଯିବ। ୩୦ ସେପ୍ଟେମ୍ବର ସୁଦ୍ଧା ଯୋଗ୍ୟ ଚାଷୀଙ୍କ ତାଲିକା ପ୍ରକାଶ ପାଇବ। କୃଷି, ଯୋଗାଣ ଓ ସମବାୟ ତିନୋଟି ବିଭାଗର ମିଳିତ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ରବି ଧାନ ବିକ୍ରିରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେଣୁ ଖରିଫରେ ତା’ର ପୁନରାବୃତ୍ତି ନ ହେବା ପାଇଁ ସରକାରୀ ସ୍ତରରେ ବିଚାରବିମର୍ଶ କରାଯାଇ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଜଣେ ବି ଯୋଗ୍ୟ ଚାଷୀ ଯେପରି ପଞ୍ଜୀକରଣରୁ ବାଦ୍ ନ ପଡ଼ନ୍ତି, ତା’ ଉପରେ ଧ୍ୟାନ ଦେବାକୁ ସମବାୟ ସମିତିକୁ ନିର୍ଦ୍ଦେଶ ଦିଆଯାଇଛି।

- ଅଗଷ୍ଟ ୨୦ ଶେଷ ତାରିଖ ଧାର୍ଯ୍ୟ
- ନଭେମ୍ବରରୁ ଧାନ କିଣା ଆରମ୍ଭ

ପଞ୍ଜୀକୃତ ଚାଷୀଙ୍କଠାରୁ ନଭେମ୍ବର ପ୍ରଥମ ସପ୍ତାହରୁ ଧାନ କିଣା ଆରମ୍ଭ ହୋଇ ୨୦୨୬ ୩୧ ମାର୍ଚ୍ଚ ସୁଦ୍ଧା ଶେଷ ହେବ। ଚାଷୀମାନେ ପଞ୍ଜୀକରଣ ଫର୍ମ, ଆଧାର କାର୍ଡ, ମୋବାଇଲ ନମ୍ବର, ଜମିର ଖତିଆନ, ଅଧିକାର ଅଭିଲେଖ ଆଦି ନେଇ କୃଷି ସମବାୟ ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣି ପଞ୍ଚାୟତରେ ପଞ୍ଜୀକରଣ କରିପାରିବେ। ଏହି ଫର୍ମ ଦାଖଲ କରିବା ସମୟରେ ବ୍ୟକ୍ତିଗତ ତଥ୍ୟ ସହ ଧାନ ଚାଷ ହୋଇଥିବା ଜମିର ବିବରଣୀ ପ୍ରଦାନ କରିବେ। ସେହିଭଳି ଭାଗଚାଷୀମାନେ ବି ପଞ୍ଜୀକରଣରେ ସାମିଲ ହୋଇ ଆବଶ୍ୟକ କାଗଜପତ୍ର ଦାଖଲ କରି ଏହାର ଲାଭ ଉଠାଇପାରିବେ। ଚାଷୀମାନେ ଟୋଲ୍ ଫ୍ରି ନମ୍ବର ୧୯୬୭ରେ ଅଭିଯୋଗ କରିପାରିବେ।

ଏ ସମ୍ପର୍କରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, “ଆମେ କ୍ଷେତ୍ରୀୟ ସର୍ଭେ କରିବୁ। ଯିଏ ଯୋଗ୍ୟ, ସେ ଧାନ ବିକ୍ରି କରିପାରିବେ। ଧାନ କିଣିବା ନେଇ କୌଣସି ଟାର୍ଗେଟ୍ ନାହିଁ। ଯେତେ ଧାନ ଚାଷୀ ବିକ୍ରି କରିବ, ସରକାର କିଣିବେ ବୋଲି ସେ କହିଛନ୍ତି।

ତେବେ ଏନେଇ ଚାଷୀମାନେ କହିଛନ୍ତି, ଆଗୁଆ ଖରିଫ ଫସଲ ପାଇଁ ସରକାର ଏବେଠାରୁ ପଞ୍ଜୀକରଣ କରିବେ। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଫସଲ ଅମଳ କରି ମଣ୍ଡି ପାଖକୁ ଗଲା ବେଳକୁ ସରକାର କିଛି ପଦକ୍ଷେପ ନେଉନାହାନ୍ତି। କଟ୍‌ନୀଛଟ୍‌ନୀ, ଟୋକନ ଲାପ୍ସ ଏସବୁ ଅସୁବିଧା ହେଉଛି। ଏସବୁ ପ୍ରତି ସରକାର ବିଚାର କରିବା ଉଚିତ। ରବି ଧାନ ବିକ୍ରୟ ବେଳେ ଚାଷୀ ଅକଥନୀୟ ଯନ୍ତ୍ରଣା ଭୋଗିଛନ୍ତି। ଅଦିନିଆ ବର୍ଷାରେ ଚାଷୀଙ୍କ ଧାନ ବ୍ୟାପକ କ୍ଷତି ହୋଇଛି। ତେଣୁ ସରକାର ଏ ବାବଦରେ ବିଚାର କରନ୍ତୁ ବୋଲି ସେ କହିଛନ୍ତି।

## କିରାସିନି ଢାଳି ହୋଇ ଜଳିଗଲେ ଯୁବତୀ

ବ୍ରହ୍ମଗିରି, ୨୦।୭(ସମିସ): ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅରଖକୁଦା ଥାନା ଅନ୍ତର୍ଗତ ଶୀତଳପଦା ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଜଣେ ଯୁବତୀ ନିଜ ଦେହରେ କିରୋସିନ ଢାଳି ହୋଇ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ, ଉକ୍ତ ଗ୍ରାମର ଅକ୍ଷୟ ବେହେରାଙ୍କ ଝିଅ ବୁଲି ବେହେରା(୨୦)। ପାରିବାରିକ କଳହକୁ କେନ୍ଦ୍ର କରି ଶୁକ୍ରବାର ଘରେ କେହି ନ ଥିବା ସମୟରେ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିବା ପାଇଁ ଚେଷ୍ଟା କରିଥିଲେ। ତାଙ୍କୁ ଘରଲୋକ ବ୍ରହ୍ମଗିରି ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ଅଧିକ ଚିକିତ୍ସା ପାଇଁ ସେହିଦିନ ଭୁବନେଶ୍ୱର ସମ୍ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ସମୟରେ ରବିବାର ସକାଳେ ମୃତ୍ୟୁ ହୋଇଯାଇଛି। ତାଙ୍କ ମରଶରୀରକୁ ନିଜ ଗ୍ରାମ ଶୀତଳପଦା ଅଣାଯାଇଥିଲା।

## ଦୁଷ୍କର୍ମ ଉଦ୍ୟମ: ଅତିରିକ୍ତ ଅଗ୍ନିଶମ ଅଧିକାରୀ ଗିରଫ

ରାୟଗଡ଼ା,୨୦।୭(ସମିସ): ଏକ ଦୁଷ୍କର୍ମ ମାମଲାରେ ରାୟଗଡ଼ା ଦମକଳ କେନ୍ଦ୍ରର ଅତିରିକ୍ତ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କୁ ରାୟଗଡ଼ା ପୁଲିସ୍ ଗିରଫ କରିଛି। ଜଣେ ମହିଳାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୋଗ ଅନୁଯାୟୀ, ଦୁଇ ବର୍ଷ ହେଲା ଅତିରିକ୍ତ ଅଗ୍ନିଶମ ଅଧିକାରୀ ଶ୍ରୀ ବେହେରା ଜଣେ ବିବାହିତ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ ଏବଂ ପରେ ତାଙ୍କୁ ନିର୍ଯାତନା ଦେଇଥିଲେ। ମହିଳାଜଣଙ୍କ ଦୁଇଟି ସନ୍ତାନର ମାଆ। ତେବେ ପୂର୍ବରୁ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ଏନେଇ ମହିଳା ଜଣକ ରବିବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଡାକ୍ତରୀମାଇନା କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ପ୍ରସନ୍ନ କୁମାର ବେହେରା କହିଛନ୍ତି।

## ଟ୍ରେଲର-ବାଇକ୍ ଧକ୍କା; ୨ ମୃତ

ଡୁରୁମୁଙ୍ଗା/କରଞ୍ଜିଆ, ୨୦।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥର ସାହାରପଡ଼ା ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ଜଣ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ପାଟଣା ଥାନା ଜଗାନାଳି ଗ୍ରାମର ଅଣ୍ଡ ମୁଣ୍ଡା ଓ ସରୋଜ ମହାନ୍ତ। ଏକ ବାଇକ୍‌କୁ ଟ୍ରେଲର୍ ମୁହାଁମୁହିଁ



ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ସୂଚନାନୁଯାୟୀ, ଅଣ୍ଡ ଓ ସରୋଜ ଏକ ବାଇକ୍‌ରେ କୌଣସି କାମରେ ଯାଉଥିବା ବେଳେ ସାହାରାପଡ଼ା ପେଟ୍ରୋଲ ପମ୍ପ ନିକଟରେ ସେମାନଙ୍କୁ ଟ୍ରେଲର୍‌ଟି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଅଣ୍ଡଙ୍କ ମୃତ୍ୟୁ ଘଟିଥିବା ବେଳେ ସରୋଜଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ ବାହିନୀ କରଞ୍ଜିଆ ମେଡିକାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସାହାରପଡ଼ା ଫାଣ୍ଡି ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଅଟକ ରଖି ତଦନ୍ତ ଚଳାଇଛି।

# ଟାଟା ପାୱାର ପାଇଁ ବଢ଼ିଲା ଅଡୁଆ

## ସେବାର ମାନ ନେଇ ସାଧାରଣ ଲୋକଙ୍କଠାରୁ ମତାମତ ଲୋଡ଼ିଲେ କମିଶନ

ଭୁବନେଶ୍ୱର,୨୦।୭(ସମିସ): ରାଜ୍ୟରେ ବିଜୁଳି ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାରର ୪ଟି ବିତରକ କମ୍ପାନୀର ଅଡୁଆ ଆଗାମୀ ଦିନରେ ବଢ଼ିପାରେ। ଗତ ୧୫ ତାରିଖରେ ଓଇଆରସି(ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ)ରେ ବିତରକ କମ୍ପାନୀର ସେବାର ମାନକୁ ନେଇ ହୋଇଥିବା ଏକ ଶୁଣାଣିରେ ଏକ ଗୁରୁତ୍ୱପୂର୍ଣ୍ଣ ମଧ୍ୟବର୍ତ୍ତୀକାଳୀନ ରାୟ ଶୁଣାଇଛନ୍ତି କମିଶନ। ରାଜ୍ୟବ୍ୟାପୀ ଟାଟା ପାୱାରର ୪ ବିତରକ କମ୍ପାନୀ କିପରି ସେବା ପ୍ରଦାନ କରୁଛନ୍ତି ଏବଂ ଏହାର ମାନ କିପରି ରହିଛି ସେନେଇ କମିଶନ ସାଧାରଣ ଲୋକ, ସଂସ୍ଥା ଏବଂ ଅଂଶୀଦାରଙ୍କ ନିକଟରୁ ମତାମତ ଆହ୍ୱାନ କରିଛନ୍ତି। ଏନେଇ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ନୋଟିସ୍ ମଧ୍ୟ ଜାରି କରାଯାଇଛି। ଆସନ୍ତା ଅଗଷ୍ଟ ୧୬ ତାରିଖ ମଧ୍ୟରେ ଇଚ୍ଛୁକ ଲୋକ ନିଜର ମତାମତ ଦାଖଲ କରିପାରିବେ ବୋଲି କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ରାଜ୍ୟବ୍ୟାପୀ ଟାଟା ପାୱାରର ବିଦ୍ୟୁତ୍ ବିତରଣ ସେବାକୁ ନେଇ ବିଭିନ୍ନ ସମୟରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ କମିଶନଙ୍କ ଉପରୋକ୍ତ ରାୟ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ଯେ ରାଜ୍ୟର ବିଭିନ୍ନ ସ୍ଥାନରେ ଲୋ-ଭୋଲଟେଜ ସମସ୍ୟା, ବିଦ୍ୟୁତ୍ କାଟ୍, ଗ୍ରାହକଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ ପରି ଅଭିଯୋଗ ନିୟମିତ ଭାବେ କମିଶନଙ୍କ ହସ୍ତଗତ ହୋଇଥିଲା। ଏହାକୁ ଗୁରୁତର ଭାବେ ନେଇ ଓଇଆରସି ନିଜ ଆଡ଼ୁ ଏକ ମାମଲା ରୁଜୁ କରିଥିଲା। ଇଲେକ୍ଟ୍ରିସିଟି ଆକ୍ଟ, ୨୦୦୩ ସହ ଅନ୍ୟ କେତେକ ଆଇନର ଉଲ୍ଲଂଘନ ଆଧାରରେ ଏହି ମାମଲା ରୁଜୁ ହୋଇଥିବା ବେଳେ ଗତ ୧୫ ତାରିଖରେ ଏହାର ଶୁଣାଣି ମଧ୍ୟ ହୋଇଥିଲା। ଶୁଣାଣିରେ ମୋଟ ୮ଟି ଅଭିଯୋଗ ହୋଇଥିବା ବେଳେ ଟାଟା ପାୱାରର ୪ଟି ବିତରକ କମ୍ପାନୀ ଯଥା ଟିପିସିଓଡିଏଲ, ଟିପିଏନଓଡିଏଲ, ଟିପିଏସଓଡିଏଲ ଏବଂ ଟିପିଡବ୍ଲ୍ୟୁଡିଏଲ ନିଜ ନିଜର ଉତ୍ତର ରଖିଥିଲେ। ଶୁଣାଣି ପରେ ନିଜ ମଧ୍ୟବର୍ତ୍ତୀକାଳୀନ ରାୟରେ ସାଧାରଣ ଲୋକଙ୍କଠାରୁ ମତାମତ ଲୋଡ଼ିଛନ୍ତି ଆୟୋଗ। ଅଭିଯୋଗକାରୀ ନିଜ ଅଭିଯୋଗ ସହ ନିଜର ହ୍ୱାଟ୍ସଆପ୍ ନମ୍ବର, ଇମେଲ ଠିକଣା ପ୍ରଦାନ କରିବାକୁ ଏଥିରେ କୁହାଯାଇଛି। ଆସନ୍ତା ଅଗଷ୍ଟ ୨୯ ତାରିଖରେ ଓଇଆରସି କାର୍ଯ୍ୟାଳୟରେ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ସମସ୍ତ ଅଭିଯୋଗକାରୀଙ୍କୁ ଭିସି ଯୋଗେଁ ଯୋଡ଼ିହେବା ପାଇଁ ଲିଙ୍କ୍ ପଠାଯିବ।

ସୂଚନାଯୋଗ୍ୟ ଯେ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ୪ଟି ବିତରକ କମ୍ପାନୀର କାର୍ଯ୍ୟଦକ୍ଷତାକୁ ନେଇ ବିଭିନ୍ନ ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିଶେଷକରି ଲୋ-ଭୋଲ୍‌ଟେଜ୍, ଅଘୋଷିତ ବିଦ୍ୟୁତ୍ କାଟ୍, ସ୍ମାର୍ଟ ମିଟର ଏବଂ ଅତିରିକ୍ତ ଶୁଳ୍କ ଆଦାୟକୁ ନେଇ ଗ୍ରାହକମାନେ ଅଭିଯୋଗ କରି ଆସୁଛନ୍ତି। ବିଶେଷକରି କମ୍ପାନୀ ଇଲେକ୍ଟ୍ରିସିଟି ଆକ୍ଟ- ୨୦୦୩ର ଧାରା ୪୩ର ଉଲ୍ଲଂଘନ କରୁଥିବା ଓଇଆର୍‌ସି ନଜରକୁ ଆସିଛି। ଏନେଇ ମାଳମାଳ ଅଭିଯୋଗ ହସ୍ତଗତ ହେବା ପରେ କମିଶନ ଏହାକୁ ଗୁରୁତ୍ୱର ସହ ନେଇଥିବା ଜଣାପଡ଼ିଛି। କେବଳ କାର୍ଯ୍ୟଦକ୍ଷତା ନୁହେଁ; ନିକଟରେ ବିଦ୍ୟୁତ୍ ବିତରକ ଟ୍ରାନ୍ସଫର୍ମର ଏବଂ ଫିଡର୍ ଲାଇନ୍‌ଗୁଡ଼ିକର ମିଟରିଂକୁ ପ୍ରାଥମିକତା ଦେବାକୁ ଟାଟା ପାୱାରର ୪ଟି ଯାକ ବିତରକ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ଏକ୍ଷେତ୍ରରେ ଟାଟା ପାୱାରର ପ୍ରଦର୍ଶନକୁ ନେଇ କମିଶନ ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି।

ସକାଳ
THE SAKALA

# ସମ୍ପାଦକୀୟ



ଈଶ୍ୱର ଆରାଧନା ଅପେକ୍ଷା ସ୍ୱଧର୍ମ ନିୟମ ଅନୁପାଳନ କରିବା ଶ୍ରେୟସ୍କର।
-ଗୌତମ ବୁଦ୍ଧ

## ନାରକୀୟ ଧାରା

ବାଲେଶ୍ୱର ଏଫ୍ଏମ୍ କଲେଜ୍ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଓ ମୃତ୍ୟୁ ନିଆଁ ପ୍ରଶମିତ ହୋଇ ନଥିବା ବେଳେ ବଲଙ୍ଗାରେ ଜଣେ ନାବାଳିକାଙ୍କୁ ଦୁର୍ବୃତ୍ତମାନେ ଜିଅନ୍ତା ଜାଳି ହତ୍ୟା ଉଦ୍ୟମ କରିଛନ୍ତି। ପୀଡ଼ିତା ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅଛନ୍ତି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। କେତେ ଦିନ ପରେ ଅଭିଯୁକ୍ତ ଧରାପଡ଼ିବେ, କେବେ ଦୋଷୀ ସାବ୍ୟସ୍ତ ହେବେ, କି ଦଣ୍ଡବିଧାନ ହେବ, ରାଜ୍ୟ ରାଜନୀତି କେଉଁ ମୋଡ଼ ନେବ, ତାହା ଭିନ୍ନ କଥା। କିନ୍ତୁ ଲଗାତାର ନିଆଁ ଓ ଜୀବନ-ମୃତ୍ୟୁ ଭିତରେ ଆରମ୍ଭ ହୋଇଥିବା ଏହି ଅଭୂତପୂର୍ବ ନାରକୀୟ ଖେଳ ଶାନ୍ତିପ୍ରିୟ ଓଡ଼ିଶାକୁ ଯେ ଜାତୀୟସ୍ତରରେ ନିନ୍ଦିତ କରିଛି ଏହା ଲଜ୍ଜାର ସହିତ ସ୍ୱୀକାର କରିବାକୁ ପଡ଼ିବ। ଦୁର୍ଯୋଗବଶତଃ ଦୁଇଟିଯାକ ଘଟଣା ଶନିବାର ଦିନ ହିଁ ଘଟିଛି।

ଉପରୋକ୍ତ ଘଟଣାକୁ ରାଜନୀତି ବିଶାରଦମାନେ କେଉଁ ଦୃଷ୍ଟିରୁ ବିଶ୍ଳେଷଣ କରିବେ, କେଉଁ ନିଷ୍କର୍ଷରେ ପହଞ୍ଚିବେ ତାହା ଅନ୍ବେବହୁତ ବୁଝାପଡୁଛି। କିନ୍ତୁ ସମାଜବିଜ୍ଞାନୀଙ୍କ ମତରେ ଗୋପାଳପୁର ଗଣଦୁଷ୍କର୍ମ ଅଘଟଣରୁ ସଦ୍ୟତମ ବଲଙ୍ଗା ପର୍ଯ୍ୟନ୍ତ ଗତ ପ୍ରାୟ ଏକମାସର ଘଟଣାବଳୀକୁ ତର୍ଜମା କଲେ ରାଜ୍ୟରେ ସାମାଜିକ ମୂଲ୍ୟବୋଧର ଗୁରୁତର ଅବକ୍ଷୟ ଘଟିଚାଲିଛି। ଏହିସବୁ ଘଟଣାବଳୀକୁ ତର୍ଜମା କଲେ ଲାଗୁଛି ମଣିଷ ମାନବିକତା ହରାଇଛି ଏବଂ ଆଇନ, ବିଚାର, ଦଣ୍ଡବିଧାନ ପ୍ରତି ଭୟ ତା' ମନରୁ ଦୂରେଇ ଯାଇଛି। ଯଦି ଏହି ନାରକୀୟ ଧାରା ଜାରି ରହେ ତେବେ ଓଡ଼ିଶା ଖୁବ୍ ଶୀଘ୍ର ବିହାରର ଜଙ୍ଗଲୀରାଜ କିମ୍ବା ମଣିପୁର ହେବାକୁ ବେଶୀ ବିଳମ୍ବ ହେବ ନାହିଁ। ଯେତେବେଳେ ଜନତାଙ୍କ ମନରୁ ଆଇନ ଶୃଙ୍ଖଳାର ଭୟ ଦୂରେଇ ଯାଏ ସେତେବେଳେ ରାଜ୍ୟ କିମ୍ବା ଦେଶ ଅରାଜକତା ଦିଗକୁ ଯାଉଛି ବୋଲି ବୁଝାଯାଏ। ଓଡ଼ିଶା ପରିପ୍ରେକ୍ଷୀରେ ଏତେଶୀଘ୍ର କୌଣସି ନିଷ୍କର୍ଷରେ ପହଞ୍ଚିବା ଉଚିତ ନ ହେଲେ ମଧ୍ୟ ଅବଚେତନ ମନରେ ଏହି ଧାରଣାଟିଏ କ୍ରମଶଃ ଦୃଢ଼ୀଭୂତ ହେଉଛି।

ଅପରାଧର ଆୟୁଧ ଛୁରୀ, ଭୁଜାଲି, ଖଣ୍ଡା ଆଦିରୁ ବିଗତ ଶତାବ୍ଦୀର ଶେଷ ଦଶକରେ ଗୁଳିଗୋଳାର ରୂପ ନେଇ ଚଳିତ ଶତାବ୍ଦୀ ଆରମ୍ଭ ବେଳକୁ ଏସିଡ୍ ଆକ୍ରମଣରେ ପହଞ୍ଚିଥିଲା। ଏବେ କିନ୍ତୁ ବାଲେଶ୍ୱରରୁ ବଲଙ୍ଗା ପର୍ଯ୍ୟନ୍ତ ଘଟଣାକ୍ରମକୁ ଅନୁଶୀଳନ କଲେ ପେଟ୍ରୋଲ୍, କିରାସିନି ଆଦି ଦହନଶୀଳ ପଦାର୍ଥ ଅପରାଧର ନୂଆ ଆୟୁଧ ହୋଇଛି। ବୋଧହୁଏ ଅପରାଧୀ ଚାହୁଁଛି ତା' ଆଖିରେ ଶତ୍ରୁ ସାଜିଥିବା ବ୍ୟକ୍ତିଟିକୁ ସେ କେବଳ ହତ୍ୟା କରିବ ନାହିଁ, ବରଂ କଲବଲ କରି ହତ୍ୟା କରିବ। ହଠାତ୍ ଏ ପୈଶାଚିକ ମାନସିକତା ଜନ୍ମ ନେଲା କେଉଁଠୁ ଏବଂ କିପରି? ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏହାର ନିରାକରଣ ହେବ କେମିତି ଏବଂ କରିବ କିଏ? କେତେକ ମହଲର ମତ ଯେ ଏଭଳି ମାନସିକତାଧାରୀ ଦୁର୍ବୃତ୍ତଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଅପେକ୍ଷା ଏନ୍‌କାଉଣ୍ଟର ହତ୍ୟା ବା ଯେସାକୁ ତେସା ଭଳି ଦଣ୍ଡବିଧାନ ସର୍ବାଦୌ ଉଚିତ ବିକଳ୍ପ। ପୀଡ଼ିତ/ପୀଡ଼ିତାଙ୍କ ମଧ୍ୟ ସ୍ୱଚ୍ଛନ୍ଦରେ ସ୍ୱାଧୀନ ଭାବରେ ବଞ୍ଚିବାର ଅଧିକାର ଅଛି। ସେହି ଅଧିକାରର ଯିଏ ଯେଭଳି ହନନ କରୁଛି ତା'କୁ ସେଭଳି ଦଣ୍ଡିତ ନ କରିବା ପର୍ଯ୍ୟନ୍ତ ସମାଜର କଳୁଷିତ ମାନସିକତାରେ ସୁଧାର ଆସିବ ନାହିଁ। କିନ୍ତୁ ଏ ଦିଗରେ ପ୍ରତିବନ୍ଧକ ସାଜିଥିବା ବିଭିନ୍ନ ତଥାକଥିତ ସଂସ୍ଥାମାନେ ଏହା ହୃଦୟଙ୍ଗମ କରିବା ଦରକାର।

ବସ୍ତୁତଃ ଆଜି ଝିଅଟିଏ କିମ୍ବା ଯୁବତୀଟିଏ ଘରେ, ବାହାରେ, କାର୍ଯ୍ୟାଳୟରେ କେଉଁଠାରେ ମଧ୍ୟ ସୁରକ୍ଷିତ ନୁହେଁ। ଘରେ ପାରିବାରିକ ହିଂସା ବଢ଼ି ଚାଲୁଥିବା ବେଳେ କର୍ମକ୍ଷେତ୍ରରେ ଯୌନ ଓ ମାନସିକ ନିର୍ଯାତନା ଆଜିକାଲି ଏକ ସାଧାରଣ କଥା ହୋଇଗଲାଣି। ସବୁଠାରୁ ଉଦ୍‌ବେଗଜନକ ହୋଇଛି ମଣିଷ ଜୀବନରେ ଶିକ୍ଷା ଓ ଚାରିତ୍ରିକ ସଂସ୍କାରର ଭିତ୍ତି ଗଢୁଥିବା ପବିତ୍ର ଶିକ୍ଷାନୁଷ୍ଠାନମାନଙ୍କୁ ମଧ୍ୟ ଯୌନପିପାସା ସଂଚରି ଚାଲିଛି। ବାଲେଶ୍ୱର ଏଫ୍ଏମ୍ କଲେଜରେ ବିଭାଗୀୟ ମୁଖ୍ୟଙ୍କ ପରେ ସମ୍ବଲପୁର ଜିଏମ୍ କଲେଜ୍‌ର ଆଉ ଜଣେ ଅଧ୍ୟାପକଙ୍କ କଳାକାରନାମା ସାମ୍ନାକୁ ଆସିଛି। ସନ୍ଧ୍ୟା ୫.୩୦ ପରେ ଶିକ୍ଷାନୁଷ୍ଠାନ ପରିସରରେ କୌଣସି ମହିଳା ଅଧ୍ୟାପକ, ମହିଳା କର୍ମଚାରୀ କିମ୍ବା ଛାତ୍ରୀ ରହିପାରିବେ ନାହିଁ ବୋଲି ରାଜ୍ୟର ସ୍ୱନାମଧନ୍ୟ ରେଭେନ୍ସା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଦେଶନାମା ଜାରି(ବିରୋଧ ପରେ ପ୍ରତ୍ୟାହୃତ ହୋଇଛି) ପରେ ଶିକ୍ଷାନୁଷ୍ଠାନମାନଙ୍କରେ ଯେ ମହିଳା କିମ୍ବା ଛାତ୍ରୀ ସୁରକ୍ଷିତ ନୁହନ୍ତି ତାହା ଉପରେ ମୋହର ଲାଗିଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ ଏଭଳି ଘଟଣାମାନ ନିୟମିତ ଘଟିଚାଲିଛି, ଯାହା ଭିତରୁ କାଁ ଭାଁ ଗଣମାଧ୍ୟମରେ ପ୍ରକାଶ ପାଉଛି। ଏପରିକି ଅଧ୍ୟାପକ/ପ୍ରାଧ୍ୟାପକମାନଙ୍କ ମାନସିକ ନିର୍ଯାତନାକୁ ସହି ନ ପାରି ଏବଂ ସେମାନଙ୍କ ଯୌନଲାଳସାକୁ ଚରିତାର୍ଥ ନ କରିପାରି ଅନେକ ମେଧାବୀ ଛାତ୍ରୀ ଅଧାରୁ ପାଠ ପଢ଼ା ଓ ଗବେଷଣାରୁ ଓହରି ଯିବାକୁ ବାଧ୍ୟ ହୋଇଥିବାର ଉଦାହରଣ ମଧ୍ୟ ବହୁଳ। ଚାରିକାନ୍ଥ ଭିତରେ ଯେଉଁଠି ଝିଅଟିଏ ସୁରକ୍ଷିତ ନୁହେଁ, ରାସ୍ତାଘାଟରେ ସୁରକ୍ଷା ବିଷୟ ଉଠୁଛି କେଉଁଠୁ? ତେବେ କ'ଣ ସମାଜ ପୁଣି ସେହି ମଧ୍ୟଯୁଗୀୟ ସମୟକୁ ଫେରିଯିବାକୁ ବାଧ୍ୟ ହେବ ଯେଉଁଠାରେ ମହିଳାମାନଙ୍କୁ ଲୌହପରଦା ଆଢୁଆଳରେ ରହିବାକୁ ପଡୁଥିଲା?

ଏଫ୍ଏମ୍ କଲେଜ୍ ଓ ଜିଏମ୍ କଲେଜରେ ଯୌନ ନିର୍ଯାତନା ଘଟଣା ପଦାକୁ ଆସିବା ପରେ ଯାଇ ବୋଧହୁଏ ସରକାର ଚେତିଛନ୍ତି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଛାତ୍ରୀଙ୍କ ନିରାପତ୍ତା ଲାଗି 'ଶକ୍ତିଶ୍ରୀ' ନାମରେ ଏକ ଯୋଜନା ଘୋଷଣା କରିଛି। ଏହି ଯୋଜନା କେବଳ ଦନ୍ତହୀନ ବ୍ୟାଘ୍ର ହୋଇ ରହିଯିବ କି ପ୍ରଭାବଶାଳୀ ହେବ ତାହା ରୂପାୟନ ଓ ଅଭିଯୋଗ ପରବର୍ତ୍ତୀ ତତ୍କାଳ କଠୋର କାର୍ଯ୍ୟାନୁଷ୍ଠାନ ଉପରେ ନିର୍ଭର କରୁଛି। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ସରକାରଙ୍କ ନିଷ୍ଠାର ଅଭାବ ଯୋଗୁଁ କିଙ୍ଗ ଭଳି ଅମାନୁଷିକ କଳୁଷିତ ପରମ୍ପରା ଅନେକ କଠୋର କଟକଣା ସତ୍ତ୍ୱେ ପ୍ରାୟ ସବୁ ଶିକ୍ଷାନୁଷ୍ଠାନରେ ଜାରିରହିଛି। ତେଣୁ ଯୋଜନା ଅପେକ୍ଷା ରୂପାୟନ ହିଁ ଅଧିକ ଗୁରୁତ୍ୱ ରଖେ। ଆଶା ସରକାର ଏ ଦିଗଟିକୁ ଅଧିକ ଗୁରୁତ୍ୱ ଦେବେ।

ଯେତେବେଳେ ପ୍ରତିପତ୍ତି, ବାହୁବଳ ଓ ଅର୍ଥବଳ ଆଗରେ ସରକାରୀ ବ୍ୟବସ୍ଥା ଓ ଆଇନଶୃଙ୍ଖଳା ବିବଶ ହୋଇପଡ଼େ ସେତେବେଳେ ଜନଆକ୍ରୋଶ ଅତିକ୍ରିୟାର ରୂପ ନିଏ ଏବଂ 'ଗଙ୍ଗାଜଲ୍' ଭଳି ଚଳଚ୍ଚିତ୍ର କାହାଣୀର ଆଧାର ପାଲଟିଯାଏ। ଚଳଚ୍ଚିତ୍ରର କାହାଣୀ ଓ ବାସ୍ତବ ଜୀବନ ଭିତରେ ଆକାଶ ପାତାଳ ଫରକ୍ ଅଛି। କିନ୍ତୁ ଏହା ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ପରିସ୍ଥିତି ଚାପରେ ଆକାଶ-ପାତାଳର ଦୂରତ୍ୱ ହ୍ରାସ ଘଟିବାରେ ବିଳମ୍ବ ହେବ ନାହିଁ ଏବଂ ଚଳଚ୍ଚିତ୍ରର କାହାଣୀ ବାସ୍ତବତାରେ ରୂପାୟନ ହେବ ନାହିଁ।

## ଏକ କରୁଣ ଆତ୍ମାହୁତିର ଆହ୍ୱାନ

ସସ୍ମିତା କର

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କର ଦୁଃଖଦ ମୃତ୍ୟୁ ସମଗ୍ର ଓଡ଼ିଶାବାସୀଙ୍କୁ ବିଚଳିତ କରିଛି। ଆନ୍ଦୋଳିତ କରିଛି ଓଡ଼ିଶା ବାହାରେ ସଭ୍ୟ ମାନବସମାଜକୁ। ତିନିଦିନ ନ ପୂରୁଣୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଏକ ଛାତ୍ରୀଙ୍କ ଅଭିଯୋଗକ୍ରମେ ଶିକ୍ଷକଙ୍କର ଗିରଫଦାରୀ ଲଜ୍ଜିତ କରିଛି ସମାଜର ପଥପ୍ରଦର୍ଶକ, ପିଲାର ଭାଗ୍ୟନିର୍ମାତା ଗୁରୁସମ ଶିକ୍ଷକ ଗୋଷ୍ଠୀକୁ। ଏକ ଅନୁଧ୍ୟାନ କମିଟି ବସିବ, ଦୋଷୀକୁ କଠୋରରୁ କଠୋରତମ ଶାସ୍ତି ଦିଆଯିବାର ଧାରଣା ଜନମାନସରେ ସୃଷ୍ଟି କରାଯିବ। ଅବଶ୍ୟ ବର୍ତ୍ତମାନ ସୁଦ୍ଧା ଛାତ୍ରୀଙ୍କ ଅଭିଯୋଗ ଭିତ୍ତିରେ ତାଙ୍କୁ ଯୌନ ନିର୍ଯାତନା ଦେଉଥିବା ବିଭାଗୀୟ ମୁଖ୍ୟ ଏବଂ ସବୁ ଜାଣି ନୀରବ ରହିଥିବା ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯିବା ସହ ଗିରଫ କରାଯାଇଛି। ତେବେ ଏକ କୋମଳମତି ଛାତ୍ରୀର ଜୀବନ ପ୍ରଦୀପ ଲିଭିଯିବା ପରେ ଏଇସବୁ ଶାସ୍ତି କ'ଣ ଯଥେଷ୍ଟ ?

ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ବିଂଶ ଶତାବ୍ଦୀର ଷାଠିଏ ଦଶକରେ ଗଠିତ କୋଠାରୀ ଆୟୋଗ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ- ଭାରତର ଭାଗ୍ୟ ତା'ର ଶ୍ରେଣୀଗୃହରେ ନିର୍ମିତ ହୋଇଥାଏ (ଦି ଡେଷ୍ଟିନି ଅଫ ଇଣ୍ଡିଆ ଇଜ୍ ଶେପ୍ଡ୍ ଇନ୍ ଇଟ୍ସ କ୍ଲାସରୁମ୍। ଅର୍ଥାତ, ଶ୍ରେଣୀରେ ବସିଥିବା ଆଜିର ବିଦ୍ୟାର୍ଥୀ ଭବିଷ୍ୟତରେ ଦେଶର ଶାସନଡୋରି ହାତକୁ ନିଏ, ରାଷ୍ଟ୍ରର ଭାଗ୍ୟ ଲେଖେ। ସେହି ବିଦ୍ୟାର୍ଥୀଙ୍କୁ ସମସ୍ତ ମାନବୀୟ ମୂଲ୍ୟବୋଧରେ ପରିପୂର୍ଣ୍ଣ କରିବାର ଦାୟିତ୍ୱ ହେଉଛି ଶିକ୍ଷକଙ୍କର। ଅତଃ ପ୍ରକୃତ ଅର୍ଥରେ ଶିକ୍ଷକ ହେଉଛନ୍ତି ରାଷ୍ଟ୍ରର ତ୍ରାଣକର୍ତ୍ତା, ଭାଗ୍ୟବିଧାତା। କିନ୍ତୁ ଯଦି ପଥପ୍ରଦର୍ଶକ ସ୍ୱୟଂ ହୁଏ ପଥଭ୍ରଷ୍ଟ, ଯଦି ଭାଗ୍ୟବିଧାତା ନିଜେ କରେ ଦୁର୍ଭାଗ୍ୟପୂର୍ଣ୍ଣ ଆଚରଣ, ତେବେ କ'ଣ ହେବ ଏ ଦେଶର ଭାଗ୍ୟ !

ବି.ଏଡ଼.କରି ହୁଏତ ଗୌରବମୟ ଶିକ୍ଷକ ବୃତ୍ତି ଆପଣେଇବାକୁ ସ୍ୱପ୍ନ ଦେଖୁଥିବା ସୌମ୍ୟାଶ୍ରୀ ନାମକ କଢ଼ିଟିଏ ସେଇ ଶିକ୍ଷକଙ୍କର ଯୌନଲାଳସାରୁ ବର୍ତ୍ତିବାର ସମସ୍ତ ଆଶା ହରାଇବା ପରେ ଜାଳିଦେଲା ନିଜକୁ। ଝଡ଼ିଗଲା ଅର୍ଦ୍ଧପ୍ରସ୍ଫୁଟିତ ଫୁଲଟିଏ ଅକାଳରେ। ସୌମ୍ୟାଶ୍ରୀଙ୍କର ଏହି ବଳିଦାନ ଆମକୁ ଖାଲି ସାମୟିକ ଭାବେ ବ୍ୟଥିତ କଲେ ହେବ ନାହିଁ। ଏମିତି ଅନେକ ସ୍ଥାନରେ ଅନେକ ସୌମ୍ୟାଶ୍ରୀ ଅଛନ୍ତି, ଯେଉଁମାନେ ଭୟ କିମ୍ବା ଲୋକଲଜ୍ଜା କାରଣରୁ ମୁହଁ ଖୋଲି ପାରୁନାହାନ୍ତି। ଯେମିତି ୨୦୦୬ରେ ଆରମ୍ଭ ହୋଇ ୨୦୧୭ରୁ ବିଶେଷଭାବେ ଆଦୃତି ଲା ଭକରିଥିବା 'ମି ଠୁ ମୁଭମେଣ୍ଟ' ଯେଉଁଠି ଜଣେ ମୁହଁ ଖୋଲିବା ପରେ ଅଗଣିତ ମହିଳା ତାଙ୍କ ଉପରେ ହୋଇଥିବା ଯୌନ ଉତ୍ପୀଡ଼ନର କାହାଣୀକୁ ଲୋକଲୋଚନକୁ ଆଣିଥିଲେ। ତେବେ ସେଇ ୨୦୧୭ରେ ଏବିସି ନିଉଜ୍ ଏବଂ ଦି ୱାସିଂଟନ ପୋଷ୍ଟ ଦ୍ୱାରା କରାଯାଇଥିବା ସର୍ଭେ ୫୪ ପ୍ରତିଶତ ଆମେରିକୀୟ ମହିଳା ଅସ୍ୱାଭାବିକ ବା ଅନିଚ୍ଛାକୃତ ଯୌନ ଲାଳସାର ଶିକାର ହେଉଥିବା ବେଳେ ପ୍ରାୟ ୯୫ ପ୍ରତିଶତ ଦୋଷୀକୁ କୌଣସି ଦଣ୍ଡ ଦିଆଯାଉନଥିବାର ରିପୋର୍ଟ କରିଥିଲେ।

ଏହି ମାମଲାରେ ମଧ୍ୟ ସାହସ ଯୁଟାଇ ଛାତ୍ରୀଜଣକ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଥିଲେ ଯାହାକୁ ଅଣଦେଖା କରାଯାଇଛି। ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଶିକ୍ଷାର ପବିତ୍ର ସ୍ଥଳରେ ସେ ଅଧ୍ୟାପକ କାହିଁକି ଏମିତି ବିବେକଶୂନ୍ୟ କାମ କଲେ? କାହା ଚାପରେ ବା କେଉଁ ପରିସ୍ଥିତିରେ ପଡ଼ି ଅଧ୍ୟକ୍ଷ ଏମିତି ସ୍ପର୍ଶକାତର ଘଟଣାକୁ ଏଡ଼ାଇଗଲେ, ଯେଉଁଥିପାଇଁ ଅସହାୟ ଝିଅଟିଏ ବାପା ମା'ଙ୍କ କୋଳ ଖାଲି କରି ଚାଲିଗଲା ? ସେ କାଲିକୁ ହୁଏତ ଶହଶହ ପିଲାଙ୍କୁ ପାଠପଢ଼ାଇ ମଣିଷ କରିଥା'ନ୍ତା। ଘରସଂସାର ସମ୍ଭାଳିଥା'ନ୍ତା। କାହିଁ କେତେ ଯୁବାଙ୍କୁ ଦେଉଥା'ନ୍ତା ଆତ୍ମରକ୍ଷାର ତାଲିମ୍। କିନ୍ତୁ, ହାୟ ! ଆତ୍ମରକ୍ଷା ପ୍ରଶିକ୍ଷିକା ଜଣକ ଅକଥନୀୟ ନିର୍ଯାତନା ସହିନପାରି ଆତ୍ମାହୁତି ଦେଲା। ତା' ପରିବାରର ତଥା ସମାଜର ଏହି ଅପୂରଣୀୟ କ୍ଷତି କିଏ ଭରଣା କରିପାରିବ ?

ଆତ୍ମାହୁତି ଏକ ସହଜ କଥା ନୁହେଁ। ମନୋବିଜ୍ଞାନ କୁହେ ଅସହନୀୟ ମାନସିକ ଯନ୍ତ୍ରଣା ବହୁ ସମୟରେ ଆତ୍ମହତ୍ୟାକୁ ପ୍ରୋତ୍ସାହିତ କରିଥାଏ। ଅନ୍ୟକୁ ଆମେ ଯେତେ ସହଜରେ ବାଡ଼ାଉ ବା ଚିମୁଟିପାରୁ ନିଜକୁ ସେତେ ସହଜରେ କରିପାରୁନା। ବଞ୍ଚିବାର ସମସ୍ତ ବିକଳ୍ପ ବନ୍ଦ ହେବାପରେ ହିଁ ଜଣେ ଆତ୍ମହତ୍ୟା କଥା ଚିନ୍ତା କରେ। ତେଣୁ ଛାତ୍ରୀ ସୌମ୍ୟାଶ୍ରୀ କ୍ଷେତ୍ରରେ ମଧ୍ୟ ସେଇୟା ଘଟିଥିବା ଅନୁମାନ କରାଯାଏ। ନିଜ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ଅତ୍ୟାଚାରିତ ହେଲା ପରେ ସେ ଜଣାଇଛନ୍ତି ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ, ଗୁହାରି କରିଛନ୍ତି ଅନେକ ପଦାଧିକାରୀଙ୍କୁ। କେଉଁଠୁ କିଛି ସାହାଯ୍ୟ ସହଯୋଗ ନ ପାଇ ଆତ୍ମାହୁତି ପରି ଚରମ ନିଷ୍ପତ୍ତି ତାଙ୍କୁ ନେବାକୁ ପଡ଼ିଛି। ଶେଷରେ ଚିକିତ୍ସାଧୀନ ଅବସ୍ଥାରେ ଏମ୍ସ ପରିସରରେ ତାଙ୍କର ମୃତ୍ୟୁ ଘଟିଛି। ସେ ଚିର ବିଦାୟ ନେଇଛନ୍ତି ତାଙ୍କୁ ଘେରି ରହିଥିବା ଏକ କୁତ୍ସିତ ପରିବେଶରୁ। ଅନ୍ୟାୟ ବିରୁଦ୍ଧରେ ସାହସର ସହ ଲଢ଼ି ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି ମେଧାବୀ ଛାତ୍ରୀ ସୌମ୍ୟାଶ୍ରୀ।

ତାଙ୍କର ମୃତ୍ୟୁ ପରେ ସରକାରଙ୍କର ଚେତା ପଶିଚି। ଦୋଷୀକୁ ସାଲିସବିହୀନ ଦଣ୍ଡ ଦିଆଯିବ ବୋଲି ଘୋଷଣା କରାଯାଇଛି। ମୃତ୍ୟୁ ପୂର୍ବରୁ କାହିଁକି ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହ ନିଆଗଲା ନାହିଁ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ କମିଟି (ଇଂଟରନାଲ କମ୍ପ୍ଲେଟ ସେଲ, ଆଇସିସି) ଏଚ୍ଓଡିଙ୍କୁ ପଦରୁ ହଟାଇବା ପାଇଁ ସୁପାରିସ କରିଥିବା ବେଳେ ତାଙ୍କୁ ହଟାଇବାକୁ ତୁରନ୍ତ ପଦକ୍ଷେପ ନିଆଗଲା ନାହିଁ କାହିଁକି ?

ସୌମ୍ୟାଶ୍ରୀ ମୃତ୍ୟୁ ଘଟଣା ପରେ ରାତାରାତି ଉଚ୍ଚଶିକ୍ଷା ବିଭାଗ ଆଇସିସିର କାର୍ଯ୍ୟକାରିତା ସମ୍ବନ୍ଧରେ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କଠାରୁ ଚବିଶଘଣ୍ଟା ମଧ୍ୟରେ ରିପୋର୍ଟ ତଲବ କରିଛନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁ.ଜି.ସି.) ୨୦୧୫ରେ ଆଇସିସି ଉପରେ ଦେଇଥିବା ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଇସିସି ସଦସ୍ୟଙ୍କ ନାମ, ଫୋନ୍ ନମ୍ବର ଆଦି ତଥ୍ୟକୁ କ୍ୟାମ୍ପସର ପ୍ରମୁଖ ସ୍ଥାନମାନଙ୍କରେ ପ୍ରଦର୍ଶିତ କରାଯିବା ସହ ସମ୍ବନ୍ଧିତ ତଥ୍ୟ ହାୟର ଏଜୁକେସନ୍ ଆଣ୍ଡ ମ୍ୟାନେଜମେଣ୍ଟ ସିଷ୍ଟମ(ଏଚଇଏମଏସ୍) ପୋର୍ଟାଲରେ ଜିଓଟ୍ୟାଗ୍ଡ୍ ଫଟୋ ଅପଲୋଡ୍ କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ଆଇନ ୨୦୧୩ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ, କର୍ମଶାଳା ଆଦି ଆୟୋଜନ କରିବାକୁ ସମସ୍ତ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଛି। ଫ୍ୟାକ୍ଟ ଫାଇଣ୍ଡିଙ୍ଗ କମିଟି ଗଢ଼ି ସାତଦିନ ଭିତରେ ରିପୋର୍ଟ ଦେବାକୁ ୟୁଜିସି ଆଗ୍ରହ ପ୍ରକାଶ କରିଛି। ଛାତ୍ରୀଙ୍କ ପରିବାରକୁ ସରକାର ସହାୟତା ରାଶି ଘୋଷଣା କରିଛନ୍ତି। ଏ ସବୁ ନିଶ୍ଚିତଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି ଏ ସମସ୍ତ କ୍ରିୟାନୁଷ୍ଠାନ ମୁଖ୍ୟତଃ ଆରମ୍ଭ ହୋଇଛି ଛାତ୍ରୀଙ୍କର ମୃତ୍ୟୁ ପରେ। ଏଭଳି ତତ୍ପରତା ଆଗରୁ ପ୍ରକାଶ ପାଇଥିଲେ ହୁଏତ ଏ ଅଘଟଣକୁ ରୋକାଯାଇ ପାରିଥା'ନ୍ତା। ନିଜ କଲେଜ କ୍ୟାମ୍ପସରେ ଜଳିଯିବା ଆମ ସମଗ୍ର ଶିକ୍ଷା ବ୍ୟବସ୍ଥାପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁ ନାହିଁକି ?

ପୁନଶ୍ଚ, ନିଆଁ ଲାଗି ଜୀବନ ବିକଳରେ ଦୌଡୁଥିବା ବେଳେ ଏତେ ବଡ଼ ଅନୁଷ୍ଠାନର ଛାତ୍ରଛାତ୍ରୀ, କର୍ମଚାରୀଗଣ ଯଦି ନିଜର ସାର୍ଟ, ଓଢ଼ଣୀ ଆଦି ଘୋଡ଼ାଇ ଦେଇଥା'ନ୍ତେ ବା ବାଲି ମୁଠାଏ ମୁଠାଏ ଫିଙ୍ଗି ଦେଇଥା'ନ୍ତେ ତା'ହେଲେ ହୁଏତ ପରିସ୍ଥିତି ଆଜି ଭିନ୍ନ ହୋଇଥା'ନ୍ତା। କେବଳ ଜ୍ୟୋତିପ୍ରକାଶ କାହିଁକି? କେଉଁଠି ହଜିଗଲା ଆମ ସମସ୍ତଙ୍କର ନୈତିକତା? ଜଳିଯାଉଥିବା ଝିଅଟିକୁ ଅସହାୟ ଭାବେ ଦେଖିବା, ମାନବିକତାର ସମସ୍ତ ସୀମା ଉଲଂଘନ କରି ତା'ର ଭିଡିଓ ଉତ୍ତୋଳନ କରିବା, ଏଇୟା କ'ଣ ଗୋଟେ ପ୍ରଖ୍ୟାତ ଶିକ୍ଷାନୁଷ୍ଠାନର ମୂଲ୍ୟବୋଧ ?

ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଖାଲି ଏକ ଦୁର୍ଘଟଣା ବା ଦୁଃଖଦ ମୃତ୍ୟୁ ନୁହେଁ। ଅନ୍ୟାୟ ବିରୁଦ୍ଧରେ ଲଢ଼ିବାର ସାହସ ରଖୁଥିବା ଏକ ଛାତ୍ରୀର ବଳିଦାନ, ଯାହାର ଦୁଇ ତିନିଦିନ ନ ପୂରୁଣୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସେମିତି ଏକ ଘଟଣା ସାମ୍ନାକୁ ଆସିଛି। ସମ୍ପୃକ୍ତ ଅଧ୍ୟାପକ ଗିରଫ ହୋଇଛନ୍ତି। ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ହୁଏତ ଏହିପରି ଶୋଷିତ ଛାତ୍ରୀଙ୍କୁ ନିର୍ଭୀକ ହୋଇ ଆଗକୁ ଆସିବାକୁ ସାହସ ଯୋଗାଇବ।

ଶିକ୍ଷା ଅନୁଷ୍ଠାନ ହେଉଛି ଜୀବନ ନିର୍ମାଣର ପବିତ୍ର ଦେବାଳୟ। ସମସ୍ତ ଅନୁଷ୍ଠାନର କର୍ତ୍ତୃପକ୍ଷ, ଶିକ୍ଷକ, ବିଦ୍ୟାର୍ଥୀ ସମସ୍ତେ ଆତ୍ମସମୀକ୍ଷା କରି ନିଜକୁ ଦେଖନ୍ତୁ। କୌଣସି ସମସ୍ୟାରେ ଥିଲେ ବିଦ୍ୟାର୍ଥୀମାନେ ବିଚଳିତ ନ ହୋଇ ସେ ବିଷୟରେ ଅନ୍ୟଙ୍କୁ ଅବଗତ କରାନ୍ତୁ। ପିତାମାତା, ଶିକ୍ଷକ, ସାଙ୍ଗସାଥିର କିଏ ନା କିଏ ତ ସାହାଯ୍ୟ କରିବାକୁ ଆଗେଇ ଆସିବ। ସହଯୋଗର ହାତ ବଢ଼ାଇବ। ସୌମ୍ୟାଶ୍ରୀଙ୍କ ବଳିଦାନ ବ୍ୟର୍ଥ ନ ଯାଉ। ଆଉ କେଉଁ ଅମୂଲ୍ୟ ଜୀବନ ଅକାଳରେ ଝଡ଼ି ନ ଯାଉ।

ଭୁବନେଶ୍ୱର, ମୋ-୬୩୭୦୧୯୮୫୦୮

## ବାସ୍ତବତାର ଦର୍ପଣ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ସେହି ମୁହୂର୍ତ୍ତ ଗର୍ବିତ ଥିଲା ଯେତେବେଳେ ଚାନ୍ଦ୍ରାୟଣ-୩ ଚନ୍ଦ୍ରପୃଷ୍ଠରେ ଭାରତର ପତାକା ଉଡ଼ାଇ ବିଜ୍ଞାନର ନୂତନ ଶୀର୍ଷ ଛୁଇଁଥିଲା। ଠିକ୍ ସେହି ସମୟରେ ଭାରତର ଏକ ଗାଁରେ କିଛି ଲୋକ ଗୋଟିଏ ପରିବାରର ପାଞ୍ଚ ଜଣ ସଦସ୍ୟଙ୍କୁ ଡାହାଣୀ ଅଭିଯୋଗରେ ଜୀବନ୍ତ ଜାଳି ଦେଇଥିଲେ। ଏହି ଦୁଇଟି ଘଟଣା କୌଣସି କଳ୍ପନାର ନୁହେଁ ବରଂ ଆମ ସମୟ ଏବଂ ସମାଜର ଦୁଇଟି ପରସ୍ପର ବିରୋଧୀ ବାସ୍ତବତାର ଦର୍ପଣ। ଗୋଟିଏ ପଟେ ମହାକାଶରେ ବିଜୟ ଏବଂ ଅନ୍ୟପଟେ ଅନ୍ଧବିଶ୍ୱାସର ଚୁଲିରେ ଜଳୁଥିବା ମାନବତା। ବିହାରର ପୂର୍ଣ୍ଣିଆ ଜିଲ୍ଲାର ତେଟଗାମା ଗାଁରେ ତିନି ଜଣ ମହିଳା ଏବଂ ଦୁଇ ଜଣ ପୁରୁଷଙ୍କୁ ଡାହାଣୀ ସନ୍ଦେହରେ ପିଟି ପିଟି ସେମାନଙ୍କ ଉପରେ ପେଟ୍ରୋଲ ଢାଳି ଜୀବନ୍ତ ଜାଳି ଦିଆଯାଇଥିଲା। ପ୍ରାୟ ୧୫୦ ଜଣ ଏହି ଅମାନବୀୟ କାର୍ଯ୍ୟରେ ସାମିଲ ଥିଲେ। ଏହା କେବଳ ହତ୍ୟା ନଥିଲା ବରଂ ଆମର ସଂସ୍କୃତି ଏବଂ ସମ୍ବିଧାନ ଉଭୟରେ ଥିବା ସେହି ତାର୍କିକ ଚେତନାର ପରାଜୟ।

ଏହା କେବଳ ଗୋଟିଏ ଗାଁ କିମ୍ବା ରାଜ୍ୟର ସମସ୍ୟା ନୁହେଁ। ଓଡ଼ିଶାରେ ମଧ୍ୟ ଏଭଳି ଘଟଣା କମ୍ ନୁହେଁ। ଏହା ସେହି ଚିନ୍ତାଧାରାର ପ୍ରତିଫଳନ, ଯେଉଁଠାରେ ଆମେ ବିଜ୍ଞାନର ଦୀପ ନ ଜାଳି ଆଧୁନିକ ହେବାର ଭ୍ରମ ରଖିଥାଉ। ପ୍ରଯୁକ୍ତିବିଦ୍ୟା ପ୍ରଗତିରୁ ଲାଭ କେବଳ କିଛି ମହାନଗର ଏବଂ ଉଚ୍ଚବର୍ଗ ପର୍ଯ୍ୟନ୍ତ ସୀମିତ ରହିବ କି? ବୈଜ୍ଞାନିକ ଚିନ୍ତାଧାରା, ସମ୍ବେଦନଶୀଳତା ଏବଂ ମାନବାଧିକାର ପ୍ରତି ଚେତନା କ'ଣ ଗାଁ ପର୍ଯ୍ୟନ୍ତ ପହଞ୍ଚିଛି? ନା ଆଧୁନିକତା କେବଳ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସୁବିଧା ପର୍ଯ୍ୟନ୍ତ ସୀମିତ? ଏଭଳି ଘଟଣା କେବଳ ମାନବାଧିକାରର ଉଲ୍ଲଂଘନ ନୁହେଁ, ବରଂ ସମ୍ବିଧାନ ଏବଂ ଆଇନର ବିଫଳତା ମଧ୍ୟ। ଯେତେବେଳେ ସମଗ୍ର ଗାଁ ଏକ ଅମାନବୀୟ କାର୍ଯ୍ୟରେ ଜଡ଼ିତ ରହେ ଏବଂ ପୁଲିସ-ପ୍ରଶାସନ ନିଷ୍କ୍ରିୟ ହୁଏ, ସେତେବେଳେ ପ୍ରଶ୍ନ ଉଠେ ଗଣତନ୍ତ୍ରର ସ୍ତମ୍ଭ କେବଳ ନିର୍ବାଚନ ଏବଂ ଭାଷଣରେ ସୀମିତ କି? ପୁଲିସର ନିଷ୍କ୍ରିୟତା ଏବଂ ପ୍ରଶାସନର ଉଦାସୀନତା ଏହି ସମଗ୍ର ବ୍ୟବସ୍ଥା ପାଇଁ ଏକ ଗଭୀର ଆଘାତ। ଏହା ଦର୍ଶାଏ ଯେ ସାମ୍ବିଧାନିକ ଢାଞ୍ଚା ମଧ୍ୟରେ ଅନେକ ଫାଟ ଅଛି, ଯାହାକୁ ପୂରଣ କରିବାର ଦାୟିତ୍ୱ କେବଳ ସରକାରଙ୍କର ନୁହେଁ ବରଂ ସମଗ୍ର ସମାଜର।

ତର୍କ, ବିଜ୍ଞାନ ଏବଂ ଜ୍ଞାନ ଆମ ପୂର୍ବପୁରୁଷଙ୍କ ପରମ୍ପରାରେ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା। ଆର୍ଯ୍ୟଭଟ୍ଟ, ବରାହମିହିର, ଚରକ, ସୁଶ୍ରୁତ ଭଳି ନାମ କେବଳ ଐତିହାସିକ ନୁହେଁ, ବରଂ ଭାରତୀୟ ବୌଦ୍ଧିକ ପରମ୍ପରାର ମୂଳଦୁଆ। କିନ୍ତୁ ଆଜି କ'ଣ ସେମାନଙ୍କ ଚିନ୍ତାଧାରାର ଛାଇ ଆମ ଗାଁ ଏବଂ ସହର ପର୍ଯ୍ୟନ୍ତ ପହଞ୍ଚିଛି? ଯଦି ଜଣେ ମହିଳା ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେବା ପରିବର୍ତ୍ତେ ତାଙ୍କୁ ଡାହାଣୀ କହି ପୋଡ଼ି ଦିଆଯାଏ ତେବେ ଏହାର ଅର୍ଥ ହେଉଛି ଆମ ସମାଜ ଅତୀତର କୌଣସି ଏକ ଅନ୍ଧାର କୂଅରେ ପଡ଼ିରହିଛି। ଏହି ସମ୍ପୂର୍ଣ୍ଣ ଆଲୋଚନାରେ ଗଣମାଧ୍ୟମର ଭୂମିକା ମଧ୍ୟ ପରିସରକୁ ଆସେ। ଆଜିର ଗଣମାଧ୍ୟମ କେବଳ ଚାଞ୍ଚଲ୍ୟକର ସମ୍ବାଦ ପରିବେଷଣ ଉପରେ କେନ୍ଦ୍ରିତ। ଘଟଣାର ସମ୍ବେଦନଶୀଳତାକୁ ବୁଝିବା ପରିବର୍ତ୍ତେ ସେମାନେ ତାହାକୁ ଟିଆରପି ଦୌଡ଼ରେ ପରିଣତ କରନ୍ତି। ଅନ୍ଧବିଶ୍ୱାସ, ଅଜ୍ଞତା ଓ କପଟତାର ସମ୍ପୂର୍ଣ୍ଣ ବିନାଶ କରିବା ପାଇଁ ସେମାନେ କେବେ ଚେଷ୍ଟା କରିଛନ୍ତି କି? ସେମାନେ କେବଳ ଘଟଣାର କ୍ଲିପ୍ (ଭିଡିଓ) ତିଆରି କରନ୍ତି। ଭାବପ୍ରବଣତାକୁ ଉତ୍ତେଜିତ କରନ୍ତି। କିନ୍ତୁ କୌଣସି ଆଦର୍ଶଗତ ଆନ୍ଦୋଳନ ଆରମ୍ଭ କରନ୍ତି ନାହିଁ।

ଏପରି ଘଟଣାରେ ଉପସ୍ଥିତ ଜନତାଙ୍କ ସହିତ ଆହୁରି ଅଧିକ ଦାୟୀ ସେହି ଅନୁଷ୍ଠାନଗୁଡ଼ିକ, ଯେଉଁମାନେ ସମାଜକୁ ଦିଗଦର୍ଶନ ଦେବା ପାଇଁ ଉଦ୍ଦିଷ୍ଟ। ସେଗୁଡ଼ିକ ହେଲେ ଶିକ୍ଷାନୁଷ୍ଠାନ, ଧାର୍ମିକ ସଂଗଠନ, ପଞ୍ଚାୟତ ଓ ପ୍ରଶାସନିକ ବ୍ୟବସ୍ଥା। ଟିଭି ଚ୍ୟାନେଲଗୁଡ଼ିକ କେବଳ ଶାଶୂ-ବୋହୂ ନାଟକ ଦେଖାଇବା ପରିବର୍ତ୍ତେ 'ଯାଦୁମନ୍ତ୍ରବିଦ୍ୟା ବନ୍ଦ କର' ଭଳି ଅଭିଯାନକୁ ପ୍ରାଥମିକତା ଦେବା ଉଚିତ। ପ୍ରତି ମାସରେ ପଞ୍ଚାୟତରେ ତର୍କଭିତ୍ତିକ ଆଲୋଚନା ହେବା ଉଚିତ। ସ୍କୁଲଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ଚେତନାର ପାଠ ମଧ୍ୟ ପଢ଼ାଯିବା ଉଚିତ।

ସନାତନ ପରମ୍ପରାର ମୌଳିକ ଉପାଦାନଗୁଡ଼ିକ ହେଉଛି କରୁଣା ଓ ଜ୍ଞାନ। ସମାଜରେ ସନାତନର ସେହି ମୂଲ୍ୟବୋଧଗୁଡ଼ିକୁ ପୁନଃସ୍ଥାପିତ କରିବାକୁ ପଡ଼ିବ, ଯାହା ପ୍ରତ୍ୟେକ ଜୀବରେ ଆତ୍ମାକୁ ଦେଖାଏ। ଭାରତ ବୈଷୟିକ ଦକ୍ଷତାର ପ୍ରତୀକ ଚନ୍ଦ୍ରାୟଣ-୩ ଯେତେବେଳେ ଚନ୍ଦ୍ରରେ ଅବତରଣ କରେ ସେତେବେଳେ ଭାରତର ଆତ୍ମା ମଧ୍ୟ ଆକାଶକୁ ସ୍ପର୍ଶ କରିବାକୁ ଆକାଂକ୍ଷା ରଖେ। କିନ୍ତୁ ଯେତେବେଳେ ଜଣେ ମହିଳାଙ୍କୁ ଡାହାଣୀ ଅଭିଯୋଗରେ ଜୀବନ୍ତ ଜଳାଇ ଦିଆଯାଏ ସେହି ଆତ୍ମା ଚିତ୍କାର କରେ। ଏହା ଆମ ସମୟର ବିରୋଧାଭାସ। ଗୋଟିଏ ପଟେ ବିଜ୍ଞାନ ଅନ୍ୟପଟେ ଅନ୍ଧବିଶ୍ୱାସ। ଗୋଟିଏ ପଟେ ମହାକାଶରେ ସଫଳତା ଅନ୍ୟପଟେ ସାମାଜିକ ଅବକ୍ଷୟ। ଭାରତର ଭବିଷ୍ୟତ ସେତେବେଳେ ସୁରକ୍ଷିତ ହେବ, ଯେତେବେଳେ ବିଜ୍ଞାନ ଓ ଜ୍ଞାନର ଆଲୋକ ପ୍ରତ୍ୟେକ ଗାଁ, ଘର ଏବଂ ମନରେ ପହଞ୍ଚିବ। 'ତମସୋ ମା ଜ୍ୟୋତିର୍ଗମୟ' କେବଳ ଏକ ଶ୍ଳୋକ ହେବା ଉଚିତ୍ ନୁହେଁ। ଏହା ଏକ ସାମାଜିକ ଅଭିଯାନ ହେବା ଉଚିତ୍। ଅଜ୍ଞତାରୁ ଜ୍ଞାନ, ଅନ୍ଧାରରୁ ଆଲୋକ, ହିଂସାରୁ କରୁଣା।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଆମ ବୃକ୍ଷଲତା ଆମ ଜୀବନ

### ଦକ୍ଷିଣ କବାଟ

### ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଦକ୍ଷିଣ କବାଟ ଏକ ବଡ଼ ପର୍ଣ୍ଣମୋଚୀ ଗଛ, ଯାହା ଭାରତ ଓ ଶ୍ରୀଲଙ୍କାରେ ପ୍ରାୟ ସବୁଠାରେ ଦେଖାଯାଏ। ଏହା ଏକ ବହୁମୁଖୀ ବୃକ୍ଷ। ତେଣୁ ସାଧାରଣତଃ ସ୍ୱର୍ଗର ଉଦ୍ଭିଦ ଭାବରେ ଲୋକକଥା ରହିଛି। କିନ୍ତୁ ତାମିଲରେ ଏହାର ଅପ୍ରୀତିକର ଗନ୍ଧ ଯୋଗୁଁ ଏହାକୁ 'ପାଇ-ନାରି ମାରାମ' ବୋଲି କୁହାଯାଏ। ଏହା ସେହି ଅଞ୍ଚଳରେ ଭଲ ବଢ଼ିଥାଏ, ଯେଉଁଠାରେ ବାର୍ଷିକ ଦିନର ତାପମାତ୍ରା ୨୦ - ୪୦ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ଥାଏ, ତା'ଠାରୁ କମ୍ ବା ଅଧିକ ଉତ୍ତାପ ସହ୍ୟ କରିପାରେ ନାହିଁ। ସୀମା ଚିହ୍ନିତ କରିବା ଏବଂ ମୃତ୍ତିକା କ୍ଷୟକୁ ରୋକିବା ପାଇଁ 'ଦକ୍ଷିଣ କବାଟ' ଜମି ହିଡ଼ ଏବଂ ନଦୀର ଧାରରେ ଲଗାଯାଏ।

'ଦକ୍ଷିଣ କବାଟ' ପ୍ରାୟ ୧୫ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ଛାଲି ହାଲୁକା ଧୂସର-ବାଦାମୀ, ତନ୍ତୁମୟ କିମ୍ବା ଗ୍ରନ୍ଥଯୁକ୍ତ, ରୁକ୍ଷ, ଡାଳଗୁଡ଼ିକ ସ୍ଥାୟୀ ପତ୍ର ଦାଗ ସହିତ ଥାଏ। ଗଣ୍ଠିରୁ ଗୋଟିଏ ଲେଖା ପତ୍ର ବିକଳ୍ପ ଦିଗରେ ଉତ୍ପତ୍ତି ହୋଇଥାଏ। ୨୦-୮୦ ସେମି ଲମ୍ବ ବିଶିଷ୍ଟ ପତ୍ରଗୁଡ଼ିକର ଅଂଶର ଧାର ଅନିୟମିତ ଭାବରେ ଦନ୍ତଯୁକ୍ତ। ସବୁଜ-ହଳଦିଆ ରଙ୍ଗର ଫୁଲଗୁଡ଼ିକ ଏକଲିଙ୍ଗୀ, ଆୟତନରେ ଛୋଟ, ଅନେକ ଅକ୍ଷିରୀ କିମ୍ବା ଶେଷ ପ୍ୟାନିକେଲରେ ସଜ୍ଜିତ ଥାଏ, ଦୁର୍ଗନ୍ଧ ନିର୍ଗତ କରେ; ଫୁଲର ବାହ୍ୟ ଆବରଣ ବା ସେପାଲ୍ ୫ଟି ଏବଂ ପାଖୁଡ଼ା ୫ଟି ଲେଖା ଥାଏ। ଜାନୁଆରୀ-ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଫୁଲ ଫୁଟିଥାଏ ଏବଂ ଜୁଲାଇ ପର୍ଯ୍ୟନ୍ତ ଫଳ ଦେଇଥାଏ। ଫଳ ଏକବୀଜ ବିଶିଷ୍ଟ ସମାରା, ଚେପଟା, ୫ ସେମି ଲମ୍ବ।

ଆୟୁର୍ବେଦ, ଲୋକାଚାର ଏବଂ ସିଦ୍ଧ ପ୍ରଣାଳୀରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଉଦ୍ଭିଦ। ଗଛର ଅଠା ଓ ପତ୍ରରେ ପ୍ରାଥମିକତା ଭାବରେ ଆରୋଗ୍ୟ ଗୁଣ ଅଛି। ଗଛର ଛାଲ ତିକ୍ତ, ଆଣ୍ଟିସ୍ପାସ୍ମୋଡିକ୍, ଆଣ୍ଟିହେଲମିନ୍ଥକ, ଆଣ୍ଟିଆମୋଏବିକ୍, ଆଣ୍ଟିପ୍ଲାଜମୋଡିଆଲ୍, ଆଣ୍ଟି-ଇନ୍‌ଫ୍ଲାମେଟରୀ, ଆଣ୍ଟିଡାଇରିଆଲ୍, ଆଣ୍ଟିଫର୍ଟିଲିଟି, ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟିମାଇକ୍ରୋବାୟଲ୍, ଆଣ୍ଟିସେପ୍ଟୋରାଣ୍ଟ ଗୁଣରେ ଭରପୂର। ଛାଲି ଏକ ଜ୍ୱରକ ଭାବରେ କାର୍ଯ୍ୟ କରେ। ବୃକ୍ଷର ବିଭିନ୍ନ ଅଂଶକୁ ଶ୍ୱାସରୋଗ, ପତଳା ଝାଡ଼ା, ପ୍ରସବ ପରବର୍ତ୍ତୀ ଟନିକ୍ ଏବଂ ପରବର୍ତ୍ତୀ ଯନ୍ତ୍ରଣା ଉପଶମ, ମଳକଣ୍ଟକ, ଲ୍ୟୁକୋରିଆ ଆଦିର ଉପଚାରରେ ଫଳପ୍ରଦ ବ୍ୟବହାର କରାଯାଏ। ଏହା ଏକ ଲାର୍ଗାକ୍ଟିର, ଯାହା ସ୍କିଜୋଫ୍ରେନିଆ, ପାରାନୋଇଆ (ଭ୍ରମ ଏବଂ ଅତ୍ୟନ୍ତ ଚିନ୍ତିତ କିମ୍ବା ନର୍ଭସ ଅନୁଭବ କରିବା), ମାନିଆ (ଅତି ସକ୍ରିୟ ଆଚରଣ), ଚିନ୍ତା, ଉତ୍ତେଜନା ଏବଂ ବିପଜ୍ଜନକ ଭାବରେ ଆବେଗପୂର୍ଣ୍ଣ ଆଚରଣ ଆଦି ମାନସିକ ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଏହି ଗଛରେ ପ୍ରୋଟିନ୍, ଫ୍ୟାଟି ଏସିଡ୍ ଓ କାର୍ବୋହାଇଡ୍ରେଟ୍ ବ୍ୟତୀତ ଆଲକାଲଏଡ୍ ଓ ଫ୍ଲାଭୋନଏଡ୍ ଭଳି ଅନେକ ଫାଇଟୋକେମିକାଲ୍ ଥିବା ଜଣାଯାଏ। ଆଇଲାନ୍‌ଠଥଓନ୍, ଗ୍ଲୁକାରୁବିନୋନ୍ ଓ ଗ୍ଲୁକାରୁବୋଲ୍ ୧୫-ଆଇସୋଭାଲେରେଟ୍ ଏବଂ ଡିହାଇଡ୍ରୋଗ୍ଲୁକାରୁବୋଲ୍, ଆଇସୋଭାଲେରେଟ୍‌ର ମିଶ୍ରଣରେ ଭରପୂର ମୂଳ ଛାଲର ନିର୍ଯାସ ଟ୍ୟୁମର ଓ ସାଇଟୋଟକ୍ସିକ କାର୍ଯ୍ୟକଳାପ ପାଇଁ ଦାୟୀ ଯୌଗିକ ଭାବରେ ଦେଖାଯାଏ।

ବାୟୁମଣ୍ଡଳରେ ଝୁଲି ରହୁଥିବା ହାନିକାରକ ପିଏମ୍ କଣିକାକୁ ଧରି ରଖିବାରେ ଦକ୍ଷିଣ କବାଟ ସର୍ବୋତ୍ତମ ଦକ୍ଷ ବୃକ୍ଷ। ତେଣୁ ପ୍ରଦୂଷିତ ଅଞ୍ଚଳମାନଙ୍କରେ ଏହାକୁ ଲଗାଇବା ପାଇଁ ସୁପାରିସ କରାଯାଏ। ଫଳଟି ଖାଦ୍ୟ ଉପଯୋଗୀ ନୁହଁ। ତେଣୁ ଗୋରୁଗାଈ ଏହାକୁ ଖାଆନ୍ତି ନାହିଁ। କିନ୍ତୁ ସବୁଜ ସାର ପାଇଁ ଭଲ। ତେବେ ଏହାର ପତ୍ରଗୁଡ଼ିକ ଗାଈ, ଛେଳି, ମେଣ୍ଢା ଏବଂ ଓଟଙ୍କ ପାଇଁ ବିକଳ୍ପ ଖାଦ୍ୟ ଭାବରେ ବ୍ୟବହୃତ ହୁଏ। ଏହାର କାଠ ନରମ, ଦିଆସିଲି କାଠି ଏବଂ କାଠ ପ୍ୟାକେଜିଂ ବାକ୍ସ ଶିଳ୍ପ, ରାଜସ୍ଥାନୀ କଠଉ ଶିଳ୍ପ ଏବଂ କାଟାମାରାନ୍ (ଡଙ୍ଗା ଏବଂ ଜାହାଜରେ ବ୍ୟବହାର ଉପକରଣ) ନିର୍ମାଣ ପାଇଁ ବ୍ୟବହୃତ ହୁଏ। ଏହାକୁ ସୁରକ୍ଷିତ କୀଟନାଶକ ଭାବରେ ବିବେଚନା କରାଯାଇପାରିବ। ଏହାର ପରାଗରେ ଆଲର୍ଜେନିକ୍ ପ୍ରୋଟିନ୍ ମଧ୍ୟ ଥାଏ ଯାହା ବିଭିନ୍ନ ଶ୍ୱାସକ୍ରିୟା ରୋଗର କାରଣ ହୁଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଦୁଇ କାର୍ ମୁହାଁମୁହିଁ ଧକ୍କା; ୩ ମୃତ

ସୁନାବେଡ଼ା,୨୦।୭ (ସମିସ): ଶନିବାର ବିଳମ୍ବିତ ରାତିରେ ୨୬ ନମ୍ବର ଜାତୀୟ ରାଜପଥର ସୁନାବେଡ଼ା ଟିଟିଏସ୍ ଫାଟକ ସମ୍ମୁଖରେ ଦୁଇଟି କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣଙ୍କ ମୃତ୍ୟୁ ହୋଇଛି । ଅନ୍ୟ ଦୁଇଜଣ ଗୁରୁତର ହୋଇ ବିଶାଖାପାଟଣାରେ ଚିକିତ୍ସିତ ହେଉଛନ୍ତି । ମୃତକମାନେ ହେଲେ, ସୁନାବେଡ଼ା ଏଇଏଫ୍ କଲୋନୀର ଆଶୁତୋଷ ରଣା (୨୪), ସୁନାବେଡ଼ା ଡିପି କ୍ୟାମ୍ପର ଦିବ୍ୟରଞ୍ଜନ ପାତ୍ର (୨୪) ଏବଂ ଗଞ୍ଜାମ କଲୋନୀର ବିକାଶ କୁମାର ପାତ୍ର (୨୫) ।



ସୂଚନାନୁସାରେ, ଶନିବାର ରାତିରେ ଏକ ଧଳା ରଙ୍ଗର ଟାଟା ସଫାରୀ କାର୍ କୋରାପୁଟରୁ ଦାମନଯୋଡ଼ି ଯାଉଥିବା ବେଳେ ସୁନାବେଡ଼ା ଟିଟିଏସ ମୁଖ୍ୟଗେଟ୍ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ନୀଳ ରଙ୍ଗର କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ଆଶୁତୋଷଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ସୁନାବେଡ଼ା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଗୁରୁତର ୫ଜଣଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦିବ୍ୟରଞ୍ଜନ ଓ ବିକାଶଙ୍କର ମୃତ୍ୟୁ ହୋଇଥିଲା । ଗୁରୁତର ଆହତ ଗଞ୍ଜାମ କଲୋନୀର ମୋହନ ହରିଜନଙ୍କ ପୁଅ କୈଳାସ ହରିଜନ (୩୦) ଏବଂ ଅନ୍ୟ ଜଣକୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି । ଉଭୟେ ଆପୋଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି । ସବ୍-ଇନ୍ସପେକ୍ଟର୍ ଚରଣ ସିଂ ମାଝୀ ଘଟଣାର ତଦନ୍ତ କରୁଛନ୍ତି । ବ୍ୟବଚ୍ଛେଦ ପରେ ମୃତଦେହଗୁଡ଼ିକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୁନାବେଡ଼ା ଥାନା ଅଧିକାରୀ ସୁଷମା କହଁର ସୂଚନା ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଧାନସଭାରେ ଗେମ୍ ଖେଳିଲେ...

ବସି ମୋବାଇଲ ଗେମ୍ ଖେଳୁଛନ୍ତି । ଏହା ସବୁଠୁ ଘୃଣ୍ୟ କାମ । ସେ ଏହି ପ୍ରସଙ୍ଗରେ ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି । ଏନସିପି (ଏସପି) ବିଧାୟକ ରୋହିତ ପାୱାର କହିଛନ୍ତି ଯେ ରାଜ୍ୟରେ ଚାଷୀ ଆତ୍ମହତ୍ୟା କରୁଥିବାବେଳେ ସରକାର ଶୋଇଛନ୍ତି । ଫସଲ ବୀମା ସମସ୍ୟା ହେଉ କି ରଣଛାଡ଼ କିମ୍ବା ଫସଲର ଉଚିତ ଦାମ ଦେବାକୁ ସରକାର ଧ୍ୟାନ ଦେଉନାହାନ୍ତି । କିନ୍ତୁ ସଦନରେ ଗେମ୍ ଖେଳିବାକୁ ମନ୍ତ୍ରୀଙ୍କ ପାଖରେ ସମୟ ଅଛି । କ୍ଷମତାସୀନ ଲୋକ ବିଜେପି ଅନୁମତି ବିନା କୌଣସି ନିଷ୍ପତ୍ତି ନେଇ ପାରୁନାହାନ୍ତି । ମନ୍ତ୍ରୀମାନେ ଚାଷୀଙ୍କ ଦୁଃଖ କେବେ ଶୁଣିବେ?

### ଓଡ଼ିଶା, ବିହାର...

ଆତ୍ମଦାହ ଏବଂ ବଳଙ୍ଗାରେ ନାବାଳିକାକୁ ଦୁର୍ବୃତ୍ତ ଜିଅନ୍ତା ଜାଳିଦେବା ଘଟଣା ନେଇ ଓଡ଼ିଶା ଅଶାନ୍ତ ହୋଇପଡ଼ିଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଥିଲେ ଯେ ନିୟମ ଓ ପରମ୍ପରା ଅନୁଯାୟୀ ସରକାର ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବା ସହିତ ଉତ୍ତର ଦେବାକୁ ବି ପ୍ରସ୍ତୁତ ଅଛନ୍ତି । ଶୃଙ୍ଖଳିତ ଗୃହ ପରିଚାଳନାରେ ସେ ବିରୋଧୀଙ୍କ ସହଯୋଗ ଲୋଡ଼ିବା ସହିତ ସରକାର ଓ ବିରୋଧୀ ଦଳ ମଧ୍ୟରେ ଉପଯୁକ୍ତ ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ । ସେ କହିଲେ ଯେ କେବଳ ପହଲଗାମ ଓ ଅପରେସନ ସିନ୍ଦୂର ନୁହେଁ, ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଧ୍ୟ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି । କିନ୍ତୁ ଏହା ନିୟମ ଓ ପରଂପରା ଅନୁଯାୟୀ ହିଁ ହେବ । ବିହାର ଓ ଟ୍ରମ୍ପ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦୀ ନିଜେ ସଂସଦରେ ଉପସ୍ଥିତ ରହି ଉତ୍ତର ଦିଅନ୍ତୁ ବୋଲି ବିରୋଧୀଙ୍କ ଦାବି ସଂପର୍କରେ ସେ କହିଲେ ଯେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ଉପସ୍ଥିତ ରୁହନ୍ତି । ମନ୍ତ୍ରୀ ଆହୁରି କହିଲେ ଯେ ଘରୁ ନଗଦ ଟଙ୍କା ଜବତ ମାମଲାରେ ହାଇକୋର୍ଟ ବିଚାରପତି ଜଷ୍ଟିସ ଯଶବନ୍ତ ବର୍ମାଙ୍କୁ ବହିଷ୍କାର କରିବା ଲାଗି ଚଳିତ ଅଧିବେଶନରେ ମହାଭିଯୋଗ ପ୍ରସ୍ତାବ ଅଣାଯିବ । ଏହି ପ୍ରସଙ୍ଗରେ ସବୁ ଦଳ ଏକମତ ଅଛନ୍ତି । ମହାଭିଯୋଗ ପାଇଁ ଶହେରୁ ଅଧିକ ସାଂସଦ ପ୍ରସ୍ତାବରେ ଦସ୍ତଖତ କରିସାରିଲେଣି । ଏହି ଅଧିବେଶନରେ ୧୭ଟି ବିଲ୍ ଆଗତ କରାଯିବ । ଆଜିର ସର୍ବଦଳୀୟ ବୈଠକରେ ୫୧ଟି ରାଜନୈତିକ ଦଳର ୫୪ ସଭ୍ୟ ଉପସ୍ଥିତ ଥିଲେ ବୋଲି ସେ କହିଛନ୍ତି ।

### ଡିଏଫ୍ଓ ନା...

କୋର୍ଟରୁ ଅନୁମତି ଆଣି ଆଜି ଭିଜିଲାନ୍ସ ଚଢଉ କରିଛି ।

ଭିଜିଲାନ୍ସ ଠାବ କରିଥିବା ୧୧୫ଟି ପ୍ଲଟ୍ ମଧ୍ୟରୁ ୫୩ ପ୍ଲଟ୍ ତାଙ୍କ ନାମରେ ଥିବା ବେଳେ ୪୨ଟି ପ୍ଲଟ୍ ତାଙ୍କ ପତ୍ନୀ ନାମରେ ରହିଛି । ୧୬ଟି ପ୍ଲଟ୍ ତାଙ୍କର ଦୁଇ ପୁଅଙ୍କ ନାମରେ ଏବଂ ୪ଟି ପ୍ଲଟ୍ ତାଙ୍କ ଝିଅ ନାମରେ ରହିଛି । ସବୁ ପ୍ଲଟ୍‌କୁ ଅନୁଗୋଳ ଜିଲ୍ଲା ଛେଣ୍ଡିପଦାରେ କିଣିଛନ୍ତି ଡିଏଫ୍ଓ ନିତ୍ୟାନନ୍ଦ । ଅନୁଗୁଳରେ ବାବୁଙ୍କର ଗୋଟିଏ ୪ତାଲା ବହୁତଳ କୋଠା ଠାବ କରାଯାଇଛି । ୧୯୯୨ରେ ରେଞ୍ଜ ଅଫିସର ଭାବେ ସରକାରୀ ଚାକିରି ଆରମ୍ଭ କରିବା ପରଠାରୁ ୨୦୨୪ ମଧ୍ୟରେ ନିତ୍ୟାନନ୍ଦ ଏହି ସବୁ ପ୍ଲଟ୍ କିଣିଛନ୍ତି । ଛେଣ୍ଡିପଦାରେ ୧୯୯୨ରୁ ୨୦୦୬ରେ ରେଞ୍ଜର ଥିବା ବେଳେ ସେ ୨ଟି ପ୍ଲଟ୍ କିଣିଥିଲେ । ୨୦୦୭ରୁ ୨୦୧୫ରେ ନୂଆପଡ଼ା ଡିଭିଜନରେ ରେଞ୍ଜର ଅଫିସର ଥିବା ବେଳେ ୬୪ଟି ପ୍ଲଟ୍ କିଣିଥିଲେ । ୨୦୧୫ରୁ ୨୦୨୨ରେ ରାୟଗଡ଼ା ଫରେଷ୍ଟ ଡିଭିଜନରେ ସହକାରୀ ବନ ସଂରକ୍ଷକ ଥିବା ବେଳେ ୩୯ଟି ପ୍ଲଟ୍ କରିଥିଲେ । ୨୦୨୨ରୁ ୨୦୨୪ରେ ଭୁବନେଶ୍ୱର ପିସିସିଏଫ ଅଫିସରେ ଉପ ବନ ସଂରକ୍ଷକ ଥିବା ବେଳେ ୮ଟି ପ୍ଲଟ୍ କିଣିଛନ୍ତି । ଆହୁରି ମଧ୍ୟ ୨୦୨୪ ଜାନୁୟାରୀ ୨୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ସେ ୨ଟି ପ୍ଲଟ୍ କିଣିଥିବା ଭିଜିଲାନ୍ସ ତଦନ୍ତରୁ ଜାଣିବାକୁ ପାଇଛି । ଠାବ ହୋଇଥିବା ଜମିର ମୂଲ୍ୟ ୨.୫କୋଟି ହେବ ବୋଲି ଭିଜିଲାନ୍ସ କହିଛି । ଏହି ଜମିର ସଠିକ୍‌ମୂଲ୍ୟ ପାଇଁ ଭିଜିଲାନ୍ସର ଟେକ୍ନିକାଲ ଟିମ୍ ଆକଳନ କରୁଛନ୍ତି ।

ତାଙ୍କ ଘରୁ ଚଢଉ ସମୟରେ ୧.୫୫ ଲକ୍ଷ ଟଙ୍କା ଜବତ କରାଯାଇଥିବା ବେଳେ ୨୦୦ ଗ୍ରାମ ସୁନା ଅଳଙ୍କାର ଠାବ ହୋଇଛି । ଅନୁଗୋଳର ତୁରଙ୍ଗରେ ଡିଏଫଓଙ୍କ ନାମରେ ଏକ ଚାରି ମହଲା କୋଠା ଅଛି । ପ୍ରାୟ ୯୦୦୦ ବର୍ଗଫୁଟ୍ ଅଞ୍ଚଳରେ ଏହି କୋଠାଟି ତିଆରି ହୋଇଛି । ବଡ଼ କଥା ହେଲା ଚଢଉ ସମୟରେ ଘରେ ଶାଗୁଆନ କାଠରେ ବିଭିନ୍ନ ଠାକୁରଙ୍କ ମୂର୍ତ୍ତି ମିଳିଛି । ଖଟ ଠାରୁ ଆରମ୍ଭ କରି ଘରର କବାଟ, ଚେୟାର, ଘର ଭିତରେ ଏକ ଖମ୍ବ ମଧ୍ୟ ଦାମୀ ଶାଗୁଆନ୍ ଠାକରେ ନିର୍ମିତ ହୋଇଛି । ହାତୀ ମୂର୍ତ୍ତି ପଞ୍ଚମୁଖୀ ହନୁମାନ, ଗଣେଶ, ରାଧା କୃଷ୍ଣ ଭଳି ଏକାଧିକ ଭଗବାନଙ୍କ ସୁନ୍ଦର ମୂର୍ତ୍ତି ଏହି ଶାଗୁଆନ କାଠରେ ନିର୍ମିତ ହୋଇଥିବା ଦେଖିବାକୁ ମିଳିଛି । ଆହୁରି ମଧ୍ୟ ଘରୁ ଭିତରେ ଏକ ଛୋଟ ଅସ୍ତ୍ରାଗାର କରିଥିଲେ । ସେଥିରେ ଏକ ଦେଶୀ ବନ୍ଧୁକ, ଧନୁତୀର, ଫାର୍ସା, କୁରାଢ଼ି, ଟାଙ୍ଗିଆ ଆଦି ରଖିଥିଲେ । ଶିକାରୀଙ୍କ ଠାରୁ ଜବତ ହୋଇଥିବା ଏହି ଅସ୍ତ୍ରକୁ ନିତ୍ୟାନନ୍ଦ ଘରକୁ ଆଣି ସାଇତ ରଖୁଥିଲେ । ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟ ଏବଂ ଇନ୍ସ୍ୟୁରାନ୍ସରେ କେତେ ଟଙ୍କା ରହିଛି ତାହାକୁ ଭିଜିଲାନ୍ସ ଟିମ୍ ଛନ୍‌ଭିନ୍ କରୁଛି । ଦୁଇଟି ଚାରି ଚକିଆ ଏବଂ ୪ଟି ବାଇକ୍ ରହିଛି । ୧୫ଲକ୍ଷ ଟଙ୍କାର ଘରର ବିଭିନ୍ନ ଆସବାବପତ୍ର ରହିଛି । ଠାବ କରାଯାଇଥିବା ସମ୍ପତ୍ତିର ହିସାବ ମାଗିଥିଲେ ମଧ୍ୟ ଡିଏଫ୍ଓ ଦେଇ ପାରିନଥିଲେ । ଭିଜିଲାନ୍ସ ଏନେଇ ଏକ ମାମଲା ରୁଜୁ କରି ତାଙ୍କୁ ଅଟକ ରଖି ପଚରାଉଚରା କରୁଛି ।

### କଲେଜରେ ଅଧ୍ୟାପିକାଙ୍କୁ ...

ଗୁରୁଡ଼ିଝାଟିଆସ୍ଥିତ ଧବଳେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ସମ୍ପୃକ୍ତ କଲେଜର ଅଧ୍ୟାପିକାଙ୍କୁ ଅସ୍ୱାଭାବିକ ଭାବରେ ସ୍ପର୍ଶ କରିବାକୁ ବାରମ୍ବାର ଉଦ୍ୟମ କରିଛନ୍ତି । ତାଙ୍କର ଆଚରଣରେ ସେ ଆପତ୍ତି କରିବା ପରେ ଅଧ୍ୟକ୍ଷ ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ନିର୍ଯାତନା ଦେଇଛନ୍ତି । ଏ ସମ୍ପର୍କରେ ସମ୍ପୃକ୍ତ ଅଧ୍ୟକ୍ଷା ଜିଲ୍ଲା ପ୍ରଶାସନ ଓ ଉଚ୍ଚଶିକ୍ଷା ବିଭାଗ ନିକଟରେ ମଧ୍ୟ ଅଭିଯୋଗ କରିଥିବା କୁହାଯାଇଛି । ମାତ୍ର ଘଟଣା ସମ୍ପର୍କରେ କଲେଜ ଅଧ୍ୟକ୍ଷ ବା ପୁଲିସର ପ୍ରତିକ୍ରିୟା ଜଣାପଡ଼ିନାହିଁ ।

### ଭଞ୍ଜନଗରରୁ ଧରାପଡ଼ିଲା...

କୈଳାସ ପ୍ରଥମେ ନରହରିକୁ ଆକ୍ରମଣ କରିଥିଲେ । କୈଳାସ ଶୋଇବାକୁ ଯିବାବେଳେ ନରହରି ଦାଣ୍ଡ ଘରୁ ସିମେଣ୍ଟ ଇଟା ଆଣିଥିଲା । ସେହି ଇଟାରେ କୈଳାସଙ୍କ ମୁହଁକୁ ଆକ୍ରମଣ କରିଥିଲେ । ସେ ନିଦରୁ ଉଠି ପଡ଼ି ନେହୁରା ହୋଇଥିଲେ ମଧ୍ୟ ନରହରି କିଛି ଶୁଣିନଥିଲା । ଇଟା ଭାଙ୍ଗିବା ପର୍ଯ୍ୟନ୍ତ କୈଳାସ ମୁହଁକୁ ଆକ୍ରମଣ କରି ଚାଲିଥିଲା ।

କୈଳାସ ଅଚେତ ହୋଇଯିବା ପରେ ନରହରି ଫେରାର ହେବାକୁ ଯୋଜନା କରିଥିଲା । ଗାଡ଼ି ନଥିବାରୁ ପଡ଼ୋଶୀ ଘରେ ଭଡ଼ା ରହୁଥିବା କଟକ ଜିଲ୍ଲା କମରପଦାର ହିମାଂଶୁ ପ୍ରଧାନଙ୍କ ଗାଡ଼ି ଚୋରି କରି ଫେରାର ହୋଇ ଯାଇଥିଲ । ଶୁକ୍ରବାର ସକାଳୁ ପୁଅର ରକ୍ତାକ୍ତ ମୃତଦେହ ଦେଖି ବେବିନା ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା । ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିବା ସହିତ ମୃତଦେହ ବ୍ୟବଚ୍ଛେଦ କରିଥିଲା । ଘଟଣା ଦିନ ରାତିରେ କୈଳାସ ସହିତ ନରହରି ଥିବାରୁ ପୁଲିସ ତା'କୁ ସନ୍ଦେହ କରିଥିଲା । ତା' ବିଷୟରେ ତଥ୍ୟ ସଂଗ୍ରହ କରିବା ସହିତ ଗୋଟିଏ ଟିମ୍ ଗଠନ କରିଥିଲା । ପୁଲିସର ସ୍ୱତନ୍ତ୍ର ଟିମ୍ ପ୍ରଥମେ ଭଞ୍ଜନଗର ଥାନା ସହାୟତାରେ ତୁଳସୀପଲ୍ଲୀରେ ଚଢ଼ଉ କରି ନରହରିକୁ ଗିରଫ କରିଥିଲା । ପୁଲିସ ଘଟଣାସ୍ଥଳରୁ ରକ୍ତ ଭିଜା ଇଟା ଜବତ କରିଥିବାବେଳେ ତା' ଠାରୁ ହିମାଂଶୁଙ୍କ ବାଇକ୍ ସମେତ ଦୁଇଟି ଗାଡ଼ି ଓ ଘଟଣା ଦିନ ପିନ୍ଧିଥିବା ଡ୍ରେସ୍ ଜବତ କରିଥିଲା । ଆଜି ନରହରିକୁ କୋର୍ଟ ଚାଲାଣ କରିଛି ।

### ସନ୍ଦେହରେ ବୋର୍ଡ...

ବିପଦର ଆଶଙ୍କା କରି ବୋଡର୍ କର୍ତ୍ତୃପକ୍ଷ ରାତିଅଧିଆ ପରୀକ୍ଷା ବାତିଲ୍ କରିଛନ୍ତି ବୋଲି ପରୀକ୍ଷାର୍ଥୀ ଏବଂ ଅଭିଭାବକ ମହଲ ଅଭିଯୋଗ କରୁଛନ୍ତି ।

ସୂଚନା ଅନୁସାରେ, ସଂପ୍ରତି ବିଦ୍ୟାଳୟରେ ଶିକ୍ଷକତା କରୁଥିବା ୭୫ ହଜାର ୪୦୩ ଜଣ ପରୀକ୍ଷାର୍ଥୀ ନିୟମିତ ହେବା ପାଇଁ ସ୍ୱତନ୍ତ୍ର ଓଟିଇଟି ଦେବାକୁ ଫର୍ମପୂରଣ କରିଥିଲେ । ଏଥିପାଇଁ ବୋଡର୍ ପକ୍ଷରୁ ୧୯୩ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଥିଲା । ଆଜି (ରବିବାର) ସକାଳ ୯ଟାରେ ପରୀକ୍ଷା ହେବାର ଥିଲା । ହେଲେ ଶନିବାର ଅପରାହ୍ଣରୁ ଏକ ହାତଲେଖା ପ୍ରଶ୍ନପତ୍ର ଭାଇରାଲ୍ ହୋଇଥିଲା । ହ୍ୱାଟସ୍‌ଆପ୍‌ରେ ଘୂରି ବୁଲୁଥିବା ପ୍ରଶ୍ନପତ୍ର ଫେସ୍‌ବୁକ୍‌ରେ ଭାଇରାଲ୍ ହେବାପରେ ମଧ୍ୟରାତ୍ରିରେ ପରୀକ୍ଷାରକୁ ବାତିଲ୍ କରାଗଲା । ଭାଇରାଲ୍ ଅଭିଯୋଗ ପରେ ପରୀକ୍ଷାକୁ ବାତିଲ୍ କରିବା ଫଳରେ ମୂଳ ପ୍ରଶ୍ନପତ୍ରସହ ଭାଇରାଲ୍ ହେଉଥିବା ପ୍ରଶ୍ନପତ୍ରର ସାମଞ୍ଜସ୍ୟ ଥିବା ସ୍ପଷ୍ଟ ହୋଇଛି । ଅପରପକ୍ଷରେ ପ୍ରଶ୍ନପତ୍ର ଭାଇରାଲ୍ କିପରି ଓ କେଉଁଠୁ ହେଲା ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପରୀକ୍ଷା କେନ୍ଦ୍ରକୁ ପଠାଯାଇଥିବା ପ୍ରଶ୍ନପତ୍ରର ସିଲ୍ ଖୋଲାଯାଇଛି ନା ପ୍ରଶ୍ନପତ୍ର ପ୍ରସ୍ତୁତି ବେଳେ ହିଁ ଏହାର ନକଲ କରାଯାଇଥିଲା, ତାହା ଦ୍ୱନ୍ଦ୍ୱ ବଢ଼ାଇଛି । ଏପରି ସ୍ଥିତିରେ ବୋର୍ଡ କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ରବିବାର ପରୀକ୍ଷା ଦେବାକୁ ଯାଇ ହଟହଟା ହୋଇ ଫେରିଛନ୍ତି ପ୍ରାୟ ୭୫ ହଜାର ପରୀକ୍ଷାର୍ଥୀ । କିଛି ପରୀକ୍ଷାର୍ଥୀ ଗତକାଲି ଏବଂ ଆଉ କିଛି ଆଜି ଭୋର୍ ପରୀକ୍ଷାକେନ୍ଦ୍ରକୁ ବାହାରିଥିଲେ । ହେଲେ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ତାଲା ପଡ଼ିଥିବା ଦେଖିବା ପରେ ପରୀକ୍ଷା ବାତିଲ୍ ହୋଇଥିବା ଜାଣିଲେ । କିଛି ପରୀକ୍ଷା କେନ୍ଦ୍ରରୁ ଫେରିଥିବାବେଳେ ଆଉ କିଛି ଅଧାବାଟରୁ ଫେରିଛନ୍ତି । ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ପରିଚାଳନା ଉପରେ ପରୀକ୍ଷାର୍ଥୀମାନେ ପ୍ରଶ୍ନ କରିବା ସହ ନିରପେକ୍ଷତା ଓ ଗୋପନୀୟତା ଉପରେ ପ୍ରଶ୍ନ ଉଠାଇଛନ୍ତି । ପରୀକ୍ଷା ଦେବାକୁ ଥିବା ଶିକ୍ଷକଶିକ୍ଷୟତ୍ରୀଙ୍କ କହିବା କଥା, ପରୀକ୍ଷା ବାବଦକୁ ଗୋଟିଏ ପେପର୍ ପାଇଁ ୯୦୦ ଓ ଦୁଇଟି ପେପର୍ ପାଇଁ ୧୪୦୦ଟଙ୍କା ଲେଖାଏଁ ଆବେଦନ ଫି' ନିଆଯାଇଥିଲା । ଏତେ ଟଙ୍କା ଆବେଦନ ଫି' ନେବା ପରେ ମଧ୍ୟ ପରୀକ୍ଷା ପରିଚାଳନା କରିବାରେ ବୋର୍ଡ ବିଫଳ ହୋଇଛି । ପ୍ରଶ୍ନପତ୍ର ଭାଇରାଲ୍ ପଛରେ ବୋର୍ଡ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ଭୂମିକା ରହିଥିବା ଅଭିଯୋଗ ହୋଇଛି ।

ଅନ୍ୟପକ୍ଷରେ, ପ୍ରଶ୍ନପତ୍ର ପ୍ରଘଟକୁ ନେଇ ଆସନ୍ତାକାଲି ଅର୍ଥାତ୍ ସୋମବାର ବିଜୁ ଯୁବ ଛାତ୍ର ଜନତା ଦଳ (ବିସିଜେଡି) କଟକ ପକ୍ଷରୁ ବୋର୍ଡ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ବିଧାୟକ ତଥା ବିସିଜେଡି ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି । ସେହିପରି 'ଷ୍ଟୁଡେଣ୍ଟ ଏଗେନ୍‌ଷ୍ଟ କରପ୍‌ସନ୍'ର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ ପ୍ରଶ୍ନପତ୍ର ସିଲ୍ ଖୋଲା ହୋଇ ନ ଥିବାବେଳେ ଭାଇରାଲ୍ ପ୍ରଶ୍ନପତ୍ର ତା' ସହ ସମାନ ବୋଲି କର୍ତ୍ତୃପକ୍ଷ ଜାଣିଲେ କିପରି? ତେଣୁ ସେମାନଙ୍କ ଜାଣତରେ ପ୍ରଶ୍ନପତ୍ର ବିକ୍ରି ହୋଇଛି । ରାଜ୍ୟରେ ପ୍ରଶ୍ନପତ୍ର ବିକ୍ରି ଏକ ଶିଳ୍ପ ହୋଇଥିବାବେଳେ ସେହି ଶିଳ୍ପପତିଙ୍କୁ ସରକାର ସୁରକ୍ଷା ଦେଉଛନ୍ତି । ଏଣୁ ବାରମ୍ବାର ପ୍ରଶ୍ନପତ୍ର ବିଭ୍ରାଟ ହେଉଛି । ଅପରପକ୍ଷରେ ସିଲ୍‌ଡ ପ୍ରଶ୍ନପତ୍ର ଆସନ୍ତାକାଲି ଅର୍ଥାତ୍ ୨୧ ତାରଖ ସୁଦ୍ଧା ବୋର୍ଡ ମୁଖ୍ୟାଳୟରେ ଦାଖଲ କରିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଘଟଣାରେ ବରିଷ୍ଠ ଅଧିକାରୀମାନେ ମୁହଁ ଖୋଲୁ ନ ଥିବାବେଳେ ନିଜ ନାମ ଗୋପନ ରଖି ଜଣେ ଅଧିକାରୀ କହିଛନ୍ତି ଯେ ସମସ୍ତ ପ୍ୟାକେଟ୍‌ର ସିଲ୍ ଯାଞ୍ଚ ହେବ । କେଉଁଠାରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଛି ତା'ର ମଧ୍ୟ ତଦନ୍ତ କରାଯିବ ।

### ମହିଳା କାଉଡ଼ିଆଙ୍କୁ...

ଦେଇ ହେଉନାହିଁ । ନଦୀରୁ ପାଣି ଉଠାଇବା ସମୟରେ ମହିଳା କାଉଡ଼ିଆମାନେ ଏକାଠି ହୋଇ ଚାଲିଥାନ୍ତି; କିନ୍ତୁ କିଛି ବାଟ ଚାଲିବା ପରେ ଅନେକ ପଛକୁ ପଛ ରହିଯାଆନ୍ତି । ବିଶେଷ କରି କମ୍ ବୟସର ଝିଅମାନେ ଚାଲିବା ବେଳେ ଅସୁବିଧାର ସମ୍ମୁଖୀନ ହୋଇ ପଛକୁ ରହି ଯାଉଥିବା ଦେଖାଯାଉଛି । ରାସ୍ତାରେ ପୁଲିସ ପାଟ୍ରୋଲିଂ ନଥିବାରୁ ସେମାନେ ସହଜରେ ଅପରାଧୀଙ୍କ ଶିକାର ହେବାର ଆଶଙ୍କା ସୃଷ୍ଟି ହୋଇଛି । ସବୁ ବର୍ଷ ମହିଳା କାଉଡ଼ିଆଙ୍କ ପାଇଁ ପୁଲିସ ପକ୍ଷରୁ ପୁଲିସ ବନ୍ଦୋବସ୍ତ କରାଯାଏ; କିନ୍ତୁ ଚଳିତ ବର୍ଷ କାଉଡ଼ିଆଙ୍କ ପାଇଁ ପୁଲିସ ବନ୍ଦୋବସ୍ତ କରାଯାଇ ନାହିଁ । ଯାହାକୁ ନେଇ ଅନେକ ମହିଳା କାଉଡ଼ିଆ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କେବଳ ମହିଳାମାନେ ନୁହନ୍ତି, ଅନ୍ୟ ପୁରୁଷ କାଉଡ଼ିଆମାନେ ମଧ୍ୟ ଅପରାଧୀଙ୍କ ଶିକାର ହେବାର ଆଶଙ୍କା ରହିଛି । ଅନେକ କାଉଡ଼ିଆ ନିଜ ଆବଶ୍ୟକତା ପାଇଁ ସାଥୀରେ ମୋବାଇଲ ଏବଂ ଟଙ୍କା ନେଇ ଆସିଥାଆନ୍ତି । ସେମାନେ ରାତିରେ ଆଶ୍ରୟ ନେଉଥିବା ସ୍ଥାନରେ ଚୋରିର ଶିକାର ହେଉଥିବା ଅଭିଯୋଗ ହୋଇ ଆସୁଛି । ଯେଉଁଠି ସବୁ କାଉଡ଼ିଆ ରହିବା କ୍ୟାମ୍ପ ହୋଇଛି ସେଠାରେ ମଧ୍ୟ ପୁଲିସ ସୁରକ୍ଷା ନାହିଁ । ଅନ୍ୟ ରାଜ୍ୟରେ କାଉଡ଼ିଆଙ୍କ ସୁରକ୍ଷା ପାଇଁ ପୁଲିସ ପାଟ୍ରୋଲିଂ ସହ ବାଇକ୍ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି । ମାତ୍ର ଚଳିତ ବର୍ଷ ପୁଲିସ ଅନ୍ୟ ମାମଲାରେ ବ୍ୟସ୍ତ ରହି କାଉଡ଼ିଆଙ୍କ ସୁରକ୍ଷାକୁ ଭୁଲି ଯାଇଛି । ରାସ୍ତାରେ ଚାଲି ଚାଲି ଯିବାବେଳେ କାଉଡ଼ିଆମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ଓ କିଛି କାଉଡ଼ିଆ ନଦୀରୁ ପାଣି ଆଣିବା ବେଳେ ମଧ୍ୟ ବୁଡ଼ି ଯାଉଥିବାର ନଜିର ରହିଛି । କିନ୍ତୁ ପୁଲିସର ସୁରକ୍ଷା ବ୍ୟବସ୍ଥା ନଥିବାରୁ କାଉଡ଼ିଆଙ୍କ ଜୀବନ ଏବେ ବିପଦରେ ପଡ଼ିଛି ।

## ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ସ୍ଥଗିତ ଘଟଣା

# ତ୍ରୁଟିଶୂନ୍ୟ ପରୀକ୍ଷା କରିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

- ୧୨ ମାସରେ ୧୨ ଥର ପ୍ରଶ୍ନପତ୍ର ପ୍ରଘଟ ପାଇଁ ପରୀକ୍ଷା ବାତିଲ୍
- ବିଜେପି ସରକାରରେ ଭୁଲ୍ ପ୍ରଶ୍ନପତ୍ର ବଣ୍ଟନ ନିୟମିତ ବ୍ୟାପାର

ଭୁବନେଶ୍ୱର,୨୦।୭ (ସମିସ): ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗ ନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ସ୍ଥଗିତ ରହିଛି । ଏହି ପରୀକ୍ଷା ସ୍ଥଗିତ ହେବା ପରେ ରାଜ୍ୟ ସରକାରଙ୍କ ଉପରେ ବିଜେଡି ବର୍ଷିଛି । ରାଜ୍ୟ ସରକାରଙ୍କ ଅପାରଗତା ଓ ବାରମ୍ବାର ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ନେଇ ସରକାରଙ୍କ ପାରିବାପଣିଆ ଉପରେ ଦଳ ପ୍ରଶ୍ନ ଉଠାଇଛି । ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସଂନ୍ତୃପ୍ତ ମିଶ୍ର ଏକ୍ସ ଯୋଗେ ପୋଷ୍ଟ କରି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି । ଶ୍ରୀ ମିଶ୍ର ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ ଓଟିଇଟି ପରୀକ୍ଷା ସ୍ଥଗିତ ରଖିବା ରାଜ୍ୟ ସରକାରଙ୍କ ଆଉ ଏକ ପ୍ରଶାସନିକ ବିଫଳତା । ସ୍ଲୋଗାନ, ଯୋଜନା, ଫଳକ, ସଭା ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ନୁହେଁ; ପ୍ରଦର୍ଶନ ହେଉଛି ଶାସନର ଏକମାତ୍ର ପ୍ରମାଣ ବୋଲି ସେ କହିଛନ୍ତି ।

ସେହିପରି ଏହି ପ୍ରସଙ୍ଗରେ ଶଙ୍ଖ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି ମଧ୍ୟ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି । ସେ କହିଛନ୍ତି ଯେ ରାଜ୍ୟ ବିଜେପି ସରକାର ସୁଶାସନର ଡିଣ୍ଡିମ ପିଟୁଥିବା ବେଳେ ଗୋଟିଏ ସାଧାରଣ ପରୀକ୍ଷା ସୁରୁଖୁରୁରେ କରାଇବାରେ ସକ୍ଷମ ହୋଇପାରୁ ନାହାନ୍ତି । ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଗଲା ବୋଲି କୁହାଯାଉଥିଲେ ମଧ୍ୟ ପ୍ରକୃତରେ ପ୍ରଶ୍ନପତ୍ରକୁ ବିକ୍ରି କରାଯାଇଛି ବୋଲି ଡଃ ମହାନ୍ତି ଅଭିଯୋଗ କରିଛନ୍ତି । ଏହି ପ୍ରଶ୍ନପତ୍ର ପ୍ରଘଟ ବା ପ୍ରଶ୍ନପତ୍ର ବିକ୍ରି ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଏଥିରେ ପରୀକ୍ଷା ଦେବାକୁ ଥିବା ପ୍ରାୟ ୭୫ ହଜାର ଶିକ୍ଷକ ହତାଶ ହୋଇଛନ୍ତି । ଗତ ଏକ ବର୍ଷର ବିଜେପି ଶାସନରେ ଏଭଳି ଅନେକ ପରୀକ୍ଷା ବାତିଲ ହୋଇଛି ଓ ସୁଶାସନ ଦାବି କରି କ୍ଷମତାକୁ ଆସିଥିବା ରାଜ୍ୟ ବିଜେପି ସରକାର ପରୀକ୍ଷାଟିଏ ସୁରୁଖୁରୁରେ ଆୟୋଜିତ କରିବାରେ ସକ୍ଷମ ହୋଇନାହାନ୍ତି । ଗତ ଏକ ବର୍ଷ ଭିତରେ, ରାଜ୍ୟରେ ପ୍ରାୟ ୧୨ଟି ପରୀକ୍ଷାକୁ ବିଭିନ୍ନ କାରଣରୁ ଘୁଞ୍ଚାଯାଇଛି । କେଉଁଠି ପ୍ରଶ୍ନପତ୍ର ପ୍ରଘଟ, କେଉଁଠି ଭୁଲ୍ ପ୍ରଶ୍ନପତ୍ର ବଣ୍ଟନ ଯୋଗୁଁ ପରୀକ୍ଷା ଘୁଞ୍ଚାଯାଉଛି । ତ୍ରୁଟିଶୂନ୍ୟ ଭାବେ ପରୀକ୍ଷାଟିଏ କରାଇବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଡଃ ମହାନ୍ତି କହିଛନ୍ତି ।

ଏହାଛଡ଼ା, ଏଭଳି ପ୍ରଶ୍ନପତ୍ର ପ୍ରଘଟ କାର୍ଯ୍ୟରେ ସମ୍ପୃକ୍ତ ଥିବା ଲୋକଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବାର ବ୍ୟବସ୍ଥା ଓଡ଼ିଶା ପବ୍ଲିକ ସର୍ଭିସ ପରୀକ୍ଷା ବିଲ୍ ୨୦୨୪ରେ କରାଯାଇଛି । ଏହି ବିଲ୍ ଅନୁଯାୟୀ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜେଲ୍ ଦଣ୍ଡ ସହ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ରହିଛି । ବିଜେପି ସରକାରରେ ପ୍ରଶ୍ନପତ୍ର ପ୍ରଘଟ ଘଟଣା ଏକ ନିୟମିତ ବ୍ୟାପାର ହୋଇଥିଲେ ମଧ୍ୟ ଏହି ଆଇନ ଅନୁଯାୟୀ କୌଣସି ବ୍ୟକ୍ତି ଦଣ୍ଡିତ ହୋଇନାହାନ୍ତି । ଏହି ଆଇନକୁ କାର୍ଯ୍ୟକାରୀ ନ କରିବା ସରକାର ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇବା ସଦୃଶ୍ୟ ହୋଇଛି ବୋଲି ଡଃ ମହାନ୍ତି କହିଛନ୍ତି ।

- ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ ଘଟଣା

# କଲେଜରେ କ୍ରାଇମବ୍ରାଞ୍ଚ ଡିଜିଙ୍କ ତଦନ୍ତ

ବାଲେଶ୍ୱର, ୨୦।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ୩ଟି ତଦନ୍ତକାରୀ ଟିମ୍ କଲେଜରେ ଖୋଳତାଡ଼ କରିଛନ୍ତି । ଉଚ୍ଚଶିକ୍ଷା ବିଭାଗ, ୟୁଜିସି ଏବଂ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ବିଭିନ୍ନ ଦିଗରୁ ତଦନ୍ତ ଚାଲୁ ରହିଛି । ଏହି ପରିପ୍ରେକ୍ଷୀରେ ରବିବାର କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଫକୀରମୋହନ କଲେଜରେ ପହଞ୍ଚି ପାଖାପାଖି ୩ଘଣ୍ଟା ଧରି ତଦନ୍ତ କରିଥିଲେ ।

ପରେ ଆଇଜିଙ୍କ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି, ଘଟଣାର ତଦନ୍ତ ସମୟରେ ଅନେକ ସାମଗ୍ରୀ ହସ୍ତଗତ ହୋଇଛି । ସେସବୁକୁ ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାରକୁ ପଠାଯାଇଛି । କ୍ରାଇମବ୍ରାଞ୍ଚ ଆଇଜି ଏସ୍. ସାଇନିଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଜାରି ରହିଛି । ତଦନ୍ତ ସମୟରେ ଆସିଥିବା ବୟାନ ଏବଂ ଏସଏଫଏସଏଲ୍ ରିପୋର୍ଟକୁ ତର୍ଜମା କରାଯାଉଛି । ଏହି ମାମଲାରେ ସାକ୍ଷୀଙ୍କ ସଂଖ୍ୟା ଅଧିକ ରହିଛି । ଗତ ୩୦ ତାରିଖରେ ଯେତେବେଳେ ପୀଡ଼ିତାଜଣକ ଅଭିଯୋଗ କରିଥିଲେ, ସେତେବେଳେ କଲେଜ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ । ସୌମ୍ୟାଶ୍ରୀଙ୍କ ସପକ୍ଷରେ ଆଇସିସି ତଦନ୍ତ ରିପୋର୍ଟ ନଆସିବାରୁ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିଲେ । ଘଟଣାରେ ଜଡ଼ିତ ପ୍ରତ୍ୟେକ ଲୋକଙ୍କ ବୟାନ ରେକର୍ଡ କ୍ରାଇମବ୍ରାଞ୍ଚ କରୁଛି । ପୀଡ଼ିତାଙ୍କ ପରିବାର, ହଷ୍ଟେଲ ଅନ୍ତେବାସୀ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟ ବୟାନ ରେକର୍ଡ କରାଯାଉଛି । କଲେଜର ସିସିଟିଭି ଫୁଟେଜ ସଂଗ୍ରହ କରାଯାଇଛି ।

# ୫ମ ଶ୍ରେଣୀ ଛାତ୍ରୀଙ୍କୁ ଦୁଷ୍କର୍ମ; ଦୋକାନୀ ଗିରଫ

ସାକ୍ଷୀଗୋପାଳ, ୨୦।୭ (ସମିସ): ଗତ ଶନିବାର ସତ୍ୟବାଦୀ ଥାନା ଅନ୍ତର୍ଗତ ଏକ ଗ୍ରାମରେ ଏକ ଲଜ୍ଜାଜନକ ଘଟଣା ଘଟିଛି । ଜଣେ ପଞ୍ଚମ ଶ୍ରେଣୀ ଛାତ୍ରୀକୁ ଉକ୍ତ ଗ୍ରାମର ୫୩ ବର୍ଷୀୟ ବ୍ୟକ୍ତି ଦୁଷ୍କର୍ମ କରିଥିବା ସଙ୍ଗିନ ଅଭିଯୋଗ ହୋଇଛି । ଏନେଇ ସତ୍ୟବାଦୀ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି । ଶନିବାର ଦିନ ପ୍ରାୟ ୧୨ଟାରେ ଜଣେ ୫ମ ଶ୍ରେଣୀ ଛାତ୍ରୀ(୧୦) ରୋଷେଇ ନିମନ୍ତେ ମସଲା ଆଣିବାକୁ ନିକଟସ୍ଥ ଦୋକାନକୁ ଯାଇଥିଲା । ୫୩ବର୍ଷ ବୟସ୍କ ଦୋକାନୀଜଣଙ୍କ ନାବାଳିକାକୁ କୌଶଳ କ୍ରମେ ୨ ପ୍ୟାକେଟ୍ କୁର୍‌କୁରେ ଦେଇ ଦୋକାନ ଭିତରକୁ ଡାକି ନେଇ ଦୁଷ୍କର୍ମ କରିଥିଲେ । ନାବାଳିକାଜଣଙ୍କ ଘରକୁ ଯାଇ ଏ ସମ୍ପର୍କରେ ତାଙ୍କ ମାଆଙ୍କୁ ଜଣାଇଥିଲା । ପୀଡ଼ିତା ନାବାଳିକାର ମାଆ ରବିବାର ଏ ସମ୍ପର୍କରେ ସତ୍ୟବାଦୀ ଥାନାରେ ଅଭିଯୋଗ କରିଛନ୍ତି । ସତ୍ୟବାଦୀ ପୁଲିସ୍ ସଦଳବଳେ ଚଢ଼ଉ କରି ସମ୍ପୃକ୍ତ ଦୋକାନୀଙ୍କୁ ଗିରଫ କରିଛନ୍ତି । ଗିରଫ ପରେ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଥିଲା । ସତ୍ୟବାଦୀ ପୁଲିସ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରିଛି ।


**AFFIDAVIT**

By virtue of an affidavit before the Notary Public, Jeypore, Koraput. I NABANEETA PANDA, W/o Subrat Kumar Panda, resident of K B S D Road, Near Jagannath Temple, Po/PS - Jeypore, Dt- Koraput, Odisha -764001 declare by this Affidavit No.564, Dated - 20/07/2025,that now onwards I shall be known as **NABANITA PANDA** for all future purpose.

**AFFIDAVIT**

By virtue of an affidavit before the Notary Public, Jeypore, Koraput. I, PAILU JAGADISHWAR, S/o PAILU NEELAKANTHA, resident of Pailu Sarbeswar Marg, Po/ PS -Borigumma, Dt- Koraput -764 056, Odisha declare by this Affidavit No.3184, Dated - 16/07/2025,that now onwards I shall be known as **P.JAGADISWAR** for all future purpose.

**AFFIDAVIT**

I declare that my name is **Mumtaz Khatoon,** D/o- Mohiuddin Khan, resident of Vill- Manapur, Po- Bisanpur, Ps- Jkrushnanandapur, Dist- Jagatsinghpur, Odisha my actually DOB is **07.11.2002,** but wrongly in my Aadhaar Card No- 9317 1877 1508, my name is written as **Mamataj Beggum,** D/o- Mohiuddin and my DOB is **2003.** Henceforth, I shall be known as **Mumtaz Khatoon,** D/o- Mohiuddin Khan and **DOB- 07.11.2002** in all and everywhere in this name from now.

"ମା ଙ୍କ ନାମରେ ଗଛଟିଏ"

**୨୦୨୫ ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି / ସୂଚନା**

ମାଙ୍କ ନାମରେ ଗଛଟିଏ ଲଗାଇବା ପାଇଁ ଭାରତ ସରକାର ସର୍ବସାଧାରଣଙ୍କୁ ଅନୁରୋଧ କରିଛନ୍ତି, ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ବନଖଣ୍ଡ ଅଧିନରେ ନିମ୍ନଲିଖିତ ୧୮ (ଅଠର) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜ୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି । ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନ ଗୁଡ଼ିକ ନିମ୍ନ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ । ଜଣପିଛା ସହରାଞ୍ଚଳରେ ସର୍ବାଧିକ ୫ (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ ୧୦ (ଦଶ) ଗୋଟି ଚାରା ଦିଆଯିବ । ଅନୁଷ୍ଠାନମାନଙ୍କ ପାଇଁ ୧୫୦ ରୁ ୨୦୦ ଗୋଟି ଚାରା ଦିଆଯିବ । ଜଣେ ବ୍ୟକ୍ତି ବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେକୌଣସି ବୈଧ ପରିଚୟ ପତ୍ର (ଆଧାର/ଭୋଟ ପରିଚୟ ପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ ଯାଞ୍ଚ ନିମନ୍ତେ ଦବାକୁ ପଡ଼ିବ । ଏତଦ୍ ବ୍ୟତିତ ଅନ୍ୟମାନଙ୍କୁ ଏକ ସାଦା କାଗଜରେ ନିଜର ସମସ୍ତ ବିବରଣି ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ ସହିତ ଦରଖାସ୍ତ କରିବାକୁ ପଡିବ । ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକ ମାନଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିପାରିବେ ।

ବି.ଦ୍ର:- (୧) ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ.୧/- ଧାର୍ଯ୍ୟ ହୋଇଛି ।
(୨) ସରକାରୀ ଅନୁଷ୍ଠାନ ଗୁଡିକୁ ବିନା ମୂଲ୍ୟରେ ଚାରା ପ୍ରଦାନ କରାଯିବ ।

| ନଂ. | ବନାଞ୍ଚଳ (ରେଞ୍ଜ) | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ (ପରିମାଣ) | କେନ୍ଦ୍ର ପରିଚାଳକଙ୍କ ନାମ | ଦୂରଭାଷ ନମ୍ବର |
|---|---|---|---|---|---|
| ୧ | ବଣାଇଁ | ଧରଣିଧରପାଲି | ୧୨୬୪୮ | ଶ୍ରୀ ତାପସ କୁମାର ଶତପଥି, ବନପାଳ | ୯୪୩୮୪୯୦୬୬୨ |
| ୨ | ବଣାଇଁ | ବ୍ରାହ୍ମଣୀ | ୮୮୮୫୧ | ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତି, ବନପାଳ | ୭୦୭୭୭୭୮୪୦୨ |
| ୩ | ବଣାଇଁ | ଟିକାୟତପାଲି | ୫୭୫୪୦ | ଶ୍ରୀ ଗଗନ କୁମାର ତ୍ରିପାଠୀ, ବନପାଳ | ୮୮୪୭୭୨୫୭୪୯ |
| ୪ | ବଣାଇଁ | ସ. ବଲାଙ୍ଗ | ୪୭୯୧୦ | ଶ୍ରୀ ସଦାସିବ ପାତ୍ର, ବନପାଳ | ୮୨୪୯୮୬୧୦୮୭ |
| ୫ | କୁଳିପୋଷ | ଗଡ଼ତୁଆଁ | ୧୧୨୬୩୪ | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପାଳ | ୬୩୭୦୨୬୩୬୧୯ |
| ୬ | କୁଳିପୋଷ | ଡ଼ଲେଇସରା | ୩୦୧୦୮ | ଶ୍ରୀମତୀ ସରିତା ମହାନ୍ତ, ବନପାଳ | ୬୩୭୧୯୪୬୩୨୯ |
| ୭ | ତାମଡା | ବନେଇକେଲା | ୪୧୩୦୮ | ଶ୍ରୀ ସେନାପତି ପାତ୍ର, ବନପାଳ | ୮୮୯୫୪୭୭୨୮୨ |
| ୮ | ତାମଡା | ଧାଡ଼୍ କିପୋଷ | ୩୯୭୫୦ | ଶ୍ରୀମତୀ କ୍ଷୀରେଶ୍ୱରୀ ବେହେରା, ବନପାଳ | ୯୪୩୭୪୫୯୫୫୮ |
| ୯ | ତାମଡା | ତାମଡା | ୨୦୦୦୦ | ଶ୍ରୀ ଚାରୁଆ ଓରାମ, ବନରକ୍ଷୀ | ୭୮୪୯୦୭୩୨୩୧ |
| ୧୦ | ଜର୍ଡା | ବାଦିବାହାଲ | ୨୦୦୦୦ | ଶ୍ରୀ ମୋନେସ କୁମାର ସାହୁ, ବନପାଳ | ୯୪୩୮୫୨୧୨୬୧ |
| ୧୧ | ଜର୍ଡା | କଂସର | ୪୪୭୪୦ | ଶ୍ରୀ ଚୈତ୍ରନ୍ୟ ଭୂମିଜ, ବନପାଳ | ୯୩୪୮୬୧୨୮୪୨ |
| ୧୨ | ଜର୍ଡା | କୁଣ୍ଢେଇଡିହା | ୩୫୦୦୦ | ଶ୍ରୀ ଇଶ୍ୱର ଚନ୍ଦ୍ର କାଲୋ, ବନପାଳ | ୬୩୭୧୬୨୯୨୪୩ |
| ୧୩ | ଜର୍ଡା | କାଉଁସୀ ବାହାଳ | ୧୫୦୦୦ | ଶ୍ରୀ ପ୍ରତାପ ସାହୁ, ବନପାଳ | ୭୯୭୮୯୦୬୮୩୪ |
| ୧୪ | ସୋଲ | ଠାକୁରପାଲି | ୨୦୬୫୨ | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ | ୯୫୫୬୧୬୫୦୦୧ |
| ୧୫ | ସୋଲ | ମହୁଲ ଡିହି | ୬୮୩୨ | ଶ୍ରୀ ଅମିତ କୁମାର ଜେନା, ବନପାଳ | ୮୪୫୭୮୯୨୧୫୬ |
| ୧୬ | ବରସୁଁଆ | ଡେଙ୍ଗୁଳା | ୫୧୭୫ | ଶ୍ରୀମତୀ ସରିତା ମହାନ୍ତ, ବନପାଳ | ୮୭୬୩୫୩୯୦୯୦ |
| ୧୭ | କୋଇଡା | ତେହେରାଇ | ୮୪୩୬ | ଶ୍ରୀ ବାବୁଲି ପ୍ରଧାନ, ବନରକ୍ଷୀ | ୯୪୩୮୦୪୩୪୦୯ |
| ୧୮ | କୋଇଡା | ଜାମଡିହି | ୮୭୬୮ | ଶ୍ରୀମତୀ ସସ୍ମିତା ମହାକୁଳ, ବନରକ୍ଷୀ | ୭୮୫୫୦୩୮୭୪୪ |
| | | ସମୁଦାୟ :- | ୭୨୯୧୫୨ | ବନଖଣ୍ଡ କାର୍ଯାଳୟ (କଣ୍ଟ୍ରୋଲ ରୁମ୍) | ୮୨୬୦୯୪୯୬୧୩ |

ସ୍ୱା/- ବନଖଣ୍ଡ ଅଧିକାରୀ
ବଣାଇଁ ବନଖଣ୍ଡ, ବଣାଇଁଗଡ଼



# ଭୁବନେଶ୍ୱର ସିଟି






ବୋଲ୍‌ବମ୍... ହରହର ବମ୍...

## ଆଜି ଶ୍ରାବଣ ଦ୍ୱିତୀୟ ସୋମବାର

# ଏକାମ୍ରରେ କାଉଡ଼ିଆଙ୍କ ଭିଡ଼




ଭୁବନେଶ୍ୱର,୨୦।୭ (ସମିସ):

ଆସନ୍ତା କାଲି ଶ୍ରାବଣ ଦ୍ୱିତୀୟ ସୋମବାର। ଏଥିପାଇଁ ରବିବାର ଅପରାହ୍ଣରୁ ଏକାମ୍ର କ୍ଷେତ୍ରରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଛି। ଏକାମ୍ର କ୍ଷେତ୍ରରେ ଥିବା ବିଭିନ୍ନ ଶୈବପୀଠରେ କାଉଡ଼ିଆମାନେ ଜଳଲାଗି କରିବା ପାଇଁ ବିଭିନ୍ନ ଜଳାଶୟରୁ ପାଣିଭାର ନେଇ ଆସିଛନ୍ତି।

ବିଶେଷକରି ଶ୍ରୀଲିଙ୍ଗରାଜ ମନ୍ଦିରରେ ଭକ୍ତଙ୍କ ଭିଡ଼ ଅଧିକ ଦେଖିବାକୁ ମିଳିଛି। ଅପରାହ୍ଣରୁ ବ୍ୟାରିକେଡରେ ଯାଇ ଧାଡ଼ିରେ ଛିଡ଼ା ହୋଇ ସୋମବାର ଜଳଲାଗି କରିବେ। ଭକ୍ତଙ୍କ ଶୃଙ୍ଖଳିତ ଜଳଲାଗି ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିସହ ସୁରକ୍ଷା ଓ ଟ୍ରାଫିକ୍ ସମସ୍ୟାକୁ ମୁକାବିଲା ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରାସ୍ତା ସାରା ଭକ୍ତଙ୍କ ପାଇଁ ଅନେକ ସେବାକେନ୍ଦ୍ରମାନ ଖୋଲାଯାଇଛି। ଏହି ସେବାକେନ୍ଦ୍ରଗୁଡ଼ିକରେ ଭକ୍ତଙ୍କ ପାଇଁ ସ୍ନାନଶୌଚାଦି ପାଇଁ ବ୍ୟବସ୍ଥା ହୋଇଛି। ପାଣି, ଜଳଖିଆ, ଔଷଧ ଆଦି ଯୋଗାଇବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ସହରର ପଳାଶୁଣି, ରସୁଲଗଡ଼, ବମିଖାଲ, ଲକ୍ଷ୍ମୀସାଗର, କଟକ ରୋଡ୍, କଳ୍ପନା ଛକ ଆଦି ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆଶ୍ରୟସ୍ଥଳ ନିର୍ମାଣ କରାଯାଇଛି। ରାସ୍ତାସାରା ବୋଲବମ୍, ହରହର ବମ୍ ଧ୍ୱନିରେ କମ୍ପୁଛି। ପୂର୍ବ ସୋମବାର ଅପେକ୍ଷା ଏଥର ଭକ୍ତଙ୍କ ସଂଖ୍ୟା କାହିଁ କେତେଗୁଣ ଅଧିକ ବଢ଼ିଥିବା ଦେଖିବାକୁ ମିଳିଛି।

## କାଉଡ଼ିଆଙ୍କ ପାଇଁ ଭିନ୍ନକ୍ଷମଙ୍କ ଭଜନ ପରିବେଷଣ



ଭୁବନେଶ୍ୱର,୨୦।୭ (ସମିସ): ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ନିକଟରେ ପାଣି ଢାଳିବାକୁ ଏକାମ୍ର କ୍ଷେତ୍ରରେ କାଉଡ଼ିଆଙ୍କ ଭିଡ଼ ଲାଗିଛି। ବୋଲବମ୍‌ରେ ଆସିଥିବା ଭକ୍ତଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଛି। ଗେରୁଆ ବସ୍ତ୍ର ପିନ୍ଧି କାଉଡ଼ିଆମାନେ ଗଙ୍ଗାଯମୁନା ମନ୍ଦିର ନିକଟରେ ବାହୁଙ୍ଗି ଶିକା ରଖି ବିଶ୍ରାମ ନେବା ସହ ସେଠାରେ ଗଙ୍ଗାଯମୁନା ଚା ଖଟି ବୋଲବମ ସେବା କେନ୍ଦ୍ରଠାରେ ପ୍ରସାଦ ସେବନ ଓ ଭଜନ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଥିଲା। ସୁଗମ ଭଜନ ସଂଗୀତ ଅନୁଷ୍ଠାନର ବହୁ ଭିନ୍ନକ୍ଷମ କଳାକାରମାନଙ୍କ ଦ୍ୱାରା ପରିବେଷଣ ହୋଇଛିଲା। ଆନନ୍ଦେ ଏକ ବାର ହର ହର ବୋଲ.., ଏକାମ୍ର କ୍ଷେତ୍ର ପାର୍ କରେଗା..., ବେଲପତ୍ର ପଞ୍ଚାମୃତ..., ଶିବ ଲିଙ୍ଗରେ ପାଣି ଢାଳିବି.... ଆଦି ଚିତ୍ତାକର୍ଷକ ଭଜନ ପରିବେଷଣ ଶ୍ରୋତାଙ୍କୁ ମନମୁଗ୍ଧ କରିଥିଲା। ଏହି ଅପସରରେ ସେଠାରେ ବିଧାୟକ ବାବୁ ସିଂ, ବିଜେପି ନେତା ସମିର ମହାନ୍ତି, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର ଉପସ୍ଥିତ ରହି କଳାକାରଙ୍କୁ ସମ୍ମାନିତ କରିଥିଲେ।

## 'ନରକିନ୍ନର'ର ଇଂରାଜୀ ଅନୁବାଦ ଲୋକାର୍ପିତ



ଭୁବନେଶ୍ୱର, ୨୦।୭ (ସମିସ): ନରକିନ୍ନର ଭଳି ଓଡ଼ିଆ ସାହିତ୍ୟ ଜଗତର ଅମୂଲ୍ୟ ଉପନ୍ୟାସର ଇଂରାଜୀ ଅନୁବାଦ ଏକ ସମ୍ପୂର୍ଣ୍ଣ ଦୁରୁହ ବ୍ୟାପାର। କିନ୍ତୁ ଏହାକୁ ଯଥାସମ୍ଭବ କରିପାରିଛନ୍ତି ପ୍ରଫେସର ଜଗନ୍ନାଥ ଦାଶ। କିମ୍ବଦନ୍ତୀ ଔପନ୍ୟାସିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେସନ ଟ୍ରଷ୍ଟର ଦଶମ ଅଧିବେଶନରେ ଏହି ମତ ପ୍ରକାଶ ପାଇଛି। ରବିବାର ଗୀତଗୋବିନ୍ଦ ସଦନରେ ଆୟୋଜିତ ଏହି ଉତ୍ସବରେ ନରକିନ୍ନର ର ଇଂରାଜୀ ଅନୂଦିତ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଡ ଇତିରାଣୀ ସାମନ୍ତ ସଭାପତିତ୍ୱ କରିଥିଲାବେଳେ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ପ୍ରଫେସର ଶରତ ଚନ୍ଦ୍ର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରଫେସର ନଟବର ଶତପଥୀ ମୁଖ୍ୟବକ୍ତା ରହିଥିଲେ। ଏହିପରି ପ୍ରଫେସର ଜଗନ୍ନାଥ ଦାଶ ଓ ପ୍ରକାଶକ ବିଜୟ କୁମାର ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ନରକିନ୍ନରର ବିଭିନ୍ନ ପ୍ରତୀକାତ୍ମକ ଚରିତ୍ର ବିଷୟରେ ଆଲୋଚନା କରିଥିଲେ। ବିନୋଦ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ।

## ରିତସିକା ଫାଉଣ୍ଡେସନ ପକ୍ଷରୁ ଚାରା ରୋପଣ

ଭୁବନେଶ୍ୱର,୨୦।୭ (ସମିସ): ରିତସିକା ଫାଉଣ୍ଡେସନ ଭୁବନେଶ୍ୱର ଆନୁକୁଲ୍ୟରେ ବନମହୋତ୍ସବ ୨୦୨୫ ତଥା 'ଏକ ପେଡ୍ ମା କେ ନାମ' ପ୍ରକଳ୍ପକୁ ଆଧାର କରି ବିଭିନ୍ନ ପ୍ରକାର ଫୁଲ ଓ ଫଳ ଗଛ ରୋପଣ କରାଯାଇଅଛି। ଫାଉଣ୍ଡେସନର ସଭାପତି ଦେବସ୍ମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱରର ଟଙ୍କପାଣି ରୋଡ ସ୍ଥିତ ଶ୍ରୀ ଜଗନ୍ନାଥ ଆଶ୍ରମ ପରିସରରେ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଶ୍ରମର କର୍ମକର୍ତ୍ତା ଓ ଆୟୋଜକମାନେ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ପ୍ରକାରର ଫୁଲଚାରା ରୋପଣ କରା ଯାଇଥିଲା। କାର୍ଯ୍ୟକ୍ରମକୁ ଫାଉଣ୍ଡେସନର କର୍ମକର୍ତ୍ତା ସାଇକଲ୍ୟାଣ ସାହୁ, ପ୍ରେମସାଇ ପାତ୍ର ପରିଚାଳନା କରିଥିଲେ। ଆଗାମୀ ଦିନରେ ପୁନଶ୍ଚ ପୃଥିବୀ ପ୍ରୟାସରେ ବୃକ୍ଷ ରୋପଣ ତଥା ଜଙ୍ଗଲ ସୃଷ୍ଟି କାର୍ଯ୍ୟକ୍ରମ ଗୁଡ଼ିକ ହାତକୁ ନିଆଯିବାର ଲକ୍ଷ ରଖିଥିବା ଫାଉଣ୍ଡେସନର ସଭାପତି ସୂଚନା ଦେଇଛନ୍ତି। ଦେବାଶିଷ ମହାପାତ୍ର, ରାଜେଶ ପାତ୍ର, ଗୋପାଳ ମାକଡାମ ଓ ଛବି ସ୍ୱାଇଁ ପ୍ରମୁଖ ରହିଥିଲେ।




## ବାସ୍ତୁ ଓ ଜ୍ୟୋତିଷ ବିଦ୍ୟା ସଂପର୍କିତ ଆଲୋଚନାଚକ୍ର



ବାଲିଅନ୍ତା,୨୦।୭ (ସମିସ): ପଳାଶୁଣିସ୍ଥିତ ଇଣ୍ଡିଆନ ବାସ୍ତୁ ଏକାଡେମୀ ତରଫରୁ ବାଲିଅନ୍ତା ବ୍ଲକ୍ ହୀରାପୁରର ପ୍ରସିଦ୍ଧ ତନ୍ତ୍ରପୀଠ ଚଉଷଠୀ ଯୋଗିନୀ ପୀଠ ପରିସରରେ ବାସ୍ତୁ ଓ ଜ୍ୟୋତିଷ ବିଦ୍ୟା ସଂପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାସ୍ତୁ ଏକାଡେମୀର ଅଧ୍ୟକ୍ଷା ଡ. ତପସ୍ୱିନୀ ମିଶ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ଏ ନେଇ ଆୟୋଜିତ ଆଲୋଚନାଚକ୍ରରେ ଜ୍ୟୋତିଷ ବିଭାଗର ଅଧ୍ୟାପକ ଡ. କୃଷ୍ଣଚନ୍ଦ୍ର ଦାଶ, ବାସ୍ତୁ ବିଭାଗର ଅଧ୍ୟାପକ ଇଞ୍ଜିନିୟର ପ୍ରଦୀପ ପଟ୍ଟନାୟକ ଚଉଷଠୀ ଯୋଗିନୀ ପୀଠର ଐତିହ୍ୟ, ସଂସ୍କୃତି, ମହିମା, ବାସ୍ତୁ, ଆଧ୍ୟାତ୍ମିକତା ଓ ଯୋଗ ବିଦ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ବାସ୍ତୁଶାସ୍ତ୍ର ଓ ଜ୍ୟୋତିଷ ବିଦ୍ୟାର ବିଭିନ୍ନ ଦିଗ ଉପରେ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ପୀଠ ପରିସରରେ ଚାରା ରୋପଣ କରାଯାଇଥିଲା। ସ୍ଥାନୀୟ ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ସମାଜସେବୀ ଲଲାଟେନ୍ଦୁ ଦିକ୍ଷୀତ, ସାମ୍ବାଦିକ ବଟକୃଷ୍ଣ ମହାପାତ୍ର, ପ୍ରକୃତିବନ୍ଧୁ ନିରଞ୍ଜନ ସେନାପତି, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଯୋଗ ଦେଇ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କୁ ଫୁଲ ଚାରା, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନ୍ମେଜୟ ମହାପାତ୍ର, ଅମର କେଶରୀ ସିଂହଦେଓ, ମଧୁମାଳା ରାଉତ, ଇତିଶ୍ରୀ ସାହୁ, ଜ୍ୟୋତିରଞ୍ଜନ ନାୟକ ପ୍ରମୁଖଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କଳ୍ପତରୁ ଓଝା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସଭାପତି ବିଷ୍ଣୁ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଘନଶ୍ୟାମ ପାଣିଗ୍ରାହୀଙ୍କ 'ଚିର୍‌କୁଟ୍' ଉନ୍ମୋଚିତ



ଭୁବନେଶ୍ୱର,୨୦।୭ (ସମିସ): ପେନ୍ ଇନ୍ ବୁକ୍ସ ଦ୍ୱାରା ପ୍ରକାଶିତ ଘନଶ୍ୟାମ ପାଣିଗ୍ରାହୀଙ୍କ ତୃତୀୟ ଗଳ୍ପ ପୁସ୍ତକ 'ଚିର୍‌କୁଟ୍' ରବିବାର ଉନ୍ମୋଚିତ ହୋଇଯାଇଛି। ଲକି ଇଣ୍ଡିଆ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଲେଖକ ତଥା ପ୍ରକାଶନ ସଂସ୍ଥାର ଉପମହାପ୍ରବନ୍ଧକ ପ୍ରକାଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବରେ ସାହିତ୍ୟିକ ଓ ସ୍ତମ୍ଭକାର ଦାଶ ବେନହୁର ଯୋଗଦେଇ ଅତୀତକୁ ଝୁରି ହେବା ହିଁ ସୁଖଦ ଅନୁଭବ। ବ୍ୟକ୍ତିଗତ ଅନୁଭବ ଓ ଅନୁଭୂତି ହିଁ ସୃଜନ ସାହିତ୍ୟର ଭ୍ରୂଣ। କଳ୍ପନାର କାରୁକାର୍ଯ୍ୟରେ ତାହା ସାର୍ବଜନୀନ ସାହିତ୍ୟ ପାଲଟିଯାଏ ବୋଲି କହିଥିଲେ।

## ବଲାଙ୍ଗୀରେ ନାବାଳିକାଙ୍କୁ ପୋଡ଼ିବା ଘଟଣା

# ପୀଡ଼ିତାଙ୍କ ଆରୋଗ୍ୟ କାମନା କରି ବିଜେଡିର ଦୀପଦାନ

ଭୁବନେଶ୍ୱର,୨୦।୭ (ସମିସ):

ଦିଲ୍ଲୀ ଏମ୍ସରେ ଜୀବନ ମରଣ ସହିତ ସଂଘର୍ଷ କରୁଥିବା ବଲାଙ୍ଗୀ ନାବାଳିକାଙ୍କ ଆଶୁ ଆରୋଗ୍ୟ କାମନା କରି ଭୁବନେଶ୍ୱର ଜିଲ୍ଲା ବିଜେଡି ପକ୍ଷରୁ ସମୂହ ଦୀପଦାନ କରାଯାଇଛି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଏହି ଦୀପଦାନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ପଣ୍ଡା, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି, ବରିଷ୍ଠ ନେତା ବିଜୟ ନାୟକ, ଗୌତମ ହରିଚନ୍ଦନ, ସନ୍ତୋଷ ବେଜ୍, ଶିବ ପ୍ରସାଦ ବେହେରା, ଚନ୍ଦ୍ରଶେଖର ମଲିଆ, ଶିବ ନାରାୟଣ କିରଣ, ମହାମାୟା ସ୍ୱାଇଁ, ମାନସୀ ସୁନ୍ଦରାୟ, ଛବି ଦାସ, ଭାରତୀ ସିଂ, ସମିତା ମହାନ୍ତି, ପୁଷ୍ପା ରାଉତ, ପଦ୍ମଜା ପ୍ରିୟଦର୍ଶିନୀ, କେ ଶାନ୍ତି, ଅଶ୍ୱୀନ ସୁନ୍ଦରାୟ, ଦାଶରଥୀ ଗରାବଡ





## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଅନ୍ତର୍ଜାତୀୟ ଚନ୍ଦ୍ର ଦିବସ




ଭୁବନେଶ୍ୱର,୨୦।୭ (ସମିସ): ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ "ଅନ୍ତର୍ଜାତୀୟ ଚନ୍ଦ୍ର ଦିବସ' ପାଳିତ ହୋଇଛି । ପ୍ରାରମ୍ଭରେ, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଳ ଜୈନ ଆନ୍ତର୍ଜାତୀୟ ଚନ୍ଦ୍ର ଦିବସ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ "ଚନ୍ଦ୍ରର ପର୍ଯ୍ୟାୟକ୍ରମ' ବିଷୟ ଉପରେ ଆଧାରିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଚନ୍ଦ୍ରର ବିଭିନ୍ନ କଳା ପ୍ରଦର୍ଶନ କରିବା ପାଇଁ ପ୍ରତିଯୋଗୀମାନଙ୍କୁ ଆବଶ୍ୟକୀୟ ଉପକରଣ ପ୍ରଦାନ କରାଯାଇ ଗୋଟିଏ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଶେଷରେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ପ୍ରକଳ୍ପଗୁଡ଼ିକୁ ଛାତ୍ରଛାତ୍ରୀଙ୍କୁ ଘରେ ବ୍ୟବହାର କରିବା ପାଇଁ ପ୍ରଦାନ କରାଯାଇଥିଲା । ଏହାସହିତ ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କ ପାଇଁ ପ୍ରଥମ ଚନ୍ଦ୍ର ଅବତରଣ ଉପରେ ଆଧାରିତ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା ।

## ଓଡ଼ିଶା ଅମଲା ସଂଘର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୨୦।୭ (ସମିସ): ଓଡ଼ିଶା ଅମଲା ସଂଘର ୮୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏହି ଅବସରରେ ରାଜ୍ୟର ସମସ୍ତ ଜିଲ୍ଲାର ସଭାପତି ଓ ସମ୍ପାଦକ ସହିତ ରାଜ୍ୟ ସଂଘର ନେତୃବୃନ୍ଦ ଉପସ୍ଥିତ ଥିଲେ। ସଂଘର ରାଜ୍ୟ ସଭାପତି ଜ୍ଞାନ ରଞ୍ଜନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ଅଧ୍ୟକ୍ଷ ହୃଦୟ ବିହାରୀ ମହାପାତ୍ର, ମୁଖ୍ୟ ପରାମର୍ଶଦାତା ନାରାୟଣ ଦାଶ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ପାତ୍ର, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ସେଠୀ, ଜିଲ୍ଲା ସଭାପତି ଶଶୀଭୂଷଣ ଦାଶ, ଜିଲ୍ଲା ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସଭାରେ ରାଜ୍ୟ ସଂଘର ଅବସର ଗ୍ରହଣ କରିଥିବା ମୁଖ୍ୟ ପରାମର୍ଶଦାତା ନାରାୟଣ ଦାଶ ଏବଂ କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ପାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଦରମା ଲେଭଲ-୯ ଅନୁସାରେ ପ୍ରଦାନ ସହିତ ନେସନାଲ୍ ବେନିଫିଟ୍, ପ୍ରତ୍ୟେକ ଚାରିବର୍ଷରେ ପ୍ରମୋସନ, ପ୍ରଥମ ଓ ଦ୍ୱିତୀୟସ୍ତର ଅଧିକାରୀଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷିତ ରଖାଯାଇ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ବିଭାଗର ଅମଲାମାନଙ୍କ ପ୍ରମୋସନ ଆଦି ଦାବିଗୁଡ଼ିକୁ ସରକାର ଅଳ୍ପ ଦିନରେ ପୂରଣ କରିବେ ନଚେତ୍ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ସାଧାରଣ ସମ୍ପାଦକ ସୂଚନା ଦେଇଛନ୍ତି ।

## 'ଜୟ ଓଡ଼ିଶା'ର ରକ୍ତ ସଂଗ୍ରହ ଅଭିଯାନ




ଭୁବନେଶ୍ୱର,୨୦।୭ (ସମିସ): ସ୍ୱେଚ୍ଛାସେବୀ ସଂଗଠନ "ଜୟ ଓଡ଼ିଶା'ର ରକ୍ତ ସଂଗ୍ରହ ଅଭିଯାନ ସପ୍ତାହ ଜାରି ରହିଛି । ଏହା କ୍ରମାଗତ ଭାବେ ଜୟ ଓଡ଼ିଶାର ଚଳିତ ବର୍ଷ ୧୧ତମ ରକ୍ତଦାନ ଶିବିର । ଏହି ରକ୍ତଦାନ ଶିବିର ଜୟ ଓଡ଼ିଶା, ଭୁବନେଶ୍ୱରର ଆ.ଟି. କମ୍ପାନୀ ତତ୍ତ୍ୱ ଟେକ୍ନୋଲୋଜିସ ସହିତ ମିଳିତ ଭାବରେ ଆୟୋଜନ ହୋଇଥିଲା । ଏହା ତତ୍ତ୍ୱ ଟେକ୍ନୋଲୋଜିସର ସହ ପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ତପେନ୍ଦ୍ର ସେନାପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଏହି ଶିବିରରେ ବହୁ ମାତ୍ରାରେ କର୍ମଚାରୀ ଉତ୍ସାହର ସହିତ ଆସି ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ କମିସନରେଟ ପୁଲିସ ଡେପୁଟି କମାଣ୍ଡାଣ୍ଟ ଲଲାଟେନ୍ଦୁ ମହାନ୍ତି ଉପସ୍ଥିତ ଥିଲେ। ଏହି ଶିବିରଟି କାର୍ଯ୍ୟାଳୟ ପରିସରରେରେ ଆୟୋଜିତ ହୋଇଥିବାରୁ ରକ୍ତାଦାତାମାନେ ସୁବିଧାରେ ରକ୍ତ ଦାନ କରିପାରିଲେ। ଆଗାମୀ ସପ୍ତାହ ରବିବାର ଦିନ ଘାଟିକିଆର ଟ୍ରାଇଡେଣ୍ଟ ଗାଲେକ୍ସିଠାରେ ଜୟ ଓଡ଼ିଶାର ୧୨ତମ ରକ୍ତଦାନ ଶିବିର ଆୟୋଜିତ ହେବ ବୋଲି ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ କହିଛନ୍ତି ।

## ଭାରତୀୟ ଶାସ୍ତ୍ରୀୟ ନୃତ୍ୟୋତ୍ସବ ଉଦ୍ୟାପିତ



ଭୁବନେଶ୍ୱର,୨୦।୭ (ସମିସ): କଳିଙ୍ଗାୟନ ତୌର୍ଯ୍ୟତ୍ରିକମ୍ ପକ୍ଷରୁ ଆୟୋଜିତ ଭାରତୀୟ ଶାସ୍ତ୍ରୀୟ ନୃତ୍ୟୋତ୍ସବ ରବିବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଉଦ୍ୟାପିତ ହୋଇଯାଇଛି। ଉଦ୍ୟାପନୀ ଉତ୍ସବରେ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ- ନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ ଯୋଗଦେଇଥିଲେ। ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସିଥିବା ଭିନ୍ନ ଭିନ୍ନ ଅନୁଷ୍ଠାନ ଓ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଶ୍ୟାମ ନଗର ହେ, ତୋ ଲାଗି ଗୋପ ଦାଣ୍ଡ ପରିବେଷଣ କରିଥିଲେ । ଭାରତୀ କଳା ଏକାଡେମୀ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ହରି ଓଁ, ମଙ୍ଗଳା ଚରଣ ପରିବେଷଣ କରିଥିବା ବେଳେ ଜାଗୃତି ନୃତ୍ୟ ଅନୁଷ୍ଠାନ ପକ୍ଷରୁ କାହିଁ ଗଲେ ମୁରଲୀ ଫୁଙ୍କା ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ୯୦ ଜଣଙ୍କୁ କଳାକାରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ କର୍ପୋରେଟର ରାମଚନ୍ଦ୍ର ରଣ ସିଂହ, ଟ୍ରଷ୍ଟର ଅଧ୍ୟକ୍ଷ ଅଂଶୁମାନ ମିଶ୍ର, ଓଡ଼ିଶୀ ଗୁରୁ ପୁଷ୍ପିତା ମିଶ୍ର, ମହୋତ୍ସବର ନିର୍ଦ୍ଦେଶକ ଶ୍ରେୟାଶ୍ରୀ ପତି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମ ଆଦ୍ୟାଶା ମିଶ୍ର ସଂଯୋଜନା କରିଥିଲେ।

### ନାବାଳିକାଙ୍କୁ ପୋଡ଼ିବା ଘଟଣା

# ଫରୱାର୍ଡ ବ୍ଲକ୍‌ର ପ୍ରତିବାଦ




ଭୁବନେଶ୍ୱର,୨୦।୭ (ସମିସ): ଫକୀର ମୋହନ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଓ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟଣାର ତାତି ଥମି ନଥିବା ବେଳେ ନିମାପଡ଼ା ନିର୍ବାଚନ ମଣ୍ଡଳୀର ବଳଙ୍ଗା ଥାନା ବାୟାବର ଗ୍ରାମର ମୁସ୍କାନ ଖାତୁନ ନାମ୍ନୀ ଜଣେ ନାବାଳିକାକୁ ପୋଡ଼ି ହତ୍ୟା କରିବା ଉଦ୍ୟମ ଘଟଣାର ଦୃଢ଼ ପ୍ରତିବାଦ କରିଛି ଫରୱାର୍ଡ ବ୍ଲକ୍। ଏହି ଘଟଣାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଇସ୍ତଫା ଦାବିରେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ପକ୍ଷରୁ ଗଣ ପ୍ରତିବାଦ ଅନୁଷ୍ଠିତ ହୋଇଛି। ବଳଙ୍ଗା ଘଟଣାରେ ୩୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଘଟଣାର ଅଭିଯୁକ୍ତମାନେ ଗିରଫ ହୋଇନାହାନ୍ତି। ଅନ୍ୟପଟେ ନିଜ ନିର୍ବାଚନ ମଣ୍ଡଳୀର ପୀଡ଼ିତା ମୁସ୍କାନକୁ ତା'ର ସ୍ୱାସ୍ଥ୍ୟବସ୍ଥା ବୁଝିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ହସ୍ପିଟାଲ ମଧ୍ୟ ଯାଇନଥିବା ଫରୱାର୍ଡ ବ୍ଲକ୍‌ର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଅଭିଯୋଗ କରିଛନ୍ତି । ରାଜ୍ୟରେ ମହିଳା ଓ ଛାତ୍ରୀଙ୍କ ବିରୋଧରେ ହିଂସା ବଢ଼ିବାରେ ଲାଗିଛି ଏବଂ ସାରା ରାଜ୍ୟ ଅପରାଧ ଓ ଅପରାଧୀଙ୍କ ଏବେ ଚରାଭୂଇଁ ପାଲଟିଛି । ପ୍ରତିବାଦ ସ୍ଥଳରେ ବକ୍ତବ୍ୟ ରଖି ଫରୱାର୍ଡ ବ୍ଲକ୍‌ର ମହିଳା ନେତ୍ରୀ ଲକ୍ଷ୍ମୀ ଦୋରା, ଶ୍ରମିକ ନେତା ସୁଶୀଲ ଥାନପତି, ଆଜାଦ ହିନ୍ଦ୍ ବାହିନୀର ରାଜ୍ୟ ସମ୍ପାଦିକା ସୁବ୍ରତୀ ଦଳେଇ, ଛାତ୍ରୀ ନେତ୍ରୀ ରିଙ୍କି ଆଜାଦ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱଚ୍ଛତା ହିଁ ସେବା



ଭୁବନେଶ୍ୱର,୨୦।୭ (ସମିସ): ୟୁଏସ୍ଆଇ ଫାଉଣ୍ଡେସନ ପକ୍ଷରୁ ଖାରବେଳ ନଗରରେ ଥିବା ଉତ୍କଳ ଦୃଷ୍ଟିହୀନ ସଂଘର ଦୃଷ୍ଟି ବାଧିତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ବିଦ୍ୟାଳୟ ପରିବେଶକୁ ପରିଷ୍କାର ରଖିବା ପାଇଁ ଡଷ୍ଟବିନ ଏବଂ ଭୋଜନରେ ଖାଦ୍ୟ ପରଷିବା ପାଇଁ ବାଲ୍‌ଟି ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୟୁଏସ୍ଆଇ ଫାଉଣ୍ଡେସନର ରାଜ୍ୟ ସଂଯୋଜକ ନୀଳକଣ୍ଠ ନାଥ ଏବଂ ସଦସ୍ୟ ଶୁଭ ରଞ୍ଜନ ଜେନା ଛାତ୍ରଛାତ୍ରୀଙ୍କୁ ଏହି ଡଷ୍ଟବିନ ପ୍ରଦାନ କରିଥିଲେ। ଡଃ ରଶ୍ମୀ ରେଖା ସାହୁ, ବନୋଜ ତ୍ରିପାଠୀ, ପ୍ରତୀକ୍ଷା ମିଶ୍ର, ଅତୁଲବାଳା ଦାସ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ସମ୍ପାଦନା କରିବା ପାଇଁ। ବିଦ୍ୟାଳୟର ଜିତେନ୍ଦ୍ର କୁମାର ସିଂ ଏବଂ ସେକ୍ରେଟାରୀ ପ୍ରଶାନ୍ତ କୁମାର ଦାଶ ଉପସ୍ଥିତ ଥିଲେ।

## ମହିଳା ବିଚାରପତିଙ୍କ ଦ୍ୱାରା ନାରୀ ନିର୍ଯାତନା ଘଟଣାର ତଦନ୍ତ ହେଉ




ଭୁବନେଶ୍ୱର,୨୦।୭ (ସମିସ): ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ତରଫରୁ ଡ଼ଡିଶାରେ ଘଟୁଥିବା ମହିଳା ନିର୍ଯାତନା ବିରୋଧରେ ଭୁବନେଶ୍ୱର ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି। ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ, ଗୋପାଳପୁର ସମୁଦ୍ରକୂଳରେ ମହିଳାଙ୍କୁ ଗଣଦୁଷ୍କର୍ମ, ବଳଙ୍ଗାରେ ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ପୋଡ଼ିବା ସହ ଅନ୍ୟାନ୍ୟ ମହିଳା ନିର୍ଯାତନା ଘଟଣାଗୁଡ଼ିକର ଦୃଢ଼ ନିନ୍ଦା କରାଯାଇଥିଲା। ରାଜ୍ୟରେ ମହିଳାମାନେ ରାସ୍ତାକୁ ବାହାରିବାକୁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ସେ ନେଇ ପ୍ରତିବାଦ ବିକ୍ଷୋଭରେ ମହିଳା ନେତ୍ରୀମାନେ ଅଭିଯୋଗ କରି ଓଡ଼ିଶାର ସମସ୍ତ ମହିଳା ନିର୍ଯାତନା ଘଟଣାଗୁଡ଼ିକ ଜଣେ ମହିଳା ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ କରାଇବା ପାଇଁ ଦାବି କରି ସଂଗଠନର ଖୋର୍ଦ୍ଧା ଜିଲ୍ଲା ସଭାନେତ୍ରୀ ମିନତୀ ପାଣିଗ୍ରାହୀ, ସମ୍ପାଦିକା ନୟନୀ ନାୟକ, ବିମଳି ନାୟକ, ଭୁବନେଶ୍ୱର ସଭାନେତ୍ରୀ ଚିନ୍ମୟୀ ରାଉତ, ନିରୁପମା ନାୟକ ବକ୍ତବ୍ୟ ରଖିଥିଲେ । ଏହି ମର୍ମରେ ଏକ ଦାବିପତ୍ର ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ଡିସିପିଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି ।

## ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ପରଲୋକ

ଭୁବନେଶ୍ୱର,୨୦।୭ (ସମିସ): କଳିଙ୍ଗବିହାର ନିବାସୀ ଅବସରପ୍ରାପ୍ତ ସରକାରୀ ଅଧିକାରୀ ତଥା ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ବିଳାସପୁର ଅଞ୍ଚଳର ସରଧାପୁର ନିବାସୀ କାହ୍ନୁ ଚରଣ ଜେନାଙ୍କର ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି ।



ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କ ପୁତ୍ର ଦେବୀ ପ୍ରସାଦ ଜେନା ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ଜେନା ଓଡ଼ିଶା ସଚିବାଳୟର ଘରୋଇ, ଶିକ୍ଷା, ସାଧାରଣ ପ୍ରଶାସନ, ନିର୍ବାଚନ ଆଦି ବିଭିନ୍ନ ବିଭାଗରେ ସେକସନ୍ ଅଫିସର ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ସେ ଜଣେ ମିଷ୍ଟଭାଷୀ, ମେଳାପି, ପରୋପକାରୀ ବ୍ୟକ୍ତି ଥିଲେ । ସେ ଓଡ଼ିଶା ସଚିବାଳୟର ଜଣେ ଅତ୍ୟନ୍ତ କର୍ମଠ ଓ ଦକ୍ଷ ଅଧିକାରୀ ଥିଲେ । ତାଙ୍କ ପରଲୋକ ଖବର ପାଇ ତାଙ୍କର ବହୁ ବନ୍ଧୁ, ପରିଜନ, ସହକର୍ମୀ ଶୋକ ପ୍ରକାଶ କରିଛନ୍ତି।

## ଶିଶୁ ଅନନ୍ତ ପ୍ରେସ୍ କ୍ଲବ୍‌ର ମହମବତି ଶୋଭାଯାତ୍ରା



ବାଲିପାଟଣା,୨୦।୭ (ସମିସ) : ବାଲିପାଟଣା ଶିଶୁ ଅନନ୍ତ ପ୍ରେସ୍‌କ୍ଲବ୍‌ର ସଭାପତି ବିଦ୍ୟାଭୂଷଣ ଭୋଳଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମହମବତି ଶୋଭାଯାତ୍ରା କରାଯାଇଛି। ଏହି ଶୋଭାଯାତ୍ରା ବାଲିପାଟଣା ଛକ ଠାରୁ ଥାନା ପର୍ଯ୍ୟନ୍ତ କରାଯାଇଥିଲା। ଏଥିରେ ଶିଶୁ ଅନନ୍ତ ପ୍ରେସ୍ କ୍ଲବ୍‌ର ସମସ୍ତ ସାମ୍ବାଦିକଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ତେବେ ଗତ କିଛି ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ମହିଳାଙ୍କୁ ନିର୍ଯାତନା, ଯୌନ ଉତ୍ପୀଡନ, ଦୁଷ୍କର୍ମ ଓ ହିଂସା ଘଟଣା ବଢ଼ିଯାଇଥିବା ପରିପ୍ରେକ୍ଷୀରେ ୫ ଦଫା ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲିପାଟଣା ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଶିଶୁ ଅନନ୍ତ ସ୍ମୃତି ସଂସଦର ସମ୍ପାଦିକା ତନୟା ଦାସ ଗୋସ୍ୱାମୀ, ସମାଜସେବୀ ଅଜିତ୍ କୁମାର ପାଇକରାୟ, ଶିକ୍ଷାବିତ୍ ନାରାୟଣ ବେହେରା, ଦଳିତ ନେତା କୈଳାସ ଚନ୍ଦ୍ର ସେଠୀ, ସମାଜସେବୀ ରଶ୍ମୀରଞ୍ଜନ ପଣ୍ଡା, ଜଗନ୍ନାଥ ପଣ୍ଡା, ନାରାୟଣ ବେହେରା, ବିଷ୍ଣୁ ପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ସାମ୍ୟବାଦୀ ନେତା ବଂଶୀଧର ଦାସଙ୍କ ସ୍ମୃତି ସମାରୋହ




ଭୁବନେଶ୍ୱର,୨୦।୭ (ସମିସ): ବିଶିଷ୍ଟ ସାମ୍ୟବାଦୀ ନେତା, ମିସା ବନ୍ଦୀ, ଚାଷୀମୂଲିଆ ଆନ୍ଦୋଳନର ପ୍ରମୁଖ ନେତା ତଥା ସ୍ତମ୍ଭକାର ଓ ସମ୍ବିଧାନ ବିଶେଷଜ୍ଞ ବଂଶୀଧର ଦାସ ଙ୍କର ୫ମ ବାର୍ଷିକ ରାଜ୍ୟସ୍ତରୀୟ ସ୍ମୃତି ସଭା ରବିବାର ଜୟଦେବ ଭବନ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, କଟକ ମେୟର ସୁବାସ ସିଂ, ତିର୍ତ୍ତୋଲର ବିଧାୟକ ଡ. ରମାକାନ୍ତ ଭୋଇ, ବରିଷ୍ଠ ସାମ୍ବାଦିକ ତଥା ରାଜନୀତି ସମୀକ୍ଷକ ରବି ଦାସ ଯୋଗ ଦେଇଥିଲେ। ବଂଶୀଧର ଦାସ ସ୍ମୃତି ପରିଷଦର ସଭାପତି ଅରୁଣ କୁମାର ଦାସ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବାବେଳେ ସ୍ମୃତି ପରିଷଦ ଆବାହକ ମନୋଜ ଜେନା ସଭା ସଂଯୋଜନା କରିଥିଲେ। ବଂଶୀଧର ଦାସ ସ୍ମୃତି ପରିଷଦର ଦିଲ୍ଲୀପ କୁମାର ସାଇଁ, ଦେବୀ ପ୍ରସାଦ ତ୍ରିପାଠୀ, ଲୋକାକାନ୍ତ ସାଇଁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ବିରିଡ଼ି ବ୍ଲକ ଟପ୍ପର ଅଳିଭା ପାତ୍ର, କାର୍ତ୍ତିକ ଦାସ, ସମାଜସେବୀ ନିରଞ୍ଜନ ଯୋଗାଣିଆ, ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରିଣୀ ସୋନାମିକା ରାୟ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସ୍ୱର୍ଣ୍ଣ ହସ୍ପିଟାଲ ଡାଇରେକ୍ଟର ବିଧୁଭୂଷଣ ନାୟକ ଆଦିଙ୍କୁ ବଂଶୀଧର ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା

## ସତ୍ୟନଗର ଲେଡିଜ୍ ଫୋରମ୍ ବାସହୀନ



ଭୁବନେଶ୍ୱର,୨୦।୭ (ସମିସ): ଆଜକୁ ଦୀର୍ଘ ୧୨ ବର୍ଷ ଧରି ସତ୍ୟନଗର ଲେଡିଜ୍ ଫୋରମ୍ ସମାଜ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଆସିଅଛି। ବିଶେଷକରି ଶିଶୁ ଏବଂ ମହିଳା ମାନଙ୍କର ସ୍ୱାସ୍ଥ୍ୟ ସେବା ଫୋରମର ମୁଖ୍ୟ କାର୍ଯ୍ୟ, ଏହିସବୁ କାର୍ଯ୍ୟ କରିବାକୁ ହେଲେ ଗୋଟେ ସ୍ଥାନରେ ବସିବାକୁ ପଡ଼ିବ। କିନ୍ତୁ ସତ୍ୟନଗର ଲେଡିଜ୍ ଫୋରମ୍‌ର ସଦସ୍ୟା ମାନଙ୍କ ବସିବା ପାଇଁ ପ୍ରକୃତ ସ୍ଥାନ ନାହିଁ। ସତ୍ୟନଗର ଲେଡିଜ୍ ଫୋରମ୍‌ର ସଦସ୍ୟାମାନେ ବସିବା ପାଇଁ ସତ୍ୟନଗରରେ ଅବସ୍ଥିତ ଏକ ପାର୍କ ମଧ୍ୟରେ ଏକ ପ୍ରକୋଷ୍ଠରେ ବସିବାକୁ ସ୍ଥାନ ଥିବା ସତ୍ତ୍ୱେ କିଛି ବ୍ୟକ୍ତି ବିଶେଷ ସେହି ପ୍ରକୋଷ୍ଠକୁ ତାଲା ପକାଇ ରଖିଛନ୍ତି। ଏଥିପାଇଁ ସତ୍ୟନଗର ଲେଡିଜ୍ ଫୋରମ୍‌ର ସଦସ୍ୟାମାନେ ମେୟରଙ୍କ ଦ୍ୱାରସ୍ଥ ହୋଇଥିଲେ। ମେୟର ମଧ୍ୟ ସତ୍ୟନଗର ପାର୍କ ଠାରେ ଥିବା ପ୍ରକୋଷ୍ଠରେ ବସିବାକୁ ଅନୁମତି ଦେଇଥିଲେ। କିନ୍ତୁ ମେୟରଙ୍କ ଅନୁମତି ସତ୍ତ୍ୱେ ସେହି ପ୍ରକୋଷ୍ଠକୁ ତାଲା ପକାଇ ଦିଆଯାଇଛି। ବାଧହୋଇ ସତ୍ୟନଗର ଲେଡିଜ୍ ଫୋରମ୍‌ର ସଦସ୍ୟାମାନେ ପ୍ରକୋଷ୍ଠ ବାହାରେ ବସିଥିଲେ। ମହିଳାଙ୍କୁ ଏହି ଅସମ୍ମାନ କ'ଣ ପାଇଁ ବୋଲି ମହିଳାମାନେ ପ୍ରଶ୍ନ କରିଛନ୍ତି।

## ଯୁବତୀଙ୍କୁ ବ୍ଲାକମେଲ୍ କରି ବନ୍ଧାହେଲା

ଭୁବନେଶ୍ୱର,୨୦।୭ (ସମିସ): ଯୁବତୀଙ୍କୁ ବ୍ଲାକମେଲ୍ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମହିଳା ଥାନା ପୁଲିସ। ସେ ହେଲା, ବିହାର ବିଶ୍ୱନାଥପୁରର ହରେନ୍ଦ୍ର କୁମାର (୩୫) । ପୁଲିସ ସୂଚନା ଅନୁସାରେ, ୨୦୧୯ ମସିହାରେ ହରେନ୍ଦ୍ର ଜାମସେଦପୁରରେ ଏଲ୍ଆଇସି ବ୍ରୋକର ଭାବେ



କାମ କରୁଥିବାବେଳେ ଜଣେ ଓଡ଼ିଆ ଯୁବତୀ ତା' ସଂସ୍ପର୍ଶରେ ଆସିଥିଲେ। ପରେ ଯୁବତୀଜଣକ ମଧ୍ୟ ଏଲ୍ଆଇସି ଏଜେଣ୍ଟ ଭାବେ କାମ କରିଥିଲେ। ଯୁବତୀଙ୍କ ପ୍ରେମିକର ମୃତ୍ୟୁ ହେବାପରେ ହରେନ୍ଦ୍ର ତାଙ୍କର ନିକଟତର ହୋଇଥିଲା। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ହରେନ୍ଦ୍ର ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହିତ ସମ୍ପର୍କ ରଖିଥିଲା। କିନ୍ତୁ ତାଙ୍କ ଅଜାଣତରେ ସେ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ସଂଗ୍ରହ କରି ନେଇଥିଲା। କିଛିବର୍ଷ ପରେ ଦୁହେଁ ପୁରୀର ଏକ ସଂସ୍ଥାରେ ବିବାହ କରିଥିଲେ। ହେଲେ ହରେନ୍ଦ୍ର ପୂର୍ବରୁ ବିବାହିତ ବୋଲି ଜାଣିବା ପରେ ଯୁବତୀ ତା ଠାରୁ ଦୂରେଇ ଯାଇଥିଲେ। ଏଥିରେ ରାଗିଯାଇ ହରେନ୍ଦ୍ର ତାଙ୍କୁ ବ୍ଲାକମେଲ କରିଥିଲା। ଫଟୋ ଓ ଭିଡିଓ ଭାଇରାଲ କରିବାର ଧମକ ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। ଏନେଇ ଯୁବତୀ ଜଣକ ମହିଳା ଥାନାରେ ଅଭିଯୋଗ କରିଥିଲେ।

### ପାଇକ ବିଦ୍ରୋହକୁ ବହିରୁ ବାଦ୍ ଘଟଣା

# ଓଡ଼ିଆ ଅସ୍ମିତା ପରିଷଦର କ୍ଷୋଭ

ଭୁବନେଶ୍ୱର,୨୦।୭ (ସମିସ):

ବହୁ ବାଦ ବିବାଦ ଓ ଉଦ୍ୟମ ଫଳରେ ଓଡ଼ିଆ ଜାତିର ଅସ୍ମିତାର ପ୍ରତୀକ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ବ୍ରିଟିଶ ବିରୋଧୀ ବିଦ୍ରୋହ ଓଡ଼ିଶାର ପାଇକ ବିଦ୍ରୋହକୁ ୨୦୧୭ ମସିହାରୁ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଏନ୍‌ସିଇଆର୍‌ଟି ଦ୍ୱାରା ପ୍ରକାଶିତ ୮ମ ଶ୍ରେଣୀର ଇତିହାସ ବହିରେ ସ୍ଥାନିତ କରାଯାଇଥିଲା। କିନ୍ତୁ ଗତ ସପ୍ତାହରେ ଏନ୍‌ସିଇଆରଟି ତରଫରୁ ଯେଉଁ ନୂଆ ଇତିହାସ ବହି ଛପା ଯାଇଛି, ସେଥିରେ 'ଖୋର୍ଦ୍ଧାର ପାଇକ ବିଦ୍ରୋହ'କୁ କର୍ତ୍ତୃପକ୍ଷ ବାଦ ଦେଇଛନ୍ତି। ଏହା ଓଡ଼ିଆ ଜାତି ପ୍ରତି ଏକ ଚରମ ଅପମାନ ବୋଲି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ କୁହାଯାଇଛି। ପାଇକ ବିଦ୍ରୋହକୁ ଏନ୍‌ସିଇଆର୍‌ଟି ଇତିହାସ ବହିରେ ପୁନର୍ବାର ସ୍ଥାନ ଦେବା ଦାବିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରବିବାର ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ଏକ ପତ୍ର ଲେଖିଛନ୍ତି। ଏହି ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ ବଙ୍ଗଳାର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଓ ସାନ୍ତାଳମାନଙ୍କର ବିଦ୍ରୋହ ସେହି ଇତିହାସ ବହିରେ ସ୍ଥାନ ପାଇଥିବା ବେଳେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ ଦେବା ବୀର ପାଇକ ମାନଙ୍କର ଗୌରବମୟ ତ୍ୟାଗ ଓ ବଳିଦାନ ପ୍ରତି ଏକ ଚରମ ଉପହାସ ବୋଲି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଅରୁଣ ଜେନା, ସୁବାସ କୁମାର ତାରିଣିଆଁ ପ୍ରମୁଖ ଦାବି କରିଛନ୍ତି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୨୫
- ପାଉଣ୍ଡ ୧୧୫.୩୮
- ୟୁରୋ ୧୦୦.୬୯
- ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୭୦୦ (ନୂଆଦିଲ୍ଲୀ)
- ରୁପା : ୧,୧୧,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୭୫୭.୦୦
- ନିଫ୍ଟି ୨୪,୯୬୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଆର୍‌ଡି, କେଭିପି, ପିପିଏଫ୍, ଏନ୍‌ଏସ୍‌ସିକୁ ନେଇ ଡାକ ବିଭାଗର ନୂଆ ନିୟମ

# ମାଚ୍ୟୁରିଟିର ୩ ବର୍ଷରେ ବନ୍ଦ କରିବାକୁ ହେବ ଖାତା

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି)




ମାସିକ ଆୟ ଯୋଜନା (ଏମ୍‌ଆଇଏସ୍), ଆବର୍ତ୍ତି ଜମା (ଆର୍‌ଡି), କିଷାନ ବିକାଶ ପତ୍ର (କେଭିପି), ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ୍), ଜାତୀୟ ସଞ୍ଚୟ ପ୍ରମାଣପତ୍ର (ଏନ୍‌ଏସ୍‌ସି) ଭଳି କ୍ଷୁଦ୍ର ସଞ୍ଚୟ ଯୋଜନାଗୁଡ଼ିକୁ ନେଇ ଡାକ ବିଭାଗ ନୂଆ ନିୟମ ଆଣିଛି। ଡାକ ବିଭାଗର ଘୋଷଣା ଅନୁଯାୟୀ, ମାଚ୍ୟୁରିଟି ଲାଭ କରିବା ବା ଅବଧି ଶେଷ ହେବା ତାରିଖଠାରୁ ତିନି ବର୍ଷ ପରେ ମଧ୍ୟ ଯେଉଁ କ୍ଷୁଦ୍ର ସଞ୍ଚୟ ଯୋଜନାଗୁଡ଼ିକୁ ବଢ଼ାଯାଇନାହିଁ କିମ୍ବା ବନ୍ଦ କରାଯାଇନାହିଁ, ସେଗୁଡ଼ିକୁ ଅଚଳ କରିଦିଆଯିବ। ଏହାର ଅର୍ଥ ସେହି ଆକାଉଣ୍ଟ ସହ ଜଡ଼ିତ ସମସ୍ତ କାରବାର ବନ୍ଦ ହୋଇଯିବ। ଆକାଉଣ୍ଟଧାରୀମାନଙ୍କୁ ସେମାନଙ୍କର ଆକାଉଣ୍ଟଗୁଡ଼ିକୁ ପୁନଃ ଆରମ୍ଭ କରିବା ପାଇଁ ଆବଶ୍ୟକୀୟ ଡକ୍ୟୁମେଣ୍ଟ ସମ୍ପୃକ୍ତ ବିଭାଗକୁ ଦାଖଲ କରିବାକୁ ପଡ଼ିବ।

ରିପୋର୍ଟ ଅନୁଯାୟୀ, ଏହି ପ୍ରକ୍ରିୟା ବର୍ଷକୁ ଦୁଇଥର କରାଯିବ, ଯାହା ଦ୍ୱାରା ଏପରି ଆକାଉଣ୍ଟଗୁଡ଼ିକୁ ଚିହ୍ନଟ କରାଯାଇପାରିବ। ଏହାଦ୍ୱାରା ଜମାକାରୀଙ୍କ କଠିନ ପରିଶ୍ରମରୁ ଉପାର୍ଜିତ ଅର୍ଥର ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ। ଆଦେଶ ଅନୁଯାୟୀ, ଏହି ଯୋଜନାଗୁଡ଼ିକ ମଧ୍ୟରେ ଅବଧି ଜମା, ମାସିକ ଆୟ ଯୋଜନା, ଜାତୀୟ ସଞ୍ଚୟ ପ୍ରମାଣପତ୍ର, କିଷାନ ବିକାଶ ପତ୍ର ଇତ୍ୟାଦି ଅନ୍ତର୍ଭୁକ୍ତ।

ଡାକ ବିଭାଗ ଅନୁଯାୟୀ, ଏଥିରେ ଅନେକ ପ୍ରକାରର କ୍ଷୁଦ୍ର ସଞ୍ଚୟ ଖାତାଗୁଡ଼ିକୁ ଫ୍ରିଜ୍ କରାଯାଇପାରିବ। ସେଗୁଡ଼ିକ ମଧ୍ୟରେ ଅବଧି ଜମା (ଟିଡି), ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା (ଏସ୍‌ସିଏସ୍‌ସ୍) ଏବଂ ଆବର୍ତ୍ତି ଜମା (ଆର୍‌ଡି) ଅନ୍ତର୍ଭୁକ୍ତ। ଯେତେବେଳେ ଆପଣଙ୍କର ଡାକଘର ସଞ୍ଚୟ ଖାତା ଅଚଳ ହୋଇଯିବ, ଆପଣ ସେଥିରୁ କୌଣସି କାରବାର କରିପାରିବେ ନାହିଁ। ଏହାର ଅର୍ଥ ହେଉଛି ଆପଣ ଟଙ୍କା ଉଠାଇପାରିବେ ନାହିଁ କିମ୍ବା ଜମା କରିପାରିବେନାହିଁ। ଏହା ସହିତ, ସ୍ଥାୟୀ ଅର୍ଡର ଏବଂ ଅନଲାଇନ୍ ସେବା ମଧ୍ୟ ବନ୍ଦ ହୋଇଯିବ। ପ୍ରତିବର୍ଷ ଜୁଲାଇ ୧ ଏବଂ ଜାନୁଆରୀ ୧ ରୁ ଆରମ୍ଭ କରି ୧୫ ଦିନ ମଧ୍ୟରେ ଏପରି ଆକାଉଣ୍ଟଗୁଡ଼ିକୁ ଚିହ୍ନଟ ଏବଂ ଅଚଳ କରିବାର ପ୍ରକ୍ରିୟା ଚାଲିଥାଏ। ଏହାର ଅର୍ଥ ହେଉଛି ପ୍ରତିବର୍ଷ ଜୁନ୍ ୩୦ ଏବଂ ଡିସେମ୍ବର ୩୧ ରେ ତିନି ବର୍ଷ ପୂରଣ କରୁଥିବା ଆକାଉଣ୍ଟଗୁଡ଼ିକୁ ଚିହ୍ନଟ ଏବଂ ଅଚଳ କରାଯିବ।

ଯଦି କୌଣସି ବଶତଃ ଗ୍ରାହକଙ୍କ କ୍ଷୁଦ୍ର ସଞ୍ଚୟ ଯୋଜନାର ଆକାଉଣ୍ଟ ଅଚଳ ହୋଇଯାଏ, ତେବେ ଆପଣଙ୍କୁ ଏହାକୁ ପୁଣି ଥରେ ଖୋଲିବାକୁ ପଡ଼ିବ। ଏଥିପାଇଁ ଆକାଉଣ୍ଟଧାରୀଙ୍କୁ ଯେକୌଣସି ଡାକଘରକୁ ଯାଇ ଅଚଳ ହୋଇଥିବା ଆକାଉଣ୍ଟର ପାସବୁକ୍ କିମ୍ବା ପ୍ରମାଣପତ୍ର କେୱାଇସି ଡକ୍ୟୁମେଣ୍ଟ (ମୋବାଇଲ୍ ନମ୍ବର, ପାନ କାର୍ଡ ଏବଂ ଆଧାର କାର୍ଡ କିମ୍ବା ଠିକଣା ପ୍ରମାଣ) ପ୍ରଦାନ କରିବାକୁ ପଡ଼ିବ।

### ୧୬ ହଜାର କୋଟି ଆଇଟିସି ଠକେଇର ଖୁଲାସା

## ଧରାପଡ଼ିଲେ ୩୫୫୮ ଜାଲ୍ କମ୍ପାନୀ

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି): ୨୦୨୫-୨୬ ଆର୍ଥିକବର୍ଷର ପ୍ରଥମ ତ୍ରୈମାସିକ (ଏପ୍ରିଲ-ଜୁନ୍) ମଧ୍ୟରେ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) କ୍ଷେତ୍ରରେ ୧୫,୮୫୧ କୋଟି ଟଙ୍କାର ନକଲି ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ଠକେଇର ପର୍ଦ୍ଦାଫାସ ହୋଇଛି। ତେବେ ଏହି ଠକେଇ ପୂର୍ବ ଆର୍ଥିକବର୍ଷର ସମାନ ସମୟ ତୁଳନାରେ ୨୯ ପ୍ରତିଶତ ଅଧିକ। ତଥାପି, ଏହି ସମୟ ମଧ୍ୟରେ ନକଲି କମ୍ପାନୀ ସଂଖ୍ୟା ହ୍ରାସ ପାଇଥିବା କୁହାଯାଉଛି। ଏଭଳି ବଡ଼ ଆଇଟିସି ଠକେଇରେ ୩୫୫୮ ଜାଲ୍ କମ୍ପାନୀ ଧରାପଡ଼ିଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ଏହି ତ୍ରୈମାସିକରେ କେନ୍ଦ୍ର ଏବଂ ରାଜ୍ୟ ଜିଏସ୍‌ଟି ଅଧିକାରୀମାନେ ମୋଟ ୩,୫୫୮ ନକଲି କମ୍ପାନୀ ଚିହ୍ନଟ କରିଥିଲେ। ଯେତେବେଳେ କି ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଏହି ସଂଖ୍ୟା ୩,୮୪୦ ଥିଲା। ଅଧିକାରୀମାନେ କହିଛନ୍ତି ଯେ ପ୍ରତି ମାସରେ ହାରାହାରି ୧୨୦୦ଟି ନକଲି କମ୍ପାନୀର ଠକେଇ ସମ୍ପର୍କରେ ପର୍ଦ୍ଦାଫାସ କରାଯାଇଥିଲା। ଏହି ତ୍ରୈମାସିକରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମୟରେ, ୫୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୬୫୯ କୋଟି ଟଙ୍କା ଜବତ କରାଯାଇଥିଲା। ଗତ ବର୍ଷ ସମାନ ତ୍ରୈମାସିକରେ ଏଭଳି ଘଟଣାରେ ୨୬ ଜଣଙ୍କୁ ଗିରଫ କରାଯାଇଥିଲା ଏବଂ ୫୪୯ କୋଟି ଟଙ୍କା ଆଦାୟ କରାଯାଇଥିଲା। ଜିଏସ୍‌ଟି ବ୍ୟବସ୍ଥା ଅନୁଯାୟୀ, କମ୍ପାନୀଗୁଡ଼ିକ ସେମାନଙ୍କର ଯୋଗାଣକାରୀଙ୍କଠାରୁ କ୍ରୟ ଉପରେ ଦେୟ ଟିକସକୁ ଆଇଟିସି ଭାବରେ ଦାବି କରିପାରିବେ। କିନ୍ତୁ ଏହି ଟିକସ କ୍ରେଡିଟର ଫାଇଦା ଉଠାଇବା ପାଇଁ ନ କଲି କମ୍ପାନୀଗୁଡ଼ିକ ସୃଷ୍ଟି କରାଯାଏ, ଯାହା ଫଳରେ ସରକାରଙ୍କୁ ବିପୁଳ ରାଜସ୍ୱ କ୍ଷତି ହୋଇଥାଏ। ୨୦୨୪-୨୫ ଆର୍ଥିକ ବର୍ଷରେ ମୋଟ ୬୧,୫୪୫ କୋଟି ଟଙ୍କାର ଆଇଟିସି ଠକେଇ ଚିହ୍ନଟ ହୋଇଥିଲା, ଯେଉଁଥିରେ ୨୫,୦୦୯ ନକଲି କମ୍ପାନୀ ସାମିଲ ଥିଲେ।

### ଆଇଏମ୍‌ଏଫ୍ ରିପୋର୍ଟ

# ଡିଜିଟାଲ ପେମେଣ୍ଟରେ ଭାରତ ଏକ ନମ୍ବର

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି)

ଦ୍ରୁତ ଏବଂ ସୁରକ୍ଷିତ ଡିଜିଟାଲ୍ ପେମେଣ୍ଟ କ୍ଷେତ୍ରରେ ଭାରତ ବିଶ୍ୱରେ ପ୍ରଥମ ସ୍ଥାନ ହାସଲ କରିଛି। ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ୟୁନିଫାଏଡ୍ ପେମେଣ୍ଟସ ଇଣ୍ଟରଫେସ୍ (ୟୁପିଆଇ) ଯୋଗୁଁ ଭାରତ ଡିଜିଟାଲ୍ କାରବାରରେ ଏହି ସ୍ଥାନ ହାସଲ କରିଛି। ୨୦୧୬ରେ ନ୍ୟାସନାଲ୍ ପେମେଣ୍ଟ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଦ୍ୱାରା ଆରମ୍ଭ ହୋଇଥିବା ୟୁପିଆଇ ଆଜି ଦେଶରେ ଟଙ୍କା କାରବାରର ସବୁଠାରୁ ସହଜ ଏବଂ ଲୋକପ୍ରିୟ ଉପାୟ ପାଲଟିଛି। ୟୁପିଆଇ ସାହାଯ୍ୟରେ, ଲୋକମାନେ ସେମାନଙ୍କର ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଗୋଟିଏ ମୋବାଇଲ୍ ଆପ୍ ସହିତ ଲିଙ୍କ୍ କରିପାରିବେ ଏବଂ କିଛି ସେକେଣ୍ଡରେ ସୁରକ୍ଷିତ, କମ୍ ମୂଲ୍ୟର କାରବାର କରିପାରିବେ। ଏନ୍‌ପିସିଆଇ ଅନୁଯାୟୀ ୟୁପିଆଇ ମାଧ୍ୟମରେ ପ୍ରତି ମାସରେ ୧୮୦୦ କୋଟି ଟଙ୍କାରୁ ଅଧିକ କାରବାର ହୋଇଥାଏ। ଚଳିତବର୍ଷ ଜୁନ୍‌ରେ ୟୁପିଆଇ ୨୪.୦୩ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ସୃଷ୍ଟି କରିଛି, ଯେଉଁଥିରେ ୧,୮୩୯ କୋଟି ଟଙ୍କାର କାରବାର ହୋଇଥିଲା। ଏହା ଗତ ବର୍ଷ ଜୁନ୍ ରେ ହୋଇଥିବା ୧,୩୮୮ କୋଟି ଟଙ୍କାର କାରବାର ତୁଳନାରେ ୩୨% ବୃଦ୍ଧିକୁ ଦର୍ଶାଉଛି।




- ୟୁପିଆଇରେ ମାସକୁ ୧୮୦୦ କୋଟିର କାରବାର
- ଜୁନ୍‌ରେ କାରବାର ୨୪ ଲକ୍ଷ କୋଟି
- ୪୯ କୋଟି ଲୋକ, ୬୫ ଲକ୍ଷ ବ୍ୟବସାୟୀ ୟୁପିଆଇ ସହ ଜଡ଼ିତ

ୟୁପିଆଇ ଭାରତକୁ ନଗଦ ଏବଂ କାର୍ଡ ଆଧାରିତ ପେମେଣ୍ଟରୁ ଦୂରେଇ ଏକ ଡିଜିଟାଲ୍-ପ୍ରଧାନ ଅର୍ଥନୀତି ଆଡକୁ ନେଇଛି। ଏହି ପ୍ଲାଟଫର୍ମ କେବଳ ବଡ଼ ବ୍ୟବସାୟ ପାଇଁ ନୁହେଁ ବରଂ ଛୋଟ ଦୋକାନୀ ଏବଂ ସାଧାରଣ ଲୋକଙ୍କ ପାଇଁ ମଧ୍ୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏକ ଦୃଢ଼ ମାଧ୍ୟମ ପାଲଟିଛି।

ଆଜି ଭାରତରେ ୮୫% ଡିଜିଟାଲ୍ ପେମେଣ୍ଟ ୟୁପିଆଇ ମାଧ୍ୟମରେ କରାଯାଉଛି। ଏଥିରେ ୪୯.୧ କୋଟି ଉପଭୋକ୍ତା, ୬.୫ କୋଟି ବ୍ୟବସାୟୀ ଏବଂ ୬୭୫ ବ୍ୟାଙ୍କ ଗୋଟିଏ ପ୍ଲାଟଫର୍ମରେ ସଂଯୁକ୍ତ। କେବଳ ଏତିକି ନୁହେଁ, ୟୁପିଆଇ ଏବେ ବିଶ୍ୱ ସ୍ତରରେ ପ୍ରାୟ ୫୦% ରିଅଲ୍-ଟାଇମ୍ ଡିଜିଟାଲ୍ ପେମେଣ୍ଟ ପରିଚାଳନା କରୁଛି। ୟୁପିଆଇର ପ୍ରଭାବ ଏବେ ଭାରତର ସୀମା ବାହାରେ ମଧ୍ୟ ଦେଖାଯାଉଛି। ଏହା ୭ଟି ଦେଶରେ ମଧ୍ୟ ଉପଲବ୍ଧ। ସଂଯୁକ୍ତ ଆରବ ଏମିରେଟ୍ସ, ସିଙ୍ଗାପୁର, ଭୁଟାନ, ନେପାଳ, ଶ୍ରୀଲଙ୍କା, ଫ୍ରାନ୍ସ ଏବଂ ମରିସସ୍। ଏହାଛଡା ଫ୍ରାନ୍ସରେ ୟୁପିଆଇ ଆରମ୍ଭ ହେବା ୟୁରୋପରେ ଏହାର ପ୍ରଥମ ପ୍ରବେଶ, ଯାହା ବିଦେଶରେ ରହୁଥିବା କିମ୍ବା ଯାତ୍ରା କରୁଥିବା ଭାରତୀୟମାନଙ୍କ ପାଇଁ ପେମେଣ୍ଟ କରିବା ସହଜ କରିଥାଏ। ଏହା କେବଳ ସଂଖ୍ୟାର ବିଷୟ ନୁହେଁ, ବରଂ ଏହା ଭାରତର ଡିଜିଟାଲ୍ ଫ୍ରେମୱାର୍କ ପ୍ରତି ବଢୁଥିବା ବିଶ୍ୱାସ ଏବଂ ନଗଦହୀନ ଅର୍ଥନୀତି ଆଡ଼କୁ ଦ୍ରୁତ ପଦକ୍ଷେପକୁ ପ୍ରତିଫଳିତ କରୁଛି। ୟୁପିଆଇ କେବଳ କାରବାରକୁ ସହଜ କରିନାହିଁ, ବରଂ ଛୋଟ ବ୍ୟବସାୟୀ ଏବଂ ଗ୍ରାମାଞ୍ଚଳରେ ରହୁଥିବା ଲୋକମାନଙ୍କୁ ଡିଜିଟାଲ୍ ଅର୍ଥନୀତି ସହିତ ମଧ୍ୟ ଯୋଡ଼ିଛି। ୟୁପିଆଇର ଏହି ସଫଳତା ଭାରତକୁ ପ୍ରଯୁକ୍ତିବିଦ୍ୟା ନବସୃଜନ ଏବଂ ଆର୍ଥିକ ଅନ୍ତର୍ଭୁକ୍ତିରେ ଏକ ବିଶ୍ୱସ୍ତରୀୟ ଅଗ୍ରେତା ଭାବରେ ପ୍ରତିଷ୍ଠିତ କରୁଛି।

### ୟୁଆଇଡିଏଆଇର ମାଷ୍ଟର ପ୍ଲାନ୍

# ସ୍କୁଲ୍‌ରେ ହେବ ପିଲାଙ୍କ ଆଧାର ଅପ୍‌ଡେଟ୍

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି)

ୟୁଆଇଡିଏଆଇ ଏବେ ସାରା ଦେଶରେ ସ୍କୁଲଗୁଡ଼ିକ ମାଧ୍ୟମରେ ପିଲାମାନଙ୍କ ଆଧାର କାର୍ଡର ବାୟୋମେଟ୍ରିକ୍ ଅପଡେଟ୍ ଆରମ୍ଭ କରିବାକୁ ଯାଉଛି। ଏଥିପାଇଁ ଏଜେନ୍ସି ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛି। ଏହି ପ୍ରକ୍ରିୟା ଆଗାମୀ ଦୁଇ ମାସ ମଧ୍ୟରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ। ୟୁଆଇଡିଏଆଇ ସିଇଓ ଭୁବନେଶ କୁମାରଙ୍କ କହିବାନୁଯାୟୀ, ୫ ବର୍ଷ ବୟସ ଅତିକ୍ରମ କରିଥିବା ୭ କୋଟିରୁ ଅଧିକ ପିଲାମାନଙ୍କର ବାୟୋମେଟ୍ରିକ୍ ଅପଡେଟ୍ ଏ ପର୍ଯ୍ୟନ୍ତ କରାଯାଇନାହିଁ, ଯାହା ବାଧ୍ୟତାମୂଳକ।

ନିୟମାନୁଯାୟୀ, ୫ ବର୍ଷ ବୟସ ପରେ ପିଲାମାନଙ୍କର ଆଧାରରେ ଫିଙ୍ଗରପ୍ରିଣ୍ଟ ଏବଂ ଆଇରିସ୍ ସ୍କାନର ଅପଡେଟ୍ ବାଧ୍ୟତାମୂଳକ। ଯଦି ବାଧ୍ୟତାମୂଳକ ବାୟୋମେଟ୍ରିକ୍ ଅପଡେଟ୍ ସମୟ ମଧ୍ୟରେ କରାଯାଇ ନଥାଏ, ତେବେ ପିଲାଙ୍କ ଆଧାର ନମ୍ବର ମଧ୍ୟ ନିଷ୍କ୍ରିୟ ହୋଇପାରେ। ୫ ରୁ ୭ ବର୍ଷ ବୟସର ପିଲାମାନଙ୍କର ବାୟୋମେଟ୍ରିକ୍ ଅପଡେଟ୍ ମାଗଣା। ୭ବର୍ଷ ପରେ ଅପଡେଟ୍ ପାଇଁ ୧୦୦ ଫି ଦେବାକୁ ପଡ଼ିବ। ୟୁଆଇଡିଏଆଇ ଏକ ନୂତନ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି, ଯାହା ଅଧୀନରେ ସ୍କୁଲ ମାଧ୍ୟମରେ ପିଲାମାନଙ୍କର ବାୟୋମେଟ୍ରିକ୍ ଅପଡେଟ୍ କରାଯିବ। ଏହି ପ୍ରକ୍ରିୟା ଅଭିଭାବକଙ୍କ ସମ୍ମତିରେ କରାଯିବ ଯାହା ଦ୍ୱାରା ପିଲାମାନେ ସ୍କୁଲରେ ହିଁ ସହଜରେ ଏହି ସେବା ପାଇପାରିବେ। ଏହା ଅଧୀନରେ, ପ୍ରତ୍ୟେକ ଜିଲ୍ଲାକୁ ବାୟୋମେଟ୍ରିକ୍ ମେସିନ୍ ପଠାଯିବ, ଯାହା ଗୋଟିଏ ସ୍କୁଲରୁ ଅନ୍ୟ ସ୍କୁଲକୁ ସ୍ଥାନାନ୍ତରିତ ହେବ। ଯାହା ଦ୍ୱାରା ଏହି ସୁବିଧା ଯଥାସମ୍ଭବ ଅଧିକ ପିଲାଙ୍କ ପାଖରେ ପହଞ୍ଚିପାରିବ। ବର୍ତ୍ତମାନ, ଏହି ପ୍ରଯୁକ୍ତିବିଦ୍ୟାର ପରୀକ୍ଷା କରାଯାଉଛି ଏବଂ ଏହି ଯୋଜନାକୁ ଆଗାମୀ ୪୫ ରୁ ୬୦ ଦିନ ମଧ୍ୟରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ। ଭବିଷ୍ୟତରେ, ୟୁଆଇଡିଏଆଇ ୧୫ ବର୍ଷ ବୟସ ପରେ ଆବଶ୍ୟକ ଦ୍ୱିତୀୟ ବାୟୋମେଟ୍ରିକ୍ ଅପଡେଟ୍ ସ୍କୁଲ ଏବଂ କଲେଜ ମାଧ୍ୟମରେ କାର୍ଯ୍ୟକାରୀ କରିବାକୁ ମଧ୍ୟ ଯୋଜନା କରୁଛି।

**୭ କୋଟି ପିଲାଙ୍କୁ କରାଯିବ ସାମିଲ**




# 'ସମର୍ପଣ ଭାବ ନେଇ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହୁଅନ୍ତୁ ଯୁବ ପ୍ରତିଭା'

ବଲାଙ୍ଗିର,୨୦।୭ (ସମିସ): ଆଜି ସମୟ ଆସିଛି ନିଜର ମେଧା, ପ୍ରତିଭା ଓ ଉଦ୍‌ଯୋଗକୁ ଦେଶଗଠନ ଓ ରାଷ୍ଟ୍ର ନିର୍ମାଣରେ ବିନିଯୋଗ କରି ଏକ ଜାତୀୟ କର୍ତ୍ତବ୍ୟର ସମ୍ପାଦନ କରିବା। ପ୍ରତିଭାଦୀପ୍ତ ତରୁଣ ଓ ଯୁବବର୍ଗଙ୍କ ସମର୍ପଣ ଭାରତକୁ ବିଶ୍ୱର ଅଦ୍ୱିତୀୟ ରାଷ୍ଟ୍ରରେ ରୂପାନ୍ତରିତ କରିବ ବୋଲି ଯୁବୋଦୟ ପକ୍ଷରୁ ଅୟୋଜିତ ଆଚିଭର୍ସ ମିଟ୍ ସମାବେଶରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ରାଜ୍ୟର ପ୍ରତିଭା ସୃଷ୍ଟିକାରୀ ବିଶ୍ୱସନୀୟ ଶିକ୍ଷାନୁଷ୍ଠାନ ଯୁବୋଦୟ ଆନୁକୂଲ୍ୟରେ ନିଟ୍ ଓ ଜେଇଇ - ୨୦୨୫ର ସଫଳ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା। ଯୁବୋଦୟରେ ପ୍ରଶିକ୍ଷଣ ନେଇ ଆଶାତୀତ ସଫଳତା ହାସଲ କରିଥିବା କୃତୀ ଶିକ୍ଷାର୍ଥୀମାନଙ୍କୁ ଚଳିତବର୍ଷ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ନିଟ୍ ଓ ଜେଇଇ -୨୦୨୫ ରେ କୃତୀତ୍ୱ ପାଇଁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଯୁବୋଦୟର ଅଧ୍ୟକ୍ଷ ତଥା ସମାଜସେବୀ ଓ ସାରସ୍ୱତ ସାଧକ ଅଭିରାମ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ମାନବାଧିକାର ଆୟୋଗର ସଭ୍ୟ ନ୍ୟାୟମୂର୍ତ୍ତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ଆର୍ନ୍ତଜାତୀୟ ସ୍ନାୟୁ ଶୈଲ୍ୟ ବିଶେଷଜ୍ଞ ପ୍ରଫେସର ଡ. ଅଶୋକ ମହାପାତ୍ର, ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡ. ଶିଶୁଶଙ୍କର ମିଶ୍ର, ପୂର୍ବତନ ରାଷ୍ଟ୍ରଦୂତ ସଞ୍ଜୟ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଯୁବୋଦୟ ନିର୍ଦ୍ଦେଶକ ତଥା ବିଶିଷ୍ଟ ଶିକ୍ଷା ଉଦ୍ୟୋଗୀ ଅମ୍ବରିଶ ଦାଶ ସ୍ୱାଗତଭାଷଣ ଦେଇ ଯୁବୋଦୟର କାର୍ଯ୍ୟଧାରା ଓ ନିଷ୍ଠାପର ଶିକ୍ଷା ସେବା ସମ୍ବନ୍ଧରେ ସୂଚନା ଦେଇଥିଲେ। ଚଳିତବର୍ଷ ନିଟ୍ ଓ ଜେଇଇ ପ୍ରବେଶିକା ପରୀକ୍ଷାରେ ଆଶାତୀତ ସଫଳତା ପାଇଥିବା ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଅଭିଭାବକଙ୍କ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ବିଗତ ବର୍ଷରେ ମେଡିକାଲ ପ୍ରବେଶିକା ପରୀକ୍ଷାରେ କୃତୀତ୍ୱ ଅର୍ଜନ କରି ସଂପ୍ରତି ଦେଶର ବିଭିନ୍ନ ମେଡିକାଲ କଲେଜରେ ଅଧ୍ୟୟନ କରୁଥିବା ପୁରାତନ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଡାକ୍ତରୀ ଶିକ୍ଷା, ଇଞ୍ଜିନିୟରିଂ ଅଧ୍ୟୟନ ଓ ବୈଷୟିକ ଶିକ୍ଷା ପାଇଁ ଯୁବୋଦୟ ଏକ ପ୍ରୟୋଗଶାଳା ବୋଲି ଅଭିହିତ କରି ଅତିଥିମାନେ ନିର୍ଦ୍ଦେଶକ ଶ୍ରୀ ଦାସଙ୍କୁ ପ୍ରଶଂସା କରିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ। ଅତିଥି ଓ ବିଭିନ୍ନ ବର୍ଗର ବ୍ୟକ୍ତିମାନେ ଯୋଗଦେଇ ଯୁବୋଦୟର ପୁରାତନ ଛାତ୍ରଛାତ୍ରୀ ଆଚିଭର୍ସମାନଙ୍କ ସହ ଭାବ ବିନିମୟ କରିଥିଲେ।

**ଯୁବୋଦୟ ଆଚିଭର୍ସ ମିଟ୍‌ରେ ପ୍ରତିଭା ସମ୍ମାନ**



# ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଦିନକରେ କଲେ ୭୯ କୋଟି ରୋଜଗାର

ନୂଆଦିଲ୍ଲୀ,୨୦।୭ (ଏଜେନ୍ସି)

ଜଣେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଗୋଟିଏ ଦିନରେ ପ୍ରାୟ ୭୯ କୋଟି ଟଙ୍କା ରୋଜଗାର କରିଛନ୍ତି। ତାଙ୍କ ନାମ ନାରା ଭୁବନେଶ୍ୱରୀ। ସେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ପତ୍ନୀ। ନାରା ଭୁବନେଶ୍ୱରୀ ଗୋଟିଏ ଦିନରେ ଷ୍ଟକ୍ ବଜାରରୁ ଏତେ ଟଙ୍କା ରୋଜଗାର କରିଛନ୍ତି। ଶୁକ୍ରବାର ନାରା ଭୁବନେଶ୍ୱରୀ ଏକ ଷ୍ଟକ୍ ରେ ବିପୁଳ ଲାଭ କରିଥିଲେ। ଏହି କମ୍ପାନୀର ଷ୍ଟକ୍ ଦ୍ରୁତ ଗତିରେ ଉପରମୁହାଁ ହୋଇଥିଲା, ଯାହା ନାରା ଭୁବନେଶ୍ୱରୀଙ୍କୁ ଲାଭ ଦେଇଥିଲା। ଶୁକ୍ରବାର ହେରିଟେଜ୍ ଫୁଡ୍ସ ଲିମିଟେଡର ଷ୍ଟକ୍ ମୂଲ୍ୟରେ ଏକ ବିରାଟ ବୃଦ୍ଧି ହୋଇଥିଲା। ହେରିଟେଜ୍ ଫୁଡ୍ସ ହେଉଛି ଏକ ଦୁଗ୍ଧ କମ୍ପାନୀ। ଏହା ୧୯୯୨ ମସିହାରେ ଆରମ୍ଭ ହୋଇଥିଲା। ଏହା ଦକ୍ଷିଣ ଭାରତରେ ବହୁତ ପ୍ରସିଦ୍ଧ। ହେରିଟେଜ୍ ଗ୍ରୁପ୍ ଟିଡିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁଙ୍କ ଦ୍ୱାରା ଆରମ୍ଭ ହୋଇଥିଲା।



ଏହି କମ୍ପାନୀ ଦୁଗ୍ଧ, ଖୁଚୁରା ଏବଂ କୃଷି କ୍ଷେତ୍ରରେ କାମ କରେ।

# ପ୍ରଦୂଷଣର ପେଣ୍ଠ: ସାହାଜବାହାଲ ଜେଏସ୍‌ଡବ୍ଲ୍ୟୁ କାରଖାନା

ଇବ୍‌ଥର୍ମାଲ,୨୦।୭ (ସମିସ)

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ କୁମ୍ଭାରବନ୍ଧ ପଞ୍ଚାୟତ ସାହାଜବାହାଲ ସ୍ଥିତ ଜେଏସ୍‌ଡବ୍ଲ୍ୟୁ ଘରୋଇ ପାୱାରପ୍ଲାଣ୍ଟ ଏବେ ଲୋକଙ୍କ ପାଇଁ ଅଭିଶାପ ପାଲଟିଛି। ଏଠାରେ ଇଣ୍ଡ ବରାଥ୍ ଉତ୍କଳ ଏନର୍ଜି ସହିତ ଏଏମ୍‌ୟୁ ସ୍ୱାକ୍ଷରିତ ହୋଇ ଇଣ୍ଡ ବରାଥ୍‌କୁ ଶାଗମାଛ ଦରରେ ଜମି ପ୍ରଦାନ କରାଗଲା। କମ୍ପାନୀ ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଣି ଫୋଟକା ହେଇଥିଲା। ପରେ ଇଣ୍ଡ ବରାଥ୍ ଉତ୍କଳ ଏନର୍ଜି ଦେବାଳିଆ ଘୋଷିତ ହେବାପରେ ଜେଏସ୍‌ଡବ୍ଲ୍ୟୁ ଅଧିଗ୍ରହଣ କରିଥିଲା। କିନ୍ତୁ ଏହାପରେ ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହେବା ପରିବର୍ତ୍ତେ ସେମାନଙ୍କ ଦୁର୍ଦ୍ଦଶା ବଢ଼ିଲା। ଏବେ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ଓ ବିକାଶ ଘର ଶୂନ ହୋଇଛି। ପ୍ଲାଣ୍ଟ ଚାଲିବା ଦିନଠାରୁ ଜେଏସ୍‌ଡବ୍ଲ୍ୟୁ ଅଞ୍ଚଳବାସୀଙ୍କୁ କେବଳ ପ୍ରଦୂଷଣ ଛଡ଼ା ଆଉ କିଛି ଦେଇନାହିଁ।

ପ୍ଲାଣ୍ଟ ଚିମିନିରୁ ପାଉଁଶ ବର୍ଷା ହେବା, ବେଆଇନ ଭାବେ ପାଉଁଶ ପରିବହନ କରିବା, ସମସ୍ୟା ନେଇ ଅଭିଯୋଗ କଲେ ପୁଲିସ ସହାୟତାରେ ଲୋକଙ୍କୁ ନାଲିଆଖି ଦେଖାଇବା, ରାସ୍ତାଘାଟରେ ପାଉଁଶ ଗଦେଇବା ଆଦି ଜେଏସ୍‌ଡବ୍ଲ୍ୟୁର ନିତିଦିନିଆଁ କାମ ହୋଇଛି। ୟୁଏସ୍‌ପି ନ ଥାଇ ପ୍ଲାଣ୍ଟ ବେଆଇନ ଭାବେ ଚିମିନି ଚଳାଉଛି। ସେହିପରି ପ୍ରଦୂଷଣ ନିୟନ୍ତ୍ରଣର ବୋର୍ଡ ନିୟମ ଅନୁସାରେ ପାଉଁଶର ସୁପରିଚାଳନା ସକାଶେ ନିଜସ୍ୱ ଆସ୍‌ପଣ୍ଡ ବା ପାଉଁଶ ପୋଖରୀ ମଧ୍ୟ କରିନାହିଁ ବରଂ ଭାରିଯାନ ଯୋଗେ ଅହରହ ବେଆଇନ ଆସ୍ ପରିବହନ କରୁଛି। ଏହାଦ୍ୱାରା ରାସ୍ତାରେ ପାଉଁଶ ପଡି ପ୍ରଦୂଷଣ ବଢ଼ିବଢ଼ି ଚାଲିଛି। ଏହି ପାଉଁଶ ପ୍ରଦୂଷଣ ଯୋଗୁ ଡିଲିଆ, ରମ୍ପେଲା, କୁମ୍ଭାରବନ୍ଧ ଓ ପିପିଲିକାନି ପଞ୍ଚାୟତ ଲୋକେ ବିଶେଷ ଭାବେ ପ୍ରଭାବିତ ହେବାସହ ଚର୍ମରୋଗ, କିଡିନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପ୍ଲାଣ୍ଟର ପ୍ରଦୂଷିତ ଜଳକୁ ରିସାଇକ୍ଲିଂ ନ କରି ସିଧାସଳଖ ଛାଡିଦେବା ଫଳରେ ତାହା ଯାଇ ହୀରାକୁଦ ନଦୀବନ୍ଧରେ ମିଶୁଛି। ପୁଣି ରାସ୍ତାଘାଟରେ ଗଦା ହୋଇଥିବା ପାଉଁଶ ବର୍ଷାଜଳରେ ଭାସି ଚାଷ ଜମି ନଷ୍ଟ କରିବା ସହ ଇବ ନଦୀରେ ସିଧାସଳଖ ମିଶୁଛି। ଏହିପରି ପ୍ଲାଣ୍ଟ ଦ୍ୱାରା ବାୟୁ, ଜଳ, ଜମି ଜଙ୍ଗଲ ବିଷ ବଳୟରେ ପରିଣତ ହୋଇଛି। ମଣିଷ ସହିତ ଜଳଚର ଓ ସ୍ଥଳଚର ଅନ୍ୟ ଜୀବ ମଧ୍ୟ ଏହାର କୁପରିଣାମ ଭୋଗୁଛନ୍ତି। ଏ ସଂକ୍ରାନ୍ତରେ ଅଞ୍ଚଳବାସୀ ତଥା ଆଞ୍ଚଳିକ ପରିବେଶ ସୁରକ୍ଷା କମିଟି ମୁଖ୍ୟମନ୍ତ୍ରୀଙ୍କଠାରୁ ଝାରସୁଗୁଡା ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଜେଏସ୍‌ଡବ୍ଲ୍ୟୁ ସାହାଜବାହାଲର ମେରିରାୟ ପଲିସି ଯୋଗୁ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

**ପାଉଁଶର ବିଷ ବଳୟ ଲୋକଙ୍କ ପାଇଁ କାଳ**

**ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ଚେତାବନୀ**



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୮୮୪- ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ଇଂଲଣ୍ଡର ଲର୍ଡସ୍ ମୈଦାନରେ ଖେଳାଗଲା।
- ୧୯୩୦- ବଲିଉଡ୍‌ର ଜଣାଶୁଣା ଗୀତିକାର ଆନନ୍ଦ ବକ୍ସିଙ୍କ ଜନ୍ମ।
- ୧୯୪୭- ଇଣ୍ଡୋନେସିଆରେ ପ୍ରଥମ ନିର୍ବାଚନ ଆରମ୍ଭ ହେଲା।
- ୧୯୬୩- କାଶୀ ବିଦ୍ୟାପୀଠକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଗଲା।
- ୧୯୮୮- ଭାରତୀୟ ଉପଗ୍ରହ ଇନ୍‌ସ୍ୟାଟ୍-୧ସିକୁ ପ୍ରକ୍ଷେପଣ କରାଗଲା।
- ୨୦୦୭- ପ୍ରତିଭା ପାଟିଲ୍ ଭାରତର ପ୍ରଥମ ମହିଳା ରାଷ୍ଟ୍ରପତି ହେଲେ।

## ଡିଗ୍ରୀ ପିଏଚ୍‌ଡି
# କାମ ଫୁଡ୍ ଡେଲିଭରି

ଚୀନ୍‌ର ୩୯ ବର୍ଷୀୟ ଡିଙ୍ଗ ୟୁଆନଝାଓ ସାମାଜିକ ଗଣମାଧ୍ୟମରେ ଏବେ ଚର୍ଚ୍ଚା ସାଉଁଟୁଛନ୍ତି। ତାଙ୍କୁ ଏବେ ସବୁଠୁ ଶିକ୍ଷିତ ଡେଲିଭରି ବଏ ବୋଲି କୁହାଯାଉଛି। ସେ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ପାଠପଢ଼ିବା ସତ୍ତ୍ୱେ ତାଙ୍କୁ ଭଲ ଚାକିରିଟିଏ ମିଳିଲା ନାହିଁ। ଫଳରେ ସେ ଏବେ ଫୁଡ୍ ଡେଲିଭରି ବଏର କାମ କରୁଛନ୍ତି। ଝିଘୁଆ ବିଶ୍ୱବିଦ୍ୟାଳୟରୁ ସେ ରସାୟନ ବିଜ୍ଞାନରେ ସ୍ନାତକ କରିଛନ୍ତି। ପୋକିଙ୍ଗ ବିଶ୍ୱବିଦ୍ୟାଳୟରୁ ଏନର୍ଜି ଇଞ୍ଜିନିୟରିଂରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। କେବଳ ସେତିକି ନୁହେଁ, ସିଙ୍ଗାପୁରର ନାନୟାଙ୍ଗ ଟେକ୍ନୋଲଜିକାଲ ୟୁନିର୍ଭସିଟିରୁ ଜୀବବିଜ୍ଞାନରେ ପିଏଚ୍‌ଡି କରିଥିବା ବେଳେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ସେ ଜୈବ ବିବିଧତାରେ ମଧ୍ୟ ଡିଗ୍ରୀ ହାସଲ କରିଛନ୍ତି। ଡିଙ୍ଗଙ୍କର ଏତେଗୁଡ଼ିଏ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ତାଙ୍କୁ ମନପସନ୍ଦର ଚାକିରିଟିଏ ମିଳିପାରିଲା ନାହିଁ। ସେ ଅନେକ କମ୍ପାନିକୁ ବାୟୋଡାଟା ପଠାଇ ଥିବା ବେଳେ ୧୦ରୁ ଅଧିକ ସାକ୍ଷାତକାର ମଧ୍ୟ ଦେଇଥିଲେ। ଏହାପରେ ବି ଚାକିରିରେ ତାଙ୍କୁ ସଫଳତା ମିଳିପାରିନି। ତେବେ ଡିଙ୍ଗ ସିଙ୍ଗାପୁରର ନ୍ୟାସନାଲ ୟୁନିର୍ଭସିଟିରେ କିଛି ଦିନ ପୋଷ୍ଟ ଡକ୍ଟରାଲ ଗବେଷକ ଭାବେ ମଧ୍ୟ କାମ କରିଥିଲେ। ଚୁକ୍ତିଭିତ୍ତିକ ଭାବେ ଏଥିରେ କାମ କରିବା ପରେ ଏହାର ସମୟ ଶେଷ ହୋଇଥିଲା। ସେଇଠୁ ଡିଙ୍ଗଙ୍କୁ ଶେଷରେ ଫୁଡ୍ ଡେଲିଭରିରେ କାମ କରିବାକୁ ହେଲା। ଡିଙ୍ଗ ବିଶ୍ୱାସ କରନ୍ତି ଯେ, ଚାକିରି କାହାର କେବେ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ହୋଇ ନଥାଏ। ସେହିପରି ସେ ଫୁଡ୍ ଡେଲିଭରିକୁ ଏକ ସ୍ଥିର ଚାକିରି ବୋଲି କହିଛନ୍ତି। ଏଥିରେ ସେ ତାଙ୍କ ପରିବାର ଚଳାଇ ପାରୁଥିବା କହିଛନ୍ତି। ତାଙ୍କ ମତରେ ଏଥିରେ ପରିଶ୍ରମ କଲେ ଭଲ ରୋଜଗାର କରିବା ସମ୍ଭବ। ତା'ସହ ଏହାଦ୍ୱାରା ତାଙ୍କର ଏକପ୍ରକାର ବ୍ୟାୟାମ ବି ହୋଇଯାଉଛି। ସେ ମେଳାପି ସ୍ୱଭାବର ହୋଇ ନ ଥିବାରୁ ଟ୍ୟୁସନ୍ ମଧ୍ୟ କରିପାରିବେ ନାହିଁ ବୋଲି କହିଛନ୍ତି। ଅନ୍ୟପଟେ ଡିଙ୍ଗଙ୍କ ଏହି କାର୍ଯ୍ୟକୁ ନେଇ ସାମାଜିକ ଗଣମାଧ୍ୟମରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେହି କେହି ତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିବାବେଳେ ଆଉ କେତେଜଣ ଯଦି ଚାକିରି ନ ମିଳୁଛି ଏତେ ପାଠ ପଢ଼ି ଲାଭ କ'ଣ ବୋଲି ପ୍ରଶ୍ନ କରିଛନ୍ତି।





## 'ଲଭ୍ ଆଣ୍ଡ ୱାର୍'
# ରଣବୀର ଓ ଭିକିଙ୍କ ମଧ୍ୟରେ ମହା ମୁକାବିଲା

ସଞ୍ଜୟ ଲୀଲା ଭଁସାଲିଙ୍କ ଡ୍ରିମ୍ ପ୍ରୋଜେକ୍ଟ 'ଲଭ୍ ଆଣ୍ଡ ୱାର୍'ରେ ରଣବୀର କପୁର, ଭିକି କୌଶଲ ଓ ଆଲିଆ ଭଟ୍ଟ ଲିଡ୍ ରୋଲରେ ଦେଖାଯିବେ। ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଏହା ଆଧାରିତ ହେବ। ଏହି ଫିଲ୍ମରେ ଏକ ଜବରଦସ୍ତ ଆକ୍ସନ୍ ସିନ୍ ରହିଛି। ଏଥିରେ ଭିକି ଓ ରଣବୀର ପରସ୍ପର ସହ ଲଢୁଥିବାର ଦେଖାଯିବେ। ରଣବୀର ଓ ଭିକିଙ୍କ ମଧ୍ୟରେ ଏହି ମୁକାବିଲା ହିଁ ଫିଲ୍ମର ଆକର୍ଷଣ ସାଜିବ ବୋଲି କୁହାଯାଉଛି। ତେବେ ଏହି ସିନ୍‌କୁ ଏକ ଅଜ୍ଞାତ ସ୍ଥାନରେ ସୁଟ୍ କରାଯିବ। ଏହି ସିନ୍ ସୁଟ୍ ପାଇଁ ସେଟ୍‌କୁ ଏକ ବଡ଼ ସିନେମା ଇଭେଣ୍ଟ ଭଳି ଡିଜାଇନ୍ କରାଯିବ। ଏହାର ସୁଟିଂ ପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଗଲାଣି। ଜାନୁଆରୀ, ୨୦୨୪ରେ ସଞ୍ଜୟ 'ଲଭ୍ ଆଣ୍ଡ ୱାର୍' ଫିଲ୍ମ କଥା ଘୋଷଣା କରିଥିଲେ। ଏହା ମାର୍ଚ୍ଚ ୨୦୨୬ରେ ପରଦାକୁ ଆସିବ। ତେବେ ସଞ୍ଜୟ ତାଙ୍କ ଆଗ ଫିଲ୍ମଗୁଡ଼ିକ ଭଳି ଏହି ଫିଲ୍ମକୁ ବ୍ଲକ୍‌ବଷ୍ଟର୍ କରିପାରୁଛନ୍ତି କି ନାହିଁ ତାହା ଦେଖିବାକୁ ବାକି ରହିଲା।

## ପେଟ ଭିତରେ ଜିଅନ୍ତା ମାଛ

ଚୀନ୍‌ରୁ ଏକ ଅଜବ ତଥା ସମ୍ପୂର୍ଣ୍ଣ ଦୁର୍ଲଭ ଘଟଣା ସାମ୍ନାକୁ ଆସିଛି। ହୁନାନ ଅଞ୍ଚଳର ଜଣେ ୩୩ ବର୍ଷୀୟ ବ୍ୟକ୍ତିଙ୍କର ଅସହ୍ୟ ପେଟ ଯନ୍ତ୍ରଣା ହେବାରୁ ସେ ହସ୍‌ପିଟାଲ ଗଲେ। ସେଠାରେ ଡାକ୍ତର ତାଙ୍କର ପରୀକ୍ଷା କରିବାରୁ ଫୁଟେ ଲମ୍ବାର ଏକ ଜିଅନ୍ତା ମାଛ ତାଙ୍କ ପେଟ ଭିତରେ ଥିବାର ଜଣାପଡ଼ିଲା। ଏହି ଘଟଣାରେ କେବଳ ସାଧାରଣ ଲୋକ ନୁହଁନ୍ତି, ବରଂ ଡାକ୍ତରମାନେ ବି ବିସ୍ମିତ ହୋଇଛନ୍ତି। ତାଙ୍କ ପେଟର ସିଟି ସ୍କାନ କରାଯିବାରୁ ଏକ ବଡ଼ ଲମ୍ବା ବସ୍ତୁ ପେଟ ଭିତରେ ଭାସୁଥିବାର ଦେଖାଗଲା। ତେଣୁ ଡାକ୍ତରମାନେ ତାଙ୍କର ଅସ୍ତ୍ରୋପଚାର କରିବା ନିଷ୍ପତ୍ତି ନେଲେ। ଏହି ସମୟରେ ଡାକ୍ତରମାନେ ତାଙ୍କ ପେଟ ଭିତରେ ଜିଅନ୍ତା ଇଲ୍ ମାଛ ଭାସୁଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଅସ୍ତ୍ରୋପଚାର ସମୟରେ ଜଣାପଡ଼ିଲା ଇଲ୍‌ଟି ତାଙ୍କ ଅନ୍ତନଳୀକୁ ସମ୍ପୂର୍ଣ୍ଣ ଛେଦ କରି ପେଟ ଭିତରେ ପହଁଚୁଛି। ଏହାପରେ ଡାକ୍ତରମାନେ ଅସ୍ତ୍ରୋପଚାର ମାଧ୍ୟମରେ ମାଛଟିକୁ ବାହାର କରି ଦେଇଥିଲେ। ସର୍ଜରୀ ପରେ ଏହି ବ୍ୟକ୍ତି ଜଣକ ଏବେ ସୁସ୍ଥ ଅଛନ୍ତି। ତେବେ ଏହି ବ୍ୟକ୍ତି ଜଣକ ପେଟକୁ କିପରି ଜିଅଁନ୍ତା ମାଛ ଆସିଲା ତାହା ଜଣାପଡ଼ିନାହିଁ।





## ଷୋଳ ସୋମବାର ବ୍ରତର ଲାଭ

ହିନ୍ଦୁ ଶାସ୍ତ୍ରରେ ସୋମବାର ଅତ୍ୟନ୍ତ ସ୍ୱତନ୍ତ୍ର ବିବେଚନା କରାଯାଏ। ଏହା ପଛର କାରଣ ହେଉଛି ଏହି ଦିନ ଭଗବାନ ଶିବଙ୍କୁ ସମର୍ପିତ। ଦେବ ଦେବ ମହାଦେବଙ୍କୁ ପ୍ରସନ୍ନ କରିବା ଏବଂ ତାଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ଶ୍ରଦ୍ଧାଳୁମାନେ ଷୋଳ ସୋମବାର ବ୍ରତ ପାଳନ କରିଥାନ୍ତି। କୁହାଯାଏ, ଏହି ବ୍ରତକୁ ପୂରା ଶ୍ରଦ୍ଧା ଓ ବିଧିବିଧାନ ସହିତ ପାଳନ କରିବା ଦ୍ୱାରା ସମସ୍ତ ମନସ୍କାମନା ପୂରଣ ହୁଏ। ଏହି ବ୍ରତ ଅବିବାହିତ ଝିଅଙ୍କ ପାଇଁ ଫଳଦାୟୀ। ମାତା ପାର୍ବତୀ ଭଗବାନ ଶିବଙ୍କୁ ନିଜ ସ୍ୱାମୀ ଭାବେ ପାଇବା ପାଇଁ ଏହି ବ୍ରତ ରଖିଥିଲେ ବୋଲି କୁହାଯାଏ। ବିବାହିତ ମହିଳା ବୈବାହିକ ଜୀବନରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ପାଇଁ ଏହି ବ୍ରତ ରଖନ୍ତି। ଏହା ଦ୍ୱାରା ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପ୍ରେମ ଓ ବୁଝାମଣା ବଢ଼ିଥାଏ ଏବଂ ଘର ପରିବାରରେ ଖୁସି ଆସେ। ସନ୍ତାନ ସୁଖ କାମନା ଲାଗି ଷୋଳ ସୋମବାର ବ୍ରତ କରିବା ଶୁଭଙ୍କର। ଏହି ବ୍ରତ କରିବା ଦ୍ୱାରା ଅଜାଣତରେ କରାଯାଇଥିବା ପାପ ନାଶ ହୁଏ ଏବଂ ଜୀବନର ବାଧା ବିଘ୍ନ ଦୂର ହୁଏ। ଜାତକରେ ଅଶୁଭ ଗ୍ରହ ଥିଲେ ଏହି ବ୍ରତ ଦ୍ୱାରା ନକାରାତ୍ମକ ପ୍ରଭାବ କମ୍ ହୁଏ। ଜୀବନରେ ସୁଖ ଶାନ୍ତି ଆସେ। ଏହି ବ୍ରତ ରଖିବା ଦ୍ୱାରା ଘରେ ଧନ ବୃଦ୍ଧି ହୁଏ। ଆର୍ଥିକ ସ୍ଥିତି ମଜଭୁତ ହୁଏ।

# ସ୍ୱସ୍ତି

## ବୋଲବମ୍ ଯାତ୍ରାର ମହତ୍ତ୍ୱ

**ଶ୍ରାବଣ ମାସରେ ବୋଲବମ୍ ଯାତ୍ରାର ବିଶେଷ ମହତ୍ତ୍ୱ ଅଛି। ଦେବଦେବ ମହାଦେବଙ୍କୁ ସମର୍ପିତ ଏହି ପବିତ୍ର ମାସରେ ଭକ୍ତମାନେ ଭଗବାନ ଶିବଙ୍କୁ ଜଳାଭିଷେକ କରିଥାନ୍ତି। ସେଥିପାଇଁ ସେମାନେ ବୋଲବମ୍ ଯାତ୍ରା କରିଥାନ୍ତି। ଶିବଭକ୍ତମାନେ ଗେରୁଆ ବସ୍ତ୍ର ପରିଧାନ ସହ ବାହୁଙ୍ଗିରେ ପବିତ୍ର କଳସ ଜଳକୁ ବହନ କରି ଖାଲି ପାଦରେ ଚାଲିଥାନ୍ତି।**

**ପର୍ଶୁରାମଙ୍କଠୁ ଆରମ୍ଭ:** ହିନ୍ଦୁ ଧର୍ମ ଅନୁସାରେ, ଭଗବାନ ଶିବ ଭକ୍ତ ପର୍ଶୁରାମ ସର୍ବପ୍ରଥମେ ଶ୍ରାବଣ ମାସରେ ବୋଲବମ୍ ଯାତ୍ରାରେ ବାହାରି ଥିଲେ। ସେ ଗଙ୍ଗାଜଳ ଶିବଲିଙ୍ଗ ଉପରେ ଲାଗି କରିଥିଲେ। ସେବେଠୁ ଶିବଭକ୍ତମାନେ ଏହି ପରମ୍ପରା ପାଳନ କରି ଆସୁଛନ୍ତି। ଶ୍ରାବଣ ମାସରେ ଶିବଭକ୍ତ ପବିତ୍ର ନଦୀରୁ ଜଳ ଆଣିବା ଯାତ୍ରାକୁ ବୋଲବମ୍ ବା କାଉଡ଼ି ଯାତ୍ରା କୁହାଯାଏ। ଭକ୍ତମାନେ ନଦୀରୁ ଜଳ ଆଣି ମହାଦେବଙ୍କଠାରେ ଜଳାଭିଷେକ କରନ୍ତି।

**ଖାଲିପାଦରେ ଚାଲନ୍ତି ଶିବଭକ୍ତ:** ଶିବଙ୍କୁ ଆରାଧନା ଓ ଉପାସନା ପାଇଁ ସମର୍ପିତ ଏହି ମାସ। ମାନ୍ୟତା ଅଛି, ଶ୍ରାବଣ ମାସ ଯାକ ମହାଦେବ ହରିଦ୍ୱାରରେ ନିବାସ କରିଥାନ୍ତି। ସେହିପରି ଏହି ମାସରେ ବିଷ୍ଣୁ ଶୟନ ମୁଦ୍ରାରେ ରହୁଥିବାରୁ ତିନି ଲୋକର କଥା ବୁଝନ୍ତି ସ୍ୱୟଂ ମହାଦେବ। ଏହି କାରଣ ଯୋଗୁଁ ବୋଲବମ୍ ଯାତ୍ରୀ ଗଙ୍ଗାଜଳ ପାଇଁ ହରିଦ୍ୱାର ଆସନ୍ତି। ଏହି ଯାତ୍ରା ସମୟରେ ଭକ୍ତମାନେ ଖାଲିପାଦରେ ଚାଲନ୍ତି। ଅନ୍ୟପଟେ ଏବେ ବୋଲବମ୍ ଯାତ୍ରାରେ କେବଳ ପୁରୁଷ ନୁହଁନ୍ତି, ମହିଳା ଓ ଛୋଟପିଲାମାନେ ମଧ୍ୟ ସାମିଲ ହେଉଥିବା ଦେଖିବାକୁ ମିଳୁଛି।



# କାଉଡ଼ିଆ କଥା

**ସମ୍ପ୍ରତି ବୋଲବମ୍ ଯାତ୍ରାରେ ଆସ୍ଥାର ଅଲଗା ଦୃଶ୍ୟ ନଜର ଆସୁଛି। ଏହି କ୍ରମରେ ଉତ୍ତର ପ୍ରଦେଶ ମୁଜାଫରନଗରରୁ ଏକ ହୃଦୟସ୍ପର୍ଶୀ ଘଟଣା ସାମ୍ନାକୁ ଆସିଛି। ଏଠାରେ ୧୦ ବର୍ଷ ବୟସର ଜଣେ ବାଳକ ଦଣ୍ଡବତ କାଉଡ଼ି ଯାତ୍ରାରେ ବାହାରିଛନ୍ତି।**



ଶାମଲି ଜନପଦରେ ରହୁଥିବା ୧୭ ବର୍ଷୀୟା ଶିବମ୍ କର୍କଟ ରୋଗରେ ପୀଡ଼ିତ ଥିଲେ। ପରିବାର ଲୋକେ ଯେତେବେଳେ ଶିବମ୍‌ଙ୍କ ଚିକିତ୍ସାରେ ବ୍ୟସ୍ତ ଥିଲେ, ସେତିକି ବେଳେ ତାଙ୍କ ୧୦ ବର୍ଷ ବୟସର ସାନ ଭାଇ ଭଗବାନ ଶିବଙ୍କ ପାଖରେ ମନସ୍କାମନା କଲେ। ସେ କହିଥିଲେ, ତାଙ୍କ ଭାଇ ସୁସ୍ଥ ହୋଇଗଲେ, ସେ ଦଣ୍ଡବତ କାଉଡ଼ି ଯାତ୍ରା କରିବେ। ଶିବମ୍‌ଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ସୁସ୍ଥ ଅଛନ୍ତି। ତେଣୁ କୃଷ୍ଣା ତାଙ୍କ କଥା ରଖି ହରିଦ୍ୱାରରୁ ଦଣ୍ଡବତ କାଉଡ଼ି ଯାତ୍ରାରେ ବାହାରିଛନ୍ତି। ହରିଦ୍ୱାରରୁ ଗଙ୍ଗା ଜଳ ଉଠାଇଛନ୍ତି ଏବଂ ସେ ନିତିଦିନ ୧୦ କିମି ଦଣ୍ଡବତ ଯାତ୍ରା କରୁଛନ୍ତି। ଅର୍ଥାତ୍ ସେ ତଳେ ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ କରି ଯାତ୍ରା କରୁଥିବା ଦେଖା ଯାଇଛି। ସେହିପରି ତାଙ୍କ ସହିତ ତାଙ୍କ ବଡ଼ ଭାଇ ଶିବମ୍ ଏବଂ ପରିବାର ଲୋକ ବି ପଦଯାତ୍ରା କରୁଛନ୍ତି। ଶେଷରେ ସେମାନେ ଶାମଲିରେ ଜଳାଭିଷେକ କରିବେ। କୃଷ୍ଣା କହନ୍ତି, ଥକ୍କା ଲାଗିଲେ, ରାସ୍ତାରେ ବିଶ୍ରାମ ନିଅନ୍ତି। ରାସ୍ତାରେ କୃଷ୍ଣାଙ୍କ ଭକ୍ତିଭାବକୁ ଦେଖି ଲୋକେ ଭାବବିହ୍ୱଳ ହେଉଛନ୍ତି। ଏହାସହ ତାଙ୍କୁ କେହି ପାଣି ପିଇବାକୁ ଦେଉଥିବା ବେଳେ ଆଉ କିଏ ଖାଦ୍ୟ ପ୍ରଦାନ କରୁଛନ୍ତି। ଅନ୍ୟପଟେ କୃଷ୍ଣାଙ୍କର ଏହି ଯାତ୍ରା ଭାଇଚାରା, ଆସ୍ଥା ଏବଂ ଦୃଢ଼ ସଂକଳ୍ପର ଏକ ପ୍ରେରଣାଦାୟୀ ମିଶାଲ ସୃଷ୍ଟି କରିଛି।

## ଆଂଶିକ ଉପବାସ

**ବିଭିନ୍ନ ପର୍ବ ତଥା ଓଷାବ୍ରତରେ ଲୋକେ ଉପବାସ ରଖନ୍ତି। କିଏ ନିର୍ଜଳା ଉପବାସ ରଖନ୍ତି ତ ଆଉ କିଏ କେବଳ ଫଳ ଖାଇ ଉପବାସ ପାଳନ କରିଥାନ୍ତି। ସେହିପରି କେହି କେହି ଆଂଶିକ ଉପବାସ ବି କରନ୍ତି। ତେବେ ଏ ଆଂଶିକ ଉପବାସ କ'ଣ, ସେ ସମ୍ପର୍କରେ ଜାଣିବା।**

- ଏହି ଉପବାସରେ କେବଳ ଥରୁଟିଏ ଭୋଜନ କରିବାକୁ ହୋଇଥାଏ।
- ଭୋଜନରେ ପିଆଜ, ରସୁଣ ଏବଂ ଆମିଷ ଖାଇବା ମନା।
- ଏଥିରେ ଫଳ, ଶାଗୁ, କ୍ଷୀର ଆଦି ଥରେ ଖିଆଯାଏ।
- ଜଣେ ନିଜ ସମୟ ଓ ସୁବିଧାରେ ଏହି ଉପବାସ ପାଳନ କରିପାରିବେ।
- ଆଂଶିକ ଉପବାସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶରୀରକୁ ଆଦୌ ଭୋକିଲା ନ ରଖି ମନ ଓ ଇନ୍ଦ୍ରିୟକୁ ନିୟନ୍ତ୍ରଣରେ ରଖିବା।
- ତେବେ ଏହି ଉପବାସ ଏକାଦଶୀ ଏବଂ ନବରାତ୍ରୀରେ ଅଧିକ ପ୍ରଚଳିତ।



## ଇସିବିକୁ ୨୦୩୧ ପର୍ଯ୍ୟନ୍ତ ଡବ୍ଲ୍ୟୁଟିସି ଫାଇନାଲ ଆୟୋଜନ ଅଧିକାର

**ସିଙ୍ଗାପୁର, ୨୦।୭ (ଏଜେନ୍ସି):** ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ପକ୍ଷରୁ ରବିବାର ଏକ ବଡ଼ ନିଷ୍ପତ୍ତି ନିଆଯାଇଛି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ର ଆଗାମୀ ୩ଟି ସଂସ୍କରଣର ଫାଇନାଲ ମ୍ୟାଚ୍ ଆୟୋଜନ ଅଧିକାର ଇଂଲଣ୍ଡ ଆଣ୍ଡ୍ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି)କୁ ମିଳିଛି। ପୂର୍ବରୁ ଇଂଲଣ୍ଡରେ ଡବ୍ଲ୍ୟୁଟିସିର ପ୍ରଥମ ୩ଟି ସଂସ୍କରଣ ୨୦୨୧, ୨୦୨୩ ଓ ୨୦୨୫ର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଯଥାକ୍ରମେ ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଚାମ୍ପିଅନ ହୋଇଥିଲେ। ଆଇସିସିର ସଦ୍ୟ ନିଷ୍ପତ୍ତି ମୁତାବକ ୨୦୨୭, ୨୦୨୯ ଓ ୨୦୩୧ ସଂସ୍କରଣର ଡବ୍ଲ୍ୟୁଟିସି ଫାଇନାଲ ମଧ୍ୟ ଇଂଲଣ୍ଡରେ ଆୟୋଜନ ହେବ। ପ୍ରଥମ ୩ଟି ସଂସ୍କରଣର ଫାଇନାଲକୁ ସଫଳତାର ସହ ଆୟୋଜନ କରିଥିବାରୁ ଇଂଲଣ୍ଡକୁ ଆଗାମୀ ୩ଟି ଫାଇନାଲ ଆୟୋଜନ ଅଧିକାର ପ୍ରଦାନ କରାଯାଇଛି ବୋଲି ସିଙ୍ଗାପୁରରେ ଅନୁଷ୍ଠିତ ଆଇସିସିର ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ୍)ରେ କୁହାଯାଇଛି। ଆଇସିସିର ଏହି ନିଷ୍ପତ୍ତି ଫଳରେ ବିଶ୍ୱର ସବୁଠୁ ଧନୀ କ୍ରିକେଟ୍ ବୋର୍ଡ ବିସିସିଆଇକୁ ଝଟ୍କା ଲାଗିଛି। ନିକଟରେ ବିସିସିଆଇ ଡବ୍ଲ୍ୟୁଟିସିର ଆଗାମୀ ଫାଇନାଲ ଆୟୋଜନ ନେଇ ଆଗ୍ରହ ପ୍ରକାଶ କରିଥିଲା।

## ୧୧୦ରେ ପହଞ୍ଚିଲା ଆଇସିସି ସଦସ୍ୟ ସଂଖ୍ୟା

**ସିଙ୍ଗାପୁର, ୨୦।୭ (ଏଜେନ୍ସି):** ଆଫ୍ରିକୀୟ ରାଷ୍ଟ୍ର ଜାମ୍ବିଆ ଓ ଏସୀୟ ରାଷ୍ଟ୍ର ତିମୋର-ଲେଷ୍ଟେ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ନୂଆ ସଦସ୍ୟତା ଲାଭ କରିଛନ୍ତି। ଫଳରେ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସିର ସଦସ୍ୟ ସଂଖ୍ୟା ୧୧୦ରେ ପହଞ୍ଚିଛି। 'ଆଇସିସି ପରିବାରରେ ୨ଟି ନୂଆ ସଦସ୍ୟ ଯୋଡ଼ି ହୋଇଛନ୍ତି। ଜାମ୍ବିଆ କ୍ରିକେଟ୍ ୟୁନିୟନ ଓ ତିମୋର-ଲେଷ୍ଟେ କ୍ରିକେଟ ମହାସଂଘ ଆନୁଷ୍ଠାନିକ ଭାବେ ଆଇସିସି ସହଯୋଗୀ ସଦସ୍ୟତା ଲାଭ କରିଛନ୍ତି। ଆଇସିସି ସଦସ୍ୟ ରାଷ୍ଟ୍ର ସଂଖ୍ୟା ଏଥିସହ ୧୧୦ରେ ପହଞ୍ଚିଛି' ବୋଲି ଆଇସିସି ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଆଫ୍ରିକା ମହାଦେଶର ୨୨ତମ ଦେଶ ଭାବେ ଜାମ୍ବିଆ ଆଇସିସିରେ ସାମିଲ ହୋଇଛି। ସେହିଭଳି ତିମୋର-ଲେଷ୍ଟେ ପୂର୍ବ ଏସିଆର ୧୦ମ ରାଷ୍ଟ୍ର ଭାବେ ବିଶ୍ୱ କ୍ରିକେଟ୍ ବୋର୍ଡର ସଦସ୍ୟତା ହାସଲ କରିଛି।

## ଜିମ୍ବାୱେର ହ୍ୟାଟ୍ରିକ୍ ପରାଜୟ

**ହରାରେ, ୨୦।୭ (ଏଜେନ୍ସି):** ଆୟୋଜକ ଜିମ୍ବାୱେ ଏଠାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ହ୍ୟାଟ୍ରିକ ପରାଜୟବରଣ କରିଛି। ରବିବାର ଏକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୭ ୱିକେଟ୍‌ରେ ଘରୋଇ ଜିମ୍ବାୱେକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି ଜିମ୍ବାୱେ ୬ ୱିକେଟ୍‌ରେ ୧୪୪ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୭.୨ ଓଭରରେ ୩ ୱିକେଟ୍ ହରାଇ ବିଜୟୀ ହୋଇଥିଲା।



## ୧୭ ବର୍ଷର ଜାତୀୟ ରେକର୍ଡ ଭାଙ୍ଗିଲେ ନଟରାଜ

**ବର୍ଲିନ, ୨୦।୭ (ଏଜେନ୍ସି):** ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଭାରତର ଅଲିମ୍ପିଆନ ସନ୍ତରଣକାରୀ ଶ୍ରୀହରି ନଟରାଜ ଆଉ ୨ଟି ଇଭେଣ୍ଟରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ୧୦୦ ମିଟର ଫ୍ରିଷ୍ଟାଇଲ୍ ଓ ୫୦ ମିଟର୍ ବ୍ୟାକ୍‌ଷ୍ଟ୍ରୋକରେ ଶ୍ରୀହରି ସେମିକୁ ଉଠିଛନ୍ତି। ୧୦୦ ମିଟର୍ ଫ୍ରିଷ୍ଟାଇଲ୍ ରେସକୁ ସେ ୪୯.୪୬ ସେକେଣ୍ଡରେ ଫିନିଶ୍ କରି ୧୭ ବର୍ଷ ତଳର ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ୨୦୦୮ରେ ବିର୍ଦ୍ଧାୱାଲ୍ ଖାଡେ ୪୯.୪୭ ସେକେଣ୍ଡରେ ରେସ୍ ଶେଷ କରି ଜାତୀୟ ରେକର୍ଡର ଅଧିକାରୀ ରହିଥିଲେ। ପୂର୍ବରୁ ଶ୍ରୀହରି ଏହି ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ୨୦୦ ମିଟର୍ ଫ୍ରିଷ୍ଟାଇଲ୍‌ରେ ଜାତୀୟ ରେକର୍ଡ ଭଙ୍ଗକରି ମଧ୍ୟ ସେମିରେ ପ୍ରବେଶ କରିଥିଲେ।

## ପ୍ରଥମ ଟି-୨୦: ବାଂଲାଦେଶଠୁ ୭ ୱିକେଟ୍‌ରେ ହାରିଲା ପାକିସ୍ତାନ

**ଢାକା, ୨୦।୭ (ଏଜେନ୍ସି):** ଏଠାରେ ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚରେ ଘରୋଇ ବାଂଲାଦେଶ ୭ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ଫକର୍ ଜମାନଙ୍କ ୪୪ ରନ ବଳରେ ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ୧୯.୩ ଓଭରରେ ୧୦୯ ରନରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ବାଂଲାଦେଶ ପରଭେଜ ହୋସେନ ଏମନଙ୍କ ଅପରାଜିତ ୫୬ ରନ ସହାୟତାରେ ୧୫.୩ ଓଭରରେ ୩ ୱିକେଟ୍ ବିନିମୟରେ ବିଜୟୀ ହୋଇଥିଲା। ଟି-୨୦ କ୍ରିକେଟ୍‌ରେ ପାକିସ୍ତାନ ବିପକ୍ଷରେ ବାଂଲାଦେଶର ଏହା ୪ର୍ଥ ବିଜୟ। ସିରିଜର ୨ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ।

### ଚତୁର୍ଥ ଟେଷ୍ଟ ପୂର୍ବରୁ ଭାରତର ଅଡୁଆ ବଢ଼ିଲା

# ଦୀପ୍, ଅର୍ଶଦୀପ୍ ଆହତ; କାମ୍ବୋଜ ସାମିଲ

ଲଣ୍ଡନ,୨୦।୭ (ଏଜେନ୍ସି)



ଭାରତ ଓ ଇଂଲଣ୍ଡ ମଧ୍ୟରେ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ଚତୁର୍ଥ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ଟି ଜୁଲାଇ ୨୩ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଚତୁର୍ଥ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଭାରତର ଦୁଇ ଫାଷ୍ଟ ବୋଲର ଆକାଶ ଦୀପ୍ ଓ ଏହି ଟେଷ୍ଟରେ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ଥିବା ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଆହତ ହୋଇଛନ୍ତି। ଉଭୟ ବୋଲର ଓଲ୍ଡ ଟ୍ରାଫୋର୍ଡରେ ଖେଳିବାର ସମ୍ଭାବନା କମ୍। ଦଳରେ ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜ ଏବେ ଫିଟ୍ ବୋଲର ଭାବେ ଖେଳୁଛନ୍ତି। ଆଉ ଦୁଇ ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଓ ଶାର୍ଦ୍ଦୁଳ ଠାକୁର ଥିଲେ ମଧ୍ୟ ଚୟନକର୍ତ୍ତାମାନେ ହରିୟାଣାର ଫାଷ୍ଟ ବୋଲର ଅଂଶୁଲ କାମ୍ବୋଜଙ୍କୁ ଦଳରେ ସାମିଲ କରିଛନ୍ତି। ନିକଟରେ ଭାରତ-ଏ' ଦଳ ପକ୍ଷରୁ କାମ୍ବୋଜ୍ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ୨ଟି ଯାକ ଅନ୍ ଅଫିସିଆଲ ଟେଷ୍ଟ ଖେଳି ୫ଟି ୱିକେଟ ଅକ୍ତିଆର କରିଥିଲେ। ତାଙ୍କ ବୋଲିଂ କଞ୍ଜୁସ ହୋଇଥିଲା। ଦ୍ୱିତୀୟ ଟେଷ୍ଟରେ ତନୁଷ କୋଟିଆନ୍‌ଙ୍କ ସହ ୧୦ମ ୱିକେଟ ଯୋଡିରେ ସେ ୧୪୯ ରନ୍‌ର ଭାଗିଦାରୀ କରିଥିଲେ। ୫୧ ରନ୍ କରିଥିବା କାମ୍ବୋଜ୍‌ଙ୍କୁ ଜଣେ ବୋଲିଂ ଅଲରାଉଣ୍ଡର ଭାବେ ବିବେଚନା କରାଯାଉଛି। ଉପରୋକ୍ତ ଦୁଇ ଖେଳାଳି ଅନ୍‌ଫିଟ୍ ହେଲେ ଓ ବୁମ୍‌ରାଙ୍କୁ ବିଶ୍ରାମ ଦେବାକୁ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଲେ କାମ୍ବୋଜ ଓଲ୍ଡ ଟ୍ରାଫୋର୍ଡରେ ଟେଷ୍ଟ ଡେବ୍ୟୁ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଅନ୍ୟ ପକ୍ଷରେ ୱିକେଟ ରକ୍ଷକ ଋଷଭ ପନ୍ତ୍ ଆହତ ସମସ୍ୟାରୁ ମୁକୁଳିନାହାନ୍ତି। ଆଜି ନୀତୀଶ ରେଡ୍ଡୀ ଟ୍ରେନିଂ ବେଳେ ଆହତ ହେବା ପରେ ଭାରତ ଏବେ ଚତୁର୍ଥ ଟେଷ୍ଟ ଖେଳିବା ପୂର୍ବରୁ ଅଡୁଆରେ ପଡ଼ିଯାଇଛି।

ମାଞ୍ଚେଷ୍ଟରରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟର ଫଳାଫଳ ଭାରତ ସପକ୍ଷରେ ଗଲେ ସିରିଜ୍ ବରାବର ସ୍ଥିତିକୁ ଆସିବ। କିନ୍ତୁ ଇଂଲଣ୍ଡ ସପକ୍ଷରେ ଗଲେ ଭାରତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ପରାଜିତ ହେବ। ଏଭଳି ସ୍ଥିତିରେ କି ପ୍ରକାର ନିଷ୍ପତ୍ତି ନେବାକୁ ପଡ଼ିବ, କିଏ ଦଳରେ ରହିବେ ଓ କିଏ ଦଳରୁ ବାଦ୍ ପଡ଼ିବେ ତାହାକୁ ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଅଡୁଆ ସ୍ଥିତିରେ ପଡ଼ିବା ସ୍ୱାଭାବିକ୍। ଏହା ମଧ୍ୟରେ ଟିମ୍ ମ୍ୟାନେଜମେଣ୍ଟ ନିକଟରେ ଦୁଇଟି ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇପାରେ ବୋଲି କୁହାଯାଇଛି। ପ୍ରଥମଟି ହେଉଛି ଚତୁର୍ଥ ଟେଷ୍ଟରେ ବୁମ୍‌ରାଙ୍କୁ ଖେଳାଇବା। ସେହିପରି ଦ୍ୱିତୀୟଟି ହେଉଛି ଋଷଭ ପନ୍ତ୍‌ଙ୍କୁ ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ଓ ଧ୍ରୁବ ଜୁରେଲଙ୍କୁ ୱିକେଟ କିପର ଭାବେ ଖେଳାଇବା। ଏହା ଫଳରେ ନଂ-୩ରେ କରୁନ ନାୟାରଙ୍କୁ ନେଇ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ତାହା ମଧ୍ୟ ଦୂର ହୋଇପାରିବ। ପନ୍ତ୍ କିମ୍ବା ଜୁରେଲଙ୍କ ମଧ୍ୟରୁ ଜଣେ ଏହି ପୋଜିସନରେ ଖେଳିପାରିବେ।

ଲର୍ଡ୍ସରେ ତୃତୀୟ ଟେଷ୍ଟ ଖେଳିବାବେଳେ ଆକାଶ ଦୀପ୍ ଆହତ ହୋଇଥିଲେ। ଦ୍ୱିତୀୟ ଟେଷ୍ଟରେ ସେ ୧୦ଟି ୱିକେଟ ନେଇ ଭାରତକୁ ଜିତାଇଥିଲାବେଳେ ତୃତୀୟ ଟେଷ୍ଟରେ ସେପରି କିଛି ପ୍ରଭାବ ପକାଇ ପାରି ନ ଥିଲେ। ଏପରିକି ସେ ତାଙ୍କ ବୋଲିଂ ରିଦିମ୍‌ରେ ଖେଳିପାରି ନ ଥିଲେ। ହ୍ୟାରୀ ବ୍ରୁକ୍‌ଙ୍କ ସହ ଧକ୍କା ଖାଇବା ପରେ ତୃତୀୟ ଟେଷ୍ଟରେ ତାଙ୍କର ଭୂମିକା କମିଯାଇଥିଲା। ତୃତୀୟ ଦିନ ନାଇଟ୍‌ୱାଚ୍‌ମ୍ୟାନ୍ ଭାବେ ବ୍ୟାଟିଂ କରିବାକୁ ଆସି ଆଉଟ ହୋଇଥିଲେ। ଚତୁର୍ଥ ଦିନ ପରଠାରୁ ସେ ପଡ଼ିଆ ଛାଡ଼ିବା ପରେ ଆଉ ଖେଳିବାକୁ ଆସି ନ ଥିଲେ। ଏବେ ସେ ଟିମ୍ ସହ ଅଭ୍ୟାସ ଲାଗି ଆଦୌ ଆସି ନ ଥିଲେ। କିନ୍ତୁ ଫିଜିଓଙ୍କ ସେ ଫିଟ୍‌ନେସ ଟ୍ରେନିଂ କରୁଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଅର୍ଶଦୀପ୍ ଜୋରଦାର ଅଭ୍ୟାସ କରୁଥିଲେ। କିନ୍ତୁ ବୋଲିଂ କଲାବେଳେ ଫଲୋ ଥ୍ରୁ'ରେ ଫିଲ୍ଡିଂ କରିବାକୁ ଯାଇ ସେ ତାଙ୍କ ବୋଲିଂ କରୁଥିବା ବାମହାତରେ ଆହତ ପାଇଥିଲେ। ଏହା ପରେ ସେ ହାତ ବ୍ୟାଣ୍ଡେଜ୍ କରି ବସିରହିଥିଲେ। ଏଣୁ ତାଙ୍କର ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଆକାଶ ଦୀପ୍ ଫିଟ୍ ହୋଇ ନ ଥିଲେ ଅର୍ଶଦୀପ ତାଙ୍କ ସ୍ଥାନରେ ଚତୁର୍ଥ ଟେଷ୍ଟରେ ନିଶ୍ଚିତ ଖେଳିଥାନ୍ତେ। କିନ୍ତୁ ଏବେ ଉଭୟ ଖେଳାଳିଙ୍କ ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇବା ପରେ ଭାରତର ଟିମ୍ ମ୍ୟାନେଜ୍‌ମେଣ୍ଟ ଅଡୁଆ ପରିସ୍ଥିତିରେ ପଡ଼ିଛି।

## ପାକିସ୍ତାନ ସହ ଖେଳିବାକୁ ମନାକଲେ ଭାରତୀୟ ଖେଳାଳି

**ଲଣ୍ଡନ,୨୦।୭ (ଏଜେନ୍ସି):** ଇଂଲଣ୍ଡ କ୍ରିକେଟ ବୋର୍ଡ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୱାର୍ଲ୍ଡ ଚାମ୍ପିଅନ୍ସ ଲିଗ୍‌ରେ ପାକିସ୍ତାନ ସହ ଖେଳିବାକୁ ଭାରତର ୬ଜଣ ଖେଳାଳି ମନା କରିବା ଫଳରେ ଉଭୟ ଦେଶ ମଧ୍ୟରେ ହେବାକୁ ଥିବା ମୁକାବିଲାକୁ ବାତିଲ କରିଦିଆଯାଇଛି। ରବିବାର ଏହି ମ୍ୟାଚ୍ ବର୍ମିଂହାମ୍‌ରେ ଖେଳାଯିବାର ଥିଲା। କିନ୍ତୁ ଭାରତୀୟ ଦଳରେ ସାମିଲ ହୋଇଥିବା ଯୁବରାଜ ସିଂହ, ସୁରେଶ ରାଇନା, ହରଭଜନ ସିଂହ, ଇର୍ଫାନ ପଠାନ ଓ ଶିଖର ଧାୱନ ପାକିସ୍ତାନ ସହ ଖେଳିବାକୁ ମନା କରିବାରୁ ଏହି ମ୍ୟାଚ୍‌କୁ ବାତିଲ କରିବାକୁ ପଡ଼ିଛି।

## କର୍ଣ୍ଣାଟକକୁ ଫେରିଲେ କରୁନ୍

**ନୂଆଦିଲ୍ଲୀ,୨୦।୭ (ଏଜେନ୍ସି):** ଭାରତ ପକ୍ଷରୁ ଇଂଲଣ୍ଡରେ ଟେଷ୍ଟ ଖେଳୁଥିବା ବ୍ୟାଟର କରୁନ ନାୟାର ଚଳିତ କ୍ରିକେଟ ଋତୁରେ ନିଜ ରାଜ୍ୟ କର୍ଣ୍ଣାଟକ ପକ୍ଷରୁ ଖେଳିବେ। ସେ ଗତ ଦୁଇବର୍ଷ ହେଲା ବିଦର୍ଭ ପକ୍ଷରୁ ଖେଳିଆସୁଛନ୍ତି। ଅନ୍ୟପକ୍ଷରେ କର୍ଣ୍ଣାଟକର ୩୨ ବର୍ଷୀୟ ଫାଷ୍ଟ ବୋଲର ବାସୁକି କୌଶିକ୍ ଏବର୍ଷ ଗୋଆ ପକ୍ଷରୁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ମୁମ୍ବଇର ଯଶସ୍ୱୀ ଜୟସ୍ୱାଲ ଗୋଆରୁ ଖେଳିବାକୁ ରାଜି ହୋଇଥିଲେ ମଧ୍ୟ ପରେ ମନା କରିଦେଇଛନ୍ତି। ଏହା ମଧ୍ୟରେ ମହମ୍ମଦ୍ ସାମି ବେଙ୍ଗଲ ରଣଜୀ ସମ୍ଭାବ୍ୟ ଦଳରେ ସ୍ଥାନ ପାଇଛନ୍ତି।



## ବିସି ରାୟ ଟ୍ରଫିରେ ଓଡ଼ିଶା ପରାସ୍ତ

**କଟକ,୨୦।୭ (ସମିସ):** ପଞ୍ଜାବର ଅମୃତସରରେ କନିଷ୍ଠ ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ଡଃ ବି.ସି ରାୟ ଟ୍ରଫି ଆଜିଠାରୁ ଆରମ୍ଭ ହୋଇଛି। ଗ୍ରୁପ-ସିରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରଥମ ମୁକାବିଲାରେ ପରାଜୟର ସମ୍ମୁଖୀନ ହୋଇଛି। ଜିଏନଡିୟୁ ସ୍ପୋର୍ଟସ କମ୍ପ୍ଲେକ୍ସରେ କର୍ଣ୍ଣାଟକ ୩-୧ ଗୋଲରେ ବିଜୟ ହାସଲ କରିଛି। ୬ଷ୍ଠ ମିନିଟରେ ଓଡ଼ିଶା ଫରୱାର୍ଡ ଇଶାନ୍ତ କୁମାର ଦଳ ନିମନ୍ତେ ଗୋଲ ଖାତା ଖୋଲିଥିଲେ। ୭ମ ମିନିଟରେ କର୍ଣ୍ଣାଟକର ହୃଷିକେଶ ଚରଣ ଗୋଲ ଦେଇ ସ୍ଥିତି ବରାବର କରିଥିଲେ। ୧୭ତମ ମିନିଟରେ ପଭିଶ କୁମାର ଏବଂ ଅତିରିକ୍ତ ୪୮ତମ ମିନିଟରେ ହୃଷିକେଶଙ୍କ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଯୋଗୁଁ କର୍ଣ୍ଣାଟକ ୩-୧ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧର ଖେଳ ଗୋଲ ଶୂନ୍ୟ ରହିବା ସହ କର୍ଣ୍ଣାଟକ ବିଜୟୀ ହୋଇଥିଲା। ବିବି ରତ୍ନି ସ୍ପୋର୍ଟସ ଷ୍ଟାଡିୟମରେ ୨୨ ତାରିଖରେ ଓଡ଼ିଶା ମଣିପୁର ବିପକ୍ଷରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିବ।



ପ୍ରସିଦ୍ଧ ମାଞ୍ଚେଷ୍ଟର ୟୁନାଇଟେଡ୍ ଖେଳାଳିଙ୍କ ସହ ଭାରତୀୟ କ୍ରିକେଟ ଦଳର ସଦସ୍ୟମାନେ

## ବ୍ୟାଡ୍‌ମିଣ୍ଟନରେ ଭାରତକୁ ଐତିହାସିକ କାଂସ୍ୟ

**ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

**ଭୁବନେଶ୍ୱର, ୨୦।୭ (ସମିସ):** ଜର୍ମାନୀରେ ଚାଲିଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ବ୍ୟାଡ୍‌ମିଣ୍ଟନରେ ଭାରତ ଐତିହାସିକ କାଂସ୍ୟ ପଦକ ବିଜୟୀ ହୋଇଛି। ରବିବାର ଅନୁଷ୍ଠିତ ମିକ୍ସଡ୍ ଟିମ୍ ସେମିଫାଇନାଲରେ ଭାରତ ୨-୩ରେ ଚାଇନିଜ ତାଇପେଇ ନିକଟରୁ ହାରି କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲା। ଏହି ସମ୍ମାନଜନକ କ୍ରୀଡ଼ା ଇତିହାସରରେ ବ୍ୟାଡ୍‌ମିଣ୍ଟନରୁ ଭାରତ ପ୍ରଥମ ପଦକ ବିଜୟୀ ହୋଇଛି। କାଂସ୍ୟ ବିଜୟୀ ଭାରତୀୟ ଦଳର ଅଧିକାଂଶ ବ୍ୟାଡ୍‌ମିଣ୍ଟନ ଖେଳାଳି କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିଲେ। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କିଟ୍‌ରେ ଅଧ୍ୟୟନ କରୁଥିବା ଅନିମେଶ କୁଜୁରଙ୍କ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଅନିମେଶ ୧୦୦, ୨୦୦ ଓ ୪ଗୁଣା ୧୦୦ ମିଟର ରିଲେ ରେସରେ ଭାଗନେବେ।

## ଆନ୍ଧ୍ରପ୍ରଦେଶରେ ଓଡ଼ିଶା ଦଳର ଫିଟ୍‌ନେସ୍ ଶିବିର

**କଟକ,୨୦।୭ (ସମିସ):** ଆନ୍ଧ୍ରପ୍ରଦେଶର ଅନନ୍ତପୁରରେ ଓଡ଼ିଶା କ୍ରିକେଟ ଦଳର ୨୦ ଦିନିଆ ଫିଟ୍‌ନେସ୍ ଓ କୌଶଳ ବିକାଶ ଶିବିର ଅନୁଷ୍ଠିତ ହେବ। ଏଥି ନିମନ୍ତେ ୨୭ ଜଣିଆ ଦଳ ଆନ୍ଧ୍ରପ୍ରଦେଶ ଯାତ୍ରା କରିଛି। ବିସିସିଆଇର ଆଗାମୀ ଘରୋଇ ସିଜନକୁ ଦୃଷ୍ଟିରେ ରଖି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଏଭଳି ପଦକ୍ଷେପ ନେଇଛି। ୨୭ ଜଣିଆ ଦଳରେ ବରିଷ୍ଠ ବର୍ଗର ଖେଳାଳିଙ୍କ ସମେତ ୨୩ ବର୍ଷରୁ କମ୍ ଏବଂ ୧୯ ବର୍ଷରୁ କମ୍ ବୟସ ବର୍ଗର ଖେଳାଳି ମଧ୍ୟ ରହିଛନ୍ତି। ରାଜ୍ୟ ବରିଷ୍ଠ ଦଳର ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ, ସହକାରୀ କୋଚ୍ ସୌରଭ ସେହଗଲ୍, ଫିଜିଓଥେରାପିଷ୍ଟ ରୋନି ଚାଟାର୍ଜୀ, ଗୌରବ କୋଶିକସହ ରତ୍ନାକର ବେହେରା ଦଳ ସହ ଯାତ୍ରା କରିଛନ୍ତି।

## ଏସ୍‌ଆର୍ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ଉଦ୍‌ଯାପିତ

# ଟାଇଟଲ ଜିତିଲେ ଶ୍ରଦ୍ଧାସ୍ମରଣିକା

ଭୁବନେଶ୍ୱର,୨୦।୭ (ସମିସ)]


କଟକର ଶ୍ରଦ୍ଧା ସ୍ମରଣିକା ନନ୍ଦ ଏସ୍‌ଆର୍ ରାଜ୍ୟସ୍ତରୀୟ ସ୍କୁଲ ଓପନ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ପ୍ରତିଯୋଗିତା ଶେଷରେ ଶ୍ରଦ୍ଧା ଓ ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ୍‌ର ଓମ୍ ସ୍ୱରୂପ ପାଢ଼ୀ ସମାନ ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲ୍‌ଜ୍‌ରେ ଶ୍ରଦ୍ଧା ପ୍ରଥମ ଓ ଓମ୍ ରନର୍ସ ଅପ୍ ହୋଇଥିଲେ। ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ସାୟାଂଶ ଦାସ ତୃତୀୟ, ଆୟେଷା ମହାନ୍ତି ଚତୁର୍ଥ, ଡିପିଏସ୍ କଳିଙ୍ଗାର ଆଦଭିକ୍ ଅଦୈତ ସ୍ୱାଇଁ ୫ମ, ମଦର୍ସର ସତ୍ୟମ ସ୍ୱରୂପ ସାହୁ ୬ଷ୍ଠ, ଲଳିତ ରଞ୍ଜନ ସାହୁ ୭ମ, ରୋହିତ ମଲ୍ଲିକ ୮ମ, ସନ୍ ପବ୍ଲିକ୍‌ର ଶିବାଦିତ୍ୟ ଦାସ ୯ମ ଓ ବଲାଙ୍ଗୀର ଓଏଭିର ଦେବାଂଶ ନାଏକ ୧୦ମ ସ୍ଥାନ ଅଧିକାର କରିଛନ୍ତି।

ଓଡ଼ିଶାର ପ୍ରମୁଖ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର୍ ଚେସ ସେଣ୍ଟର ଓ ଡି ୱେଙ୍ଗରବିଡ୍ୱେର୍ବର ମିଳିତ ସହଯୋଗରେ ଏହି ପ୍ରତିଯୋଗିତା ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ ଅବସରରେ ଆଜି କଟକ ତ୍ରିଶୁଳିଆସ୍ଥିତ ସେରେମୋନିୟମ ମଣ୍ଡପ ପରିସରରେ ଆୟୋଜିତ ହୋଇଥିଲା। ଏଥିରେ ସମଗ୍ର ରାଜ୍ୟରୁ ୧୭୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଚାମ୍ପିଅନ୍ ଶ୍ରଦ୍ଧାଙ୍କୁ ଟ୍ରଫି ସହ ୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ମୋଟରେ ୨୦,୦୦୦ ଟଙ୍କାର ପୁରସ୍କାର ଦିଆଯାଇଥିଲା। ବୋଲି ଆୟୋଜକ ଏସ୍‌ଆର ଚେସ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ ସଭାପତି ଶୁଭାଶିଷ ପଟ୍ଟନାୟକ ଜଣାଇଛନ୍ତି।



## ଉଦୟକାନ୍ତ ଜିତିଲେ ରାଜ୍ୟ ସ୍କୁଲ ଓପନ ଚେସ୍

**ଭୁବନେଶ୍ୱର,୨୦।୭ (ସମିସ):** ଉଦୟକାନ୍ତ ନାୟକ ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍କୁଲ ଓପନ ଚେସ୍‌ରେ ଟାଇଟଲ ବିଜୟୀ ହୋଇଛନ୍ତି। ଭୁବନେଶ୍ୱର ଶାନ୍ତନୁ ଇଂଲିଶ ମିଡିୟମ୍ ସ୍କୁଲ୍‌ର ଛାତ୍ର ଶାନ୍ତନୁ ୫ରାଉଣ୍ଡରୁ ୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ସାତ୍ତ୍ୱିକ ସ୍ୱାଇଁ ରନର୍ସ ଅପ୍, ଲୋୟଲା ସ୍କୁଲ୍‌ର ମନୀଷ ମିଶ୍ର ତୃତୀୟ ଓ ସୁମନ ପ୍ରତୀକ ମିଶ୍ର ଚତୁର୍ଥ, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଏଏ ଦାସ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ଦେବାଶିଷ ପାଣିଗ୍ରାହୀ, ସୁଦେଷ୍ଣା ନନ୍ଦ ଓ ବିରଞ୍ଚି ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନଙ୍କୁ ଟ୍ରଫି ସହ ୧୦,୦୦୦ ଟଙ୍କା ଓ ରନର୍ସ ଅପ୍ ସାତ୍ତ୍ୱିକଙ୍କ ଟ୍ରଫି ସହ ୭,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।



## ସୌମ୍ୟଙ୍କୁ ୮୪ତମ ଟାଇଟଲ

**ଭୁବନେଶ୍ୱର,୨୦।୭ (ସମିସ):** ଅନ୍ତର୍ଜାତୀୟ ଚେସ ଦିବସ ଅବସରରେ ନେକ୍ସସ ଏସ୍ପ୍ଲାନେଡ୍ ମଲ ପରିସରରେ ରବିବାର ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ଚାମ୍ପିଅନ ହୋଇଛନ୍ତି। ସୌମ୍ୟଙ୍କର ଏହା ୮୪ତମ ଟାଇଟଲ। ଏହି ଟୁର୍ଣ୍ଣାମେଣ୍ଟରେ ତପନ ବଡମୁଣ୍ଡି, ଫକିର ମାଝୀ, କୌସ୍ତୁଭ ଦାଶ, ମନୀନ୍ଦ୍ର କାର୍ଜୀ ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି।






ଅନ୍ତର୍ଜାତୀୟ ଚେସ ଦିବସ ଅବସରରେ ଭୁବନେଶ୍ୱର ପ୍ରୋଚେସ୍‌ଟା ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ

### ସାହାଣୀ କପ୍-୨୦୨୫

## ଗଜପତିକୁ ହରାଇଲା ଭୁବନେଶ୍ୱର



**କଟକ,୨୦।୭ (ସମିସ):** ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ମିଳିତ ଆନୁକୂଲ୍ୟରେ ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ରାଜ୍ୟର ୪ଟି ଜୋନ୍‌ରେ ଖେଳାଯାଉଛି। ରବିବାର ବ୍ରହ୍ମପୁର ଜୋନରେ ଅନୁଷ୍ଠିତ ଏକ ମ୍ୟାଚରେ ଭୁବନେଶ୍ୱର ୩-୨ ଗୋଲରେ ଗଜପତିକୁ ପରାସ୍ତ କରିଥିଲା। ଖେଳର ଦ୍ୱିତୀୟ ଏବଂ ୩ୟ ମିନିଟରେ ଲଗାତର ଦୁଇଟି ଗୋଲ ସ୍କୋର କରି ଭୁବନେଶ୍ୱର ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ରଖିଥିଲା। ଗୁଲସନ ଡିଗଲ ଏବଂ ବିଘ୍ନେଶ ସାମଲ ପ୍ରଥମ ଦୁଇ ଗୋଲ ଦେଇଥିଲେ। ୨୯ତମ ମିନିଟରେ ଅସୀମ ଡୁଙ୍ଗଡୁଙ୍ଗ୍‌ଙ୍କ ଗୋଲ ସହାୟତାରେ ଭୁବନେଶ୍ୱର ମ୍ୟାଚ୍‌ରେ ସ୍ଥିତିକୁ ସୁଦୃଢ଼ କରିଥିଲା। ତେବେ ଏହାର ଦୁଇ ମିନିଟ ପରେ ଗଜପତି ଗୋଟିଏ ଗୋଲ୍ ସୁଝାଇବାରେ ସକ୍ଷମ ହୋଇଥିଲା। ଖୁଡିଆ ହାଁସଦା ଏହି ଗୋଲ ସ୍କୋର କରିଥିଲେ। ୩-୧ ସ୍ଥିତିରେ ପ୍ରଥମାର୍ଦ୍ଧର ଖେଳ ସମାପ୍ତ ହୋଇଥିଲା। ପଛୁଆ ଥିବା ଗଜପତି ୬୬ତମ ମିନିଟରେ ଦ୍ୱିତୀୟ ଗୋଲ୍ ଦେଇ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନର ବାଟ ଫିଟାଇଥିଲା। ଖୁଡିଆ ଦଳ ନିମନ୍ତେ ଦ୍ୱିତୀୟ ଗୋଲ୍ ମଧ୍ୟ ଦେଇଥିଲେ। ତେବେ ଅବଶିଷ୍ଟ ସମୟରେ କୌଣସି ଗୋଲ ନହେବା ଯୋଗୁଁ ଭୁବନେଶ୍ୱର ବିଜୟ ପଏଣ୍ଟ ହାତେଇଥିଲା। ଏହି ଜୋନରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ନବରଙ୍ଗପୁର ୨-୧ ଗୋଲରେ ଗଞ୍ଜାମକୁ ହରାଇଛି। କେନ୍ଦୁଝର ଜୋନରେ ଅନୁଗୋଳ ୪-୩ ଗୋଲରେ ଯାଜପୁରକୁ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ୧-୦ ଗୋଲରେ କେନ୍ଦୁଝରକୁ, କେନ୍ଦ୍ରାପଡ଼ା ଜୋନରେ କେନ୍ଦ୍ରାପଡ଼ା ୧-୦ ଗୋଲରେ ଜଗତସିଂହପୁରକୁ, ଝାରସୁଗୁଡା ୫-୩ ଗୋଲରେ ଭଦ୍ରକକୁ, ବୌଦ୍ଧ ଜୋନରେ ବଲାଙ୍ଗିର ୩-୧ ଗୋଲରେ ନୂଆପଡାକୁ ହରାଇଥିବା ବେଳେ ବୌଦ୍ଧ ଏବଂ କନ୍ଧମାଳ ବିପକ୍ଷ ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS